# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୯/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 19/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 144 | ମୂଲ୍ୟ₹୭/-





**ଅଞ୍ଜଳୀଙ୍କ ଅପରାଜିତ ଶତକ**

ଅନୁଗୋଳ ବିପକ୍ଷ ଆନ୍ତଃଜିଲା ମହିଳା କ୍ରିକେଟ ମ୍ୟାଚରେ ଅପରାଜିତ ୧୩୬ରନ କରିଛନ୍ତି ବାଲେଶ୍ୱରର ଅଞ୍ଜଳୀ ସିଂ।

୧୪

୦୨

**ମଡେଲଙ୍କୁ ଡେଟ୍ କରୁଛନ୍ତି ହନି ସିଂ**

ଖ୍ୟାତନାମା ରାପର ହନି ସିଂ ଇଜିପ୍ଟର ମଡେଲ ଏମା ବାକରଙ୍କ ପ୍ରେମରେ ପଡ଼ି ଡେଟ୍ କରୁଥିବା ଚର୍ଚ୍ଚା ହେଉଛି।












କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ବାଲେଶ୍ୱର ଜିଲା ଫକୀରମୋହନ ଗୋଲେଇଠାରେ ଏକ ବିରାଟକାୟ କଦମ୍ବ ଗଛ ଉପୁଡି ବାଇକ୍ ଉପରେ ପଡ଼ିଛି।

# ବାଦ୍ ପଡ଼ିଥିବା ବ୍ୟକ୍ତି ପାଇବେ ରାଶନକାର୍ଡ

## ସବୁ ଜିଲାପାଳଙ୍କୁ ସଚିବଙ୍କ ନିର୍ଦ୍ଦେଶ

## ୨୨ ସୁଦ୍ଧା ରାଶନକାର୍ଡ ପ୍ରସ୍ତୁତି ଶେଷକର

ଭୁବନେଶ୍ୱର,୧୮।୪
(ରବିନାରାୟଣ ଜେନା)

ରାଜ୍ୟରେ ଦୀର୍ଘଦିନ ଧରି ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଖୁବ୍‌ଶୀଘ୍ର ରାଶନକାର୍ଡ ଯୋଗାଇ ଦିଆଯିବ। ଏଥିପାଇଁ ବ୍ଲକ ଓ ପୌରାଞ୍ଚଳସ୍ତରରେ ପ୍ରସ୍ତୁତି ପ୍ରକ୍ରିୟା ଚଳିତମାସ ୨୨ ସୁଦ୍ଧା ଶେଷ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଜିଲାପାଳଙ୍କୁ ପ୍ରମୁଖ ସଚିବ ସଞ୍ଜୟ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ନିୟମ-୨୦୨୦ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ଯୋଗାଇ ଦିଆଯିବ। ଏଥିପୂର୍ବରୁ ଥିବା ରାଶନକାର୍ଡ ତାଲିକାରେ ନୂତନ ସଦସ୍ୟଙ୍କୁ ଯୋଡ଼ିବା ପାଇଁ ସରକାର ଏକ ଚୂଡ଼ାନ୍ତ ତାଲିକାକୁ ଅନୁମୋଦନ ଦେଇଛନ୍ତି । ତେଣୁ ଏପ୍ରିଲ ୨୨ ପୂର୍ବରୁ ନୂଆ ରାଶନ କାର୍ଡ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ସଞ୍ଜୟ ଉକ୍ତ ପତ୍ରରେ ଦର୍ଶାଇଛନ୍ତି।

ପତ୍ରରେ ସେ ଆହୁରି ଉଲ୍ଲେଖ କରିଛନ୍ତି, ଏପ୍ରିଲ ୨୨ ପୂର୍ବରୁ ସଂପୃକ୍ତ ବିଡିଓ ଏବଂ ପୌରାଞ୍ଚଳ ଅଧିକାରୀଙ୍କୁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରଦାନ କରାଯିବ। ରାଶନ କାର୍ଡରେ ଥିବା ସମସ୍ତ ସଦସ୍ୟଙ୍କ ଇ-କେୱାଇସି ଯାଞ୍ଚ ପରେ ଡ୍ରାଫ୍ଟ ପ୍ରାଥମିକତା ତାଲିକା (ଡିପିଏଲ)ରେ ରଖାଯାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚୂଡ଼ାନ୍ତ ପ୍ରାଥମିକତା ତାଲିକାକୁ ସ୍ଥାନାନ୍ତର କରିବା ଏବଂ ରାଶନ କାର୍ଡ ପିଡିଏଫ୍ ସୃଷ୍ଟି କରିବା ପାଇଁ ଆରସିଏମ୍ଏସ୍‌ରେ ବ୍ଲକ/ୟୁଏଲ୍‌ବି ସ୍ତରର ବିଡିଓଙ୍କୁ ସ୍ୱୀକୃତି ଦିଆଯାଇଛି । ସେମାନେ ଉକ୍ତ ତାଲିକା ଅନୁଯାୟୀ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ କରିବେ। ଯାଞ୍ଚ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ବିଡିଓ ଓ ମହାନଗର ନିଗମ ଆୟୁକ୍ତ ତଥା ପୌରାଞ୍ଚଳ ଅଧିକାରୀ ରଙ୍ଗିନ ରାଶନ କାର୍ଡ ପିଡିଏଫ୍ ଫର୍ମାଟରେ ପ୍ରସ୍ତୁତ କରିବେ। ସେଥିରେ ରାଶନକାର୍ଡର ଉଭୟ ପକ୍ଷରେ ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ରହିବ। ତେବେ ନୂତନ ରାଶନକାର୍ଡ ପିଛା ୧୦ଟଙ୍କା ଲେଖାଏ ଖର୍ଚ୍ଚ କରାଯାଇ ପାରିବ। ଏହାବାଦ୍ ରାଶନକାର୍ଡର ଲମ୍ବ, ଓସାର ଏବଂ ମୋଟେଇ କେତେ ରହିବ ତାହା ନେଇ ନିର୍ଦ୍ଦିଷ୍ଟ ସ୍ପେସିଫିକେଶନ ପ୍ରଦାନ କରାଯାଇଛି। ନୂତନ ରାଶନ କାର୍ଡ ବଣ୍ଟନ ପୂର୍ବରୁ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ପୌର କମିଶନର/କାର୍ଯ୍ୟକାରୀ ଅଧିକାରୀମାନେ ୨୦ ଏପ୍ରିଲ ସୁଦ୍ଧା ରାଶନ କାର୍ଡ ତାଲିକାକୁ ଲାମିନେଟ୍ କରିବେ। ରାଶନ କାର୍ଡର ଲାମିନେଟେଡ୍ କପିଗୁଡ଼ିକ ବ୍ଲକ କିମ୍ବା ପୌରାଞ୍ଚଳ କାର୍ଯ୍ୟାଳୟରେ ରଖାଯିବ । ଏହାପରେ ଜିଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂତନ ରାଶନ କାର୍ଡ ବଣ୍ଟନ କରାଯିବ।

# ୟୁପିଆଇ କାରବାରରେ ଲାଗିବନି ଜିଏସ୍‌ଟି

ନୂଆଦିଲ୍ଲୀ,୧୮।୪

୨,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ୟୁପିଆଇ କାରବାର ଉପରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଲଗାଇବାକୁ ସରକାର ବିଚାର କରୁଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ଏହା ସମ୍ପୂର୍ଣ୍ଣ ଭୁଲ୍, ବିଭ୍ରାନ୍ତିକର ଏବଂ ଭିତ୍ତିହୀନ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ପାଇଁ ସରକାରଙ୍କ ପାଖରେ ସେଭଳି କୌଣସି ପ୍ରସ୍ତାବ ନାହିଁ। ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, କେତେକ ଆପ୍ ଜରିଆରେ ହେଉଥିବା ପେମେଣ୍ଟ ସମ୍ପର୍କିତ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ (ଏମ୍‌ଡିଆର୍) ଉପରେ ଜିଏସ୍‌ଟି ଲାଗୁ ହେଉଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ୨୦୧୯ ଡିସେମ୍ବର ୩୦ରେ ଏକ ଗେଜେଟ ବିଜ୍ଞପ୍ତି ଜରିଆରେ ପର୍ସନ ଟୁ ମର୍ଚ୍ଚାଣ୍ଟ (ପି୨ଏମ୍) ୟୁପିଆଇ କାରବାରରୁ ଏମ୍‌ଡିଆର୍ ହଟାଇଦେଇଥିଲେ, ଯାହା ୨୦୨୦ ଜାନୁଆରୀରେ କାର୍ଯ୍ୟକାରୀ ହୋଇଥିଲା। ସେବେଠାରୁ ୟୁପିଆଇ କାରବାର ଉପରେ କୌଣସି ଏମ୍‌ଡିଆର୍ ଲାଗୁ ହେଉନାହିଁ। ଫଳ ସ୍ୱରୂପ ଏଭଳି କାରବାରରେ ଜିଏସ୍‌ଟି ଲାଗୁ ହେଉନାହିଁ। ୟୁପିଆଇ ଜରିଆରେ ସରକାର ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରଣାଳୟ କହିଛି।

**ଆଜିର ସମ୍ପାଦକୀୟ**

**ଖୋଲା ବିଦ୍ରୋହ**

**ଆଜିର ମନ୍ତବ୍ୟ**

"ବାଂଲାଦେଶୀ ଅଧିକାରୀମାନେ ପଶ୍ଚିମବଙ୍ଗ ହିଂସା ସମ୍ପର୍କରେ ମନ୍ତବ୍ୟ ନ ଦେଇ ନିଜ ଦେଶରେ ଥିବା ସଂଖ୍ୟାଲଘୁଙ୍କ ଅଧିକାରର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ।

**-ରଣଧୀର ଜୟସ୍ୱାଲ, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**

# ମଧ୍ୟସ୍ଥତାରୁ ଓହରିଯିବ ଆମେରିକା

**ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ୧୧୪୯ ଦିନ ଧରି ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦ୍ୟମ କରିଆସୁଛନ୍ତି। ତେବେ ଆଗାମୀ କିଛିଦିନ ଭିତରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ନେଇ ସ୍ପଷ୍ଟ ସଙ୍କେତ ନ ମିଳିଲେ ଟ୍ରମ୍ପ ପିସ୍ ଡିଲ୍ ମଧ୍ୟସ୍ଥତାରୁ ଓହରିଯିବେ ବୋଲି ଶୁକ୍ରବାର ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଚେତାବନୀ ଦେଇଛନ୍ତି। ରିପବ୍ଲିକାନ୍ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ନିର୍ବାଚିତ ହେଲେ ହ୍ୱାଇଟ୍ ହାଉସ୍‌କୁ ଯିବାର ୨୪ ଘଣ୍ଟା ମଧ୍ୟରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିଦେବେ ବୋଲି ପ୍ରଚାରବେଳେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଜାନୁଆରୀ ୨୦ରେ ସେ ପୁନର୍ବାର ଶପଥ ନେବା ପରେ ସାମ୍ନାରେ ଥିବା ନାନା ଅସୁବିଧାକୁ ଦେଖି ଏହି ଅବଧିକୁ ଏପ୍ରିଲ/ମେ' ପର୍ଯ୍ୟନ୍ତ ବଢ଼ାଇଦେଇଥିଲେ। ଭୂରାଜନୈତିକ ସଙ୍କଟଗୁଡ଼ିକର ସମାଧାନ ପାଇଁ ହ୍ୱାଇଟ୍ ହାଉସ୍ ପକ୍ଷରୁ ଚାଲିଥିବା ଉଦ୍ୟମକୁ ଅନ୍ତର୍ଜାତୀୟ ସ୍ତରରେ ଉପଯୁକ୍ତ ସମ୍ମାନ ମିଳୁ ନ ଥିବାରୁ ଫ୍ରାନ୍ସ ଗସ୍ତରେ ଥିବା ରୁବିଓ ୟୁରୋପୀୟ ନେତାଙ୍କ ସହ ଆଲୋଚନା ପରେ ଏପରି ମନ୍ତବ୍ୟ ଦେଇଥିବା କୁହାଯାଉଛି।**

## ରୁଷିଆ-ୟୁକ୍ରେନ୍ ଶାନ୍ତି ଚୁକ୍ତି ନେଇ ସ୍ପଷ୍ଟ ସଙ୍କେତ ନ ମିଳିଲେ

ପ୍ୟାରିସ୍,୧୮।୪

ପ୍ୟାରିସ୍‌ରେ ୟୁରୋପୀୟ ଏବଂ ୟୁକ୍ରେନୀୟ ନେତାଙ୍କ ସହ ବୈଠକ ପରେ ରୁବିଓ କହିଛନ୍ତି, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଶେଷ ପାଇଁ ଆମେରିକା ଆଉ ଅନେକ ସପ୍ତାହ ଓ ମାସ ଧରି ଉଦ୍ୟମ ଜାରି ରଖିବ ନାହିଁ। ତେଣୁ ବର୍ତ୍ତମାନ ଜରୁରୀ ଭିତ୍ତିରେ ସବୁକିଛି ନିର୍ଦ୍ଧାରଣ କରିବାକୁ ପଡ଼ିବ। ରାଷ୍ଟ୍ରପତି ଟ୍ରମ୍ପ ଶାନ୍ତି ଚୁକ୍ତି ନିମନ୍ତେ ବହୁ ସମୟ ଦେଲେଣି। ଏଥିରେ ବିଳମ୍ବ ହେଉଥିବାରୁ ସେ କ୍ଷୁବ୍ଧ। ଏହା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ବାସ୍ତବରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ଯାହା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକତା ରହିଛି। ରୁବିଓଙ୍କ ଏହି ଚେତାବନୀ ଏଭଳି ସମୟରେ ଆସିଛି, ଯେତେବେଳେ କି ୟୁକ୍ରେନ୍ ସହ ଆମେରିକାର ଆଲୋଚନାରେ କିଛିଟା ଅଗ୍ରଗତି ପରିଲକ୍ଷିତ ହୋଇଛି।

ଗୁରୁବାର ଟ୍ରମ୍ପ କହିଥିଲେ, ଆସନ୍ତା ସପ୍ତାହରେ କିଭ୍ ସହ ଡିଲ୍ ହେବା ନେଇ ସେ ଆଶାବାଦୀ, ଯାହାକି ୟୁକ୍ରେନ୍‌ର ମିନେରାଲ୍ସ (ଖଣିଜ ସମ୍ପଦ) ପାଇବା ପାଇଁ ଆମେରିକାକୁ ସୁଯୋଗ ଦେବ। ଏହା ପୂର୍ବରୁ ଫେବୃଆରୀରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ୱାଶିଂଟନ୍ ଗସ୍ତ କରିଥିଲେ। ସେତେବେଳେ ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସରେ ଆମେରିକା ପ୍ରତିପକ୍ଷ ଟ୍ରମ୍ପ ଓ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ସହ ହୋଇଥିବା ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ଓଲଟା ଜେଲେନ୍‌ସ୍କି ଓ ଟ୍ରମ୍ପଙ୍କ ମଧ୍ୟରେ କଥା କଟାକଟି ଓ ଯୁକ୍ତିତର୍କରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା।

ଟ୍ରମ୍ପଙ୍କ ଶାନ୍ତି ଉଦ୍ୟମ ଉପରେ ପ୍ୟାରିସ୍‌ରେ ହୋଇଥିବା ଉଚ୍ଚସ୍ତରୀୟ ଆଲୋଚନାରେ ୟୁରୋପୀୟ ଶକ୍ତିମାନେ ମଧ୍ୟ ସାମିଲ ହୋଇଥିଲେ। ବୈଠକରେ ରୁବିଓ କହିଥିଲେ, ଶାନ୍ତି ପାଇଁ ଆମେରିକା ପକ୍ଷରୁ ପ୍ରସ୍ତୁତ ରୂପରେଖ 'ଉତ୍ସାହଜନକ ଗ୍ରହଣୀୟତା' ହାସଲ କରିଛି। ଜେଲେନ୍‌ସ୍କିଙ୍କ ଅଫିସ ଆଲୋଚନାକୁ ଗଠନମୂଳକ ଓ ସକାରାତ୍ମକ ବୋଲି ଅଭିହିତ କରିଛି। ଅନ୍ୟପକ୍ଷେ ହ୍ୱାଇଟ୍ ହାଉସ୍ ପକ୍ଷରୁ ସମାଧାନ କରାଯିବାକୁ ଥିବା ଭୂରାଜନୈତିକ ଚ୍ୟାଲେଞ୍ଜଗୁଡ଼ିକୁ ଉପଯୁକ୍ତ ସମ୍ମାନ ମିଳୁ ନ ଥିବାରୁ ରୁବିଓଙ୍କ ଉପରୋକ୍ତ ମନ୍ତବ୍ୟକୁ ନୈରାଶ୍ୟର ପ୍ରତିଫଳନ ବୋଲି ମନେକରାଯାଉଛି। ବୈଠକ ପରେ ରୁବିଓ ଆହୁରି କହିଛନ୍ତି, ଭବିଷ୍ୟତ କାର୍ଯ୍ୟପନ୍ଥାର ରୂପରେଖ ସ୍ଥିର ଦିଗରେ ଆଲୋଚନାରୁ ସକାରାତ୍ମକ ଦିଗ ମିଳିଛି। ସେହିପରି ଆସନ୍ତା କିଛିଦିନ ମଧ୍ୟରେ ଲଣ୍ଡନରେ ଏକ ଅନୁରୂପ ବୈଠକ ହେବ ବୋଲି ଫ୍ରାନ୍ସର ଅଧିକାରୀମାନେ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଯୁଦ୍ଧ ଶେଷ ପାଇଁ ଟ୍ରମ୍ପ ପ୍ରଶାସନର ଅନେକ ଉଦ୍ୟମ ପରେ ମଧ୍ୟ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଅସ୍ତ୍ରବିରତି ସଫଳ ହୋଇପାରି ନାହିଁ। ଟ୍ରମ୍ପଙ୍କ ଏ ସଂକ୍ରାନ୍ତ ପ୍ରସ୍ତାବକୁ ୟୁକ୍ରେନ୍‌ର ସମର୍ଥନ ମିଳିଥିଲେ ମଧ୍ୟ ମସ୍କୋ ଏହାକୁ ବିରୋଧ କରିଆସିଛି। ୟୁକ୍ରେନ୍‌ର ସାମରିକ କାର୍ଯ୍ୟକଳାପ ଏବଂ ପାଶ୍ଚାତ୍ୟର ଅସ୍ତ୍ର ଯୋଗାଣ ବନ୍ଦ ହେଲେ ଅସ୍ତ୍ରବିରତି ସମ୍ଭବ ବୋଲି ମସ୍କୋ ଯୁକ୍ତି ବାଢ଼ିଛି। ତେବେ ରୁଷିଆର ଏଭଳି ଦାବିକୁ ୟୁକ୍ରେନ୍ ପ୍ରତ୍ୟାଖ୍ୟାନ କରିଛି। ଇତିମଧ୍ୟରେ ରୁଷିଆ ପକ୍ଷରୁ ୟୁକ୍ରେନୀୟ ସହରଗୁଡ଼ିକ ଉପରେ ଅନେକ ଥର ଆକ୍ରମଣ କରାଯାଇଛି।

କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି, ଶାନ୍ତି ସମାଧାନ ଦିଗରେ କିଛିଟା ଅଗ୍ରଗତି ହୋଇସାରିଛି। କିନ୍ତୁ ୱାଶିଂଟନ୍‌ର ସର୍ତ୍ତଗୁଡ଼ିକ ମାନିନେବା ମସ୍କୋ ପାଇଁ ସହଜ ନୁହେଁ। ରୁଷିଆ ନିଜ ସ୍ୱାର୍ଥଗୁଡ଼ିକୁ ସୁନିଶ୍ଚିତ କରି ସଂଘର୍ଷର ସମାଧାନ ଚାହେଁ। ଆମେରିକା ସହ ଆଲୋଚନା ଦ୍ୱାର ଖୋଲା ରହିଛି ବୋଲି ପେସ୍କୋଭ୍ ସୂଚନା ଦେଇଛନ୍ତି।

# ନର୍ସଙ୍କୁ ପିଟି ହତ୍ୟା

## ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

ପାଟଣାଗଡ,୧୮।୪
(ସଚ୍ଚିଦାନନ୍ଦ ମହାକୁର)


ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅନ୍ତର୍ଗତ ନେହେନାବନ୍ଦ ଗାଁରେ ଯୌତୁକ ପାଇଁ ଜଣେ ନର୍ସଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ନର୍ସ ଜଣକ ହେଲେ କ୍ରିଷ୍ଣା ସାହୁ (୨୫)। କ୍ରିଷ୍ଣାଙ୍କ ବାପା ମୋହନ ଠାକୁର ସାହୁ ଶୁକ୍ରବାର ସନ୍ଧ୍ୟାରେ ପାଟଣାଗଡ଼ ଥାନାର ଦ୍ୱାରସ୍ଥ ହୋଇ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ନ୍ୟାୟ ଭିକ୍ଷା କରିଛନ୍ତି । ପୋଲିସ କ୍ରିଷ୍ଣାଙ୍କ ସ୍ୱାମୀ ଆଲୋକ ସାହୁଙ୍କୁ ଗିରଫ କରିଛି।

କ୍ରିଷ୍ଣାଙ୍କ ଘର ବରଗଡ଼ ଜିଲା ଗାଇସିଲେଟ ଥାନା ଅଧୀନ ସେମେଲ ମୁଣ୍ଡା ଗାଁରେ। ସେ ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ନର୍ସ ଭାବେ କାମ କରୁଥିଲେ। ୨୦୨୨ରେ କ୍ରିଷ୍ଣା ନେହେନାବନ୍ଦ ଗାଁର ଆଲୋକଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୨ ବର୍ଷର ଶିଶୁପୁତ୍ର ଅଛି। କିନ୍ତୁ ବିବାହର କିଛି ଦିନ ପରେ ଯୌତୁକ ପାଇଁ ତାଙ୍କୁ ନିର୍ଯାତନା ଦିଆଯାଇ ଆସୁଥିଲା। ଗୁରୁବାର ରାତିରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରି କି ସ୍ୱାମୀ ମାଡ଼ ମାରୁଥିବାର ଏକ ଭିଡିଓ କରି କ୍ରିଷ୍ଣା ତାଙ୍କ ମା'ଙ୍କ ପାଖକୁ ପଠାଇଥିଲେ। ଶୁକ୍ରବାର ସକାଳେ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବା ଦର୍ଶାଇ ଶାଶୁଘର ଲୋକେ କ୍ରିଷ୍ଣାଙ୍କୁ ଚିକିତ୍ସା ପାଇଁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ଝିଅକୁ ହତ୍ୟା କରାଯାଇଛି ବୋଲି କ୍ରିଷ୍ଣାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଡାକ୍ତରଖାନା ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି। ଏନେଇ (ନଂ୧୧୭/୨୫)ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି।

# ୟୁନେସ୍କୋ ୱାର୍ଲ୍ଡ ରେଜିଷ୍ଟର ମେମୋରିରେ ଭଗବଦ୍ ଗୀତା, ନାଟ୍ୟଶାସ୍ତ୍ର

ନୂଆଦିଲ୍ଲୀ,୧୮।୪

ୟୁନେସ୍କୋ (ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ)ର ୱାର୍ଲ୍ଡ ରେଜିଷ୍ଟର ମେମୋରି ବା ବିଶ୍ୱ ପଞ୍ଜିକା ସ୍ମୃତି ପୁସ୍ତକରେ ଭାରତର ୨ଟି ପୁରାତନ ଶାସ୍ତ୍ର ପ୍ରଥମ ଶତାବ୍ଦୀର ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ପଞ୍ଚମ ଶତାବ୍ଦୀର ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ସ୍ଥାନ ପାଇଛି। ଏହା ସାରା ବିଶ୍ୱରେ ରହିଥିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ୟୁନେସ୍କୋ ମେମୋରି ଅଫ୍ ଦି ୱାର୍ଲ୍ଡ ରେଜିଷ୍ଟରରେ ଗୀତା ଏବଂ ନାଟ୍ୟଶାସ୍ତ୍ର ସାମିଲ ହେବା ଆମ କାଳାତୀତ ଜ୍ଞାନ ଏବଂ ସମୃଦ୍ଧ ସଂସ୍କୃତିକୁ ବୈଶ୍ୱିକ ସ୍ୱୀକୃତି। ଗୀତା ଏବଂ ନାଟ୍ୟଶାସ୍ତ୍ର ବହୁ ଶତାବ୍ଦୀ ଧରି ସଭ୍ୟତା ଓ ଚେତନାକୁ ପରିପୁଷ୍ଟ କରିଆସିଛି। ସେଗୁଡ଼ିକର ଅନ୍ତର୍ଦୃଷ୍ଟି ସାରା ବିଶ୍ୱକୁ ପ୍ରେରଣା ଦେଇଆସିଥିବା ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଗୀତା ଏବଂ ନାଟ୍ୟଶାସ୍ତ୍ର ୟୁନେସ୍କୋର ୱାର୍ଲ୍ଡ ରେଜିଷ୍ଟର ମେମୋରିରେ ସ୍ଥାନ ପାଇବା ସମ୍ପର୍କରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଶୁକ୍ରବାର ଘୋଷଣା କରିବା ସହ ଭାରତର ସଭ୍ୟତା ଐତିହ୍ୟ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଥିଲେ। ଏହି ୨ ପୁସ୍ତକକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଅନ୍ତର୍ଜାତୀୟ ପଞ୍ଜିକାରେ ଭାରତର ୧୪ ଅଭିଲେଖ ସାମିଲ ହେଲାଣି। ହିନ୍ଦୁ ଗ୍ରନ୍ଥ ଭଗବଦ୍ ଗୀତା ମହାଭାରତ ପୁରାଣର ଅଂଶବିଶେଷ। ସେହିପରି ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଭାରତୀୟ ନାଟ୍ୟକଳା ଏବଂ ପ୍ରଦର୍ଶନ କଳାର ଏକ ମୌଳିକ ସଂସ୍କୃତ ପୁସ୍ତକ, ଯାହାକୁ ପଞ୍ଚମ ବେଦ ବୋଲି ବିବେଚନା କରାଯାଏ।





**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-10: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୨୧।୦୪।୨୦୨୫ରିଖ (ସୋମବାର) ଦିନ ସମ୍ବଲପୁର ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୧୮।୦୪।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

**ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0092/2526

## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତଙ୍କୁ ଶଗଡ଼ରେ ବାନ୍ଧି ଉଲଗ୍ନ ପରେଡ୍ କରାଇଲେ

ବାହରିଚ୍,୧୮।୪

ଉତ୍ତରପ୍ରଦେଶର ବାହରିଚ୍ ଜିଲାର ବିଶ୍ୱେଶ୍ୱରଗଞ୍ଜ ଅଞ୍ଚଳରେ ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ ଶଗଡ଼ରେ ବାନ୍ଧି ମାଡ଼ ମାରିବା ସହ ଉଲଗ୍ନ ପରେଡ୍ କରାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ପୋଲିସ ଶୁକ୍ରବାର ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ମାଡ଼ ହେଉଥିବାବେଳେ ସେଠାରେ ଉପସ୍ଥିତ ଲୋକେ ଆକ୍ରମଣକାରୀଙ୍କୁ ପ୍ରୋତ୍ସାହିତ କରୁଥିବା ଦେଖାଯାଇଛି। ଭିଡିଓ ପ୍ରସାରିତ ହେବା ପରେ ଅଭିଯୁକ୍ତଙ୍କ ପରିବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଚିହ୍ନଟ ହୋଇ ନ ଥିବା କେତେଜଣ ବ୍ୟକ୍ତିଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ଏତଲା ଦାଏର କରିଛି।

### ଖଲିସ୍ତାନୀ ଆତଙ୍କବାଦୀ ହରପ୍ରୀତ୍ ସିଂ ଆମେରିକାରେ ଗିରଫ



ପଞ୍ଜାବରେ ୧୪ ଗ୍ରେନେଡ୍ ଆକ୍ରମଣର ମାଷ୍ଟରମାଇଣ୍ଡ

ଚଣ୍ଡିଗଡ଼,୧୮।୪

ପଞ୍ଜାବରେ ୧୪ ଗ୍ରେନେଡ୍ ଆକ୍ରମଣର ମାଷ୍ଟରମାଇଣ୍ଡ ଖଲିସ୍ତାନୀ ଆତଙ୍କବାଦୀ ହରପ୍ରୀତ୍ ସିଂ ଓରଫ ହାପି ପାସିଆଙ୍କୁ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ଆମେରିକାରେ ଗିରଫ କରିଛି। ତାଙ୍କୁ ଶୁକ୍ରବାର କାଲିଫର୍ନିଆର ସାକ୍ରାମେଣ୍ଟୋରୁ ଗିରଫ କରାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ହରପ୍ରୀତ୍ ୨ଟି ଅନ୍ତର୍ଜାତୀୟ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ। ସେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିବା ଏଫ୍‌ବିଆଇ କହିଛି। ଗିରଫରୁ ବର୍ତ୍ତିବା ପାଇଁ ସେ ବର୍ନର ଫୋନ୍ ଏବଂ ଏନ୍‌କ୍ରିପ୍ଟେଡ୍ ଆପ୍ଲିକେଶନ ବ୍ୟବହାର କରୁଥିଲେ। ମାନବ ଚାଲାଣ ନେଟ୍‌ୱର୍କ ସହାୟତାରେ ହରପ୍ରୀତ୍ ୨୦୨୧ରେ ମେକ୍ସିକୋ ସୀମା ଦେଇ ଆମେରିକାରେ ବେଆଇନ ଭାବେ ପ୍ରବେଶ କରିଥିଲେ। ୨୦୨୦ରେ ସେ ଜାଲ୍ ପରିଚୟ ବଳରେ ବ୍ରିଟେନ୍ ପଳାଇଯାଇ ସେଠାରେ ଅନେକ ମାସ ରହିଥିଲେ। ଗତ ୭ ମାସ ମଧ୍ୟରେ ପଞ୍ଜାବରେ ୧୬ଟି ଗ୍ରେନେଡ୍ ଆକ୍ରମଣ ହୋଇଛି, ଯେଉଁଥିରେ ପୋଲିସ ପୋଷ୍ଟ, ଧର୍ମୀୟ ସ୍ଥାନ, ରାଜନେତାଙ୍କ ବାସଭବନ ଆଦିକୁ ଟାର୍ଗେଟ କରାଯାଇଥିଲା। ତଦନ୍ତ ବେଳେ ସେଥିରୁ ୧୪ଟି ଆକ୍ରମଣରେ ହରପ୍ରୀତ୍ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା।

# କୋହଳ ହେବ ଆଣବିକ ଆଇନ

## ବିଦେଶୀ କମ୍ପାନୀଙ୍କୁ ଭାରତ ଆଣି ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ଆଣବିକ ଶକ୍ତି ଉତ୍ପାଦନ ଲକ୍ଷ୍ୟ



ନୂଆଦିଲ୍ଲୀ,୧୮।୪(ରଏଟର୍ସ/ଏଜେନ୍ସି)

ଭାରତ ନିଜ ଆଣବିକ ଉତ୍ତରଦାୟିତ୍ୱ ଆଇନରେ ସଂଶୋଧନ ଆଣି ଏହାକୁ କୋହଳ କରିବାକୁ ଯୋଜନା ଚଳାଇଛି। ପୂର୍ବରୁ ଦେଶର କୌଣସି ଆଣିବିକ ପ୍ଲାଣ୍ଟରେ ଦୁର୍ଘଟଣା ଘଟିଲେ ଏହାର ପରିଚାଳକ ଓ ଯନ୍ତ୍ରାଂଶ ଯୋଗାଣକାରୀ ସଂସ୍ଥାକୁ ଅସୀମିତ ଭାବେ ଦାୟୀ କରାଯାଉଥିଲା। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ମଧ୍ୟ ସମ୍ପୃକ୍ତ କମ୍ପାନୀକୁ ଦେବାକୁ ପଡୁଥିଲା। କିନ୍ତୁ ନୂଆ ଆଇନ ବଳରେ ଦୁର୍ଘଟଣାଜନିତ କ୍ଷତିପୂରଣ ରାଶିକୁ ସୀମିତ ରଖାଯିବ ବୋଲି ୩ଟି ସରକାରୀ ସୂତ୍ରରୁ ପ୍ରକାଶ। ୨୦୪୭ ସୁଦ୍ଧା ଭାରତର ଆଣବିକ ଶକ୍ତି ଉତ୍ପାଦନ କ୍ଷମତାରେ ୧୨ ଗୁଣା ବୃଦ୍ଧି ଘଟାଇ ଏହାକୁ ୧୦୦ ଗିଗାୱାଟ୍‌ରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷ୍ୟ ରଖିଥିବାରୁ କେନ୍ଦ୍ର ସରକାର ଉକ୍ତ ଆଇନକୁ କୋହଳ କରିବାକୁ ଯାଉଛନ୍ତି। ଏହାଦ୍ୱାରା ଆମେରିକା ସହ ବାଣିଜ୍ୟ ଚୁକ୍ତି ଏବଂ ଭାରତ ଉପରେ ଲଗାଯାଇଥିବା ଉଚ୍ଚ ଟାରିଫ୍ ନେଇ ଦେଶର ମୂଲଚାଲ କ୍ଷମତା ବୃଦ୍ଧିପାଇବ ବୋଲି ମଧ୍ୟ ଆଶା କରାଯାଉଛି। ମିଳିଥିବା ସୂଚନାନୁସାରେ, ପ୍ରଧାନମନ୍ତ୍ରୀଙ୍କ ଅଧୀନରେ ଥିବା ପରମାଣୁ ଶକ୍ତି ବିଭାଗ ପକ୍ଷରୁ ଏକ ଚିଠା ଆଇନ ପ୍ରସ୍ତୁତ କରାଯାଇଛି। ସେଥିରେ ସିଭିଲ୍ ନ୍ୟୁକ୍ଲିୟର ଲିଆବିଲିଟି ଡେମେଜ୍ ଆକ୍ଟ, ୨୦୧୦ର ଏକ ଗୁରୁତ୍ୱପୂର୍ଣ୍ଣ କ୍ଲଜ୍‌କୁ ବାଦ୍ ଦିଆଯାଇଛି। ଏହି କ୍ଲଜ୍ ଜରିଆରେ ପୂର୍ବରୁ ଦୁର୍ଘଟଣା ଘଟିଲେ ଅସୀମିତ କ୍ଷତିପୂରଣ ଦେବାକୁ ସପ୍ଲାୟର୍ସଙ୍କୁ ବାଧ୍ୟ କରାଯାଉଥିଲା। ଗତ ୧୧ ତାରିଖରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ମନ୍ତ୍ରଣାଳୟ ସମର୍ଥିତ କାର୍ନେଜି ଇଣ୍ଡିଆ ଗ୍ଲୋବାଲ ଟେକ୍ନୋଲୋଜି ସମିଟ୍‌ରେ ଏନେଇ ସୂଚନା ଦେଇଥିଲେ। ଜୟଶଙ୍କର କହିଥିଲେ, ଭାରତକୁ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ବେସାମରିକ ପରମାଣୁ ଶକ୍ତି ଉତ୍ପାଦନ କରିବାକୁ ହେଲେ ଆଣବିକ ଉତ୍ତରଦାୟିତ୍ୱ ଆଇନରେ ସଂଶୋଧନ ଆଣିବାକୁ ପଡ଼ିବ। କାରଣ ପ୍ରଚଳିତ ଆଇନ ଭାରତରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ପାଇଁ ଅନ୍ତର୍ଜାତୀୟ ପରମାଣୁ ଉଦ୍ୟୋଗୀଙ୍କ ମନରେ ବିଶ୍ୱାସ ସୃଷ୍ଟି କରିପାରି ନାହିଁ। ନୂଆ ଆଇନ ଅନେକ ବୈଶ୍ୱିକ ପ୍ଲେୟାର୍ସଙ୍କୁ ଭାରତକୁ ଆକର୍ଷିତ କରିବ। ସେହିପରି ଡେଲୋଇଟ୍ଟେ ସାଉଥ୍ ଏସିଆର ଚିଫ୍ ଗ୍ରୋଥ୍ ଅଫିସର ଦେବାଶିଷ ମିଶ୍ର କହିଛନ୍ତି, ଭାରତକୁ ସ୍ୱଚ୍ଛ ଆଣବିକ ଶକ୍ତି ଆବଶ୍ୟକ। ଉତ୍ତରଦାୟିତ୍ୱକୁ ସୀମିତ କରାଗଲେ ଏଦିଗରେ ସଫଳତା ମିଳିପାରେ।

ଅନ୍ତର୍ଜାତୀୟ ଆଇନ ଓ ନିୟମଗୁଡ଼ିକ ସହ ତାଳଦେଇ ଏ ସଂକ୍ରାନ୍ତ ସଂଶୋଧିତ ବିଧେୟକ ଜୁଲାଇରେ ହେବାକୁ ଥିବା ଆସନ୍ତା ମୌସୁମୀ ଅଧିବେଶନରେ ସଂସଦରେ ଉପସ୍ଥାପନ କରାଯାଇପାରେ ବୋଲି କୁହାଯାଉଛି। କେନ୍ଦ୍ର ସରକାର ଏହି ବିଧେୟକ ଗୃହୀତ କରାଇବା ପାଇଁ ଆଶାବାଦୀ ଥିବା ସୂତ୍ରରୁ ଜଣାପଡ଼ିଛି। ବିଶ୍ଳେଷକମାନେ କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ କାରବାର ୨୦୩୦ ସୁଦ୍ଧା ୧୯୧ ବିଲିୟନ୍ ଡଲାରରୁ ୫୦୦ ବିଲିୟନ୍ ଡଲାରକୁ ବୃଦ୍ଧି ଘଟାଇବା ସକାଶେ ଟ୍ରେଡ୍ ଡିଲ୍ ସ୍ୱାକ୍ଷର କ୍ଷେତ୍ରରେ ମଧ୍ୟ ଏହା ସହାୟକ ହେବ। ଅନ୍ୟପକ୍ଷେ ଆଟମିକ୍ ଏନର୍ଜି ବିଭାଗ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ବର୍ତ୍ତମାନର ଆଇନ ୧୯୮୪ରେ ଭୋପାଳ ଗ୍ୟାସ୍ ଟ୍ରାଜେଡି ଦ୍ୱାରା ପ୍ରଭାବିତ। ଏହି ଦୁର୍ଘଟଣାରେ ୫,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଆମେରିକାର ବହୁରାଷ୍ଟ୍ରୀୟ କମ୍ପାନୀ ୟୁନିୟନ୍ କାର୍ବାଇଡ୍ କର୍ପୋରେଶନ୍ ମାଲିକାନାରେ ଥିବା ଉକ୍ତ ଫ୍ୟାକ୍ଟ୍ରିରେ ଘଟିଥିବା ଟ୍ରାଜେଡି ବିଶ୍ୱର ସବୁଠୁ ଘାତକ ଶିଳ୍ପ ଦୁର୍ଘଟଣା ଭାବେ ପରିଚିତ। ଏହି ମାମଲାରେ ୟୁନିୟନ୍ କାର୍ବାଇଡ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯୮୯ରେ ୪୭୦ ନିୟୁତ ଡଲାର କ୍ଷତିପୂରଣ ଦେବାକୁ ରାଜି ହୋଇଥିଲା। ୨୦୦୮ରେ ଭାରତ ଓ ଆମେରିକା ଆଣବିକ ସହଯୋଗ ବୃଦ୍ଧି ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ପାଶ୍ଚାତ୍ୟର କମ୍ପାନୀଗୁଡ଼ିକ ପାଇଁ ବର୍ତ୍ତମାନ ଭାରତରେ ଏକ ବଡ଼ ମାର୍କେଟ ଥିବାରୁ ସରକାର ଆଇନରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ସଂଶୋଧନ ପରେ ଆଣବିକ ଶକ୍ତି ପ୍ରକଳ୍ପଗୁଡ଼ିକରେ ଭାରତୀୟ କମ୍ପାନୀଗୁଡ଼ିକର ସହଭାଗିତା ମଧ୍ୟ ବଢ଼ିପାରେ।

### ଏନ୍‌ଇଇଟି, ଡିଲିମିଟେଶନକୁ ନେଇ ଶାହାଙ୍କୁ ଷ୍ଟାଲିନ୍‌ଙ୍କ ଚ୍ୟାଲେଞ୍ଜ



ତିରୁଭାଲୁର,୧୮।୪

ତାମିଲନାଡୁର ଶାସକ ଦଳ ଡିଏମ୍‌କେ ଅନ୍ୟ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏନ୍‌ଇଟି ଏବଂ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ (ଡିଲିମିଟେଶନ) ଭଳି ପ୍ରସଙ୍ଗକୁ ବାରମ୍ବାର ଉଠାଉଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମାଲୋଚନା କରିଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶୁକ୍ରବାର ଶାହାଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିବା ସହ ଶାସନରେ ଥିବା ଲୋକେ ଯଦି ବାସ୍ତବରେ ଧ୍ୟାନ ହଟାଉଥାନ୍ତି, ତେବେ ଏହାର ସ୍ପଷ୍ଟ ଉତ୍ତର ରାଜ୍ୟବାସୀଙ୍କୁ ଦେବାକୁ ଆହ୍ୱାନ ଦେଇଛନ୍ତି। ଏନ୍‌ଇଇଟି ସମେତ କେନ୍ଦ୍ରର ତ୍ରିଭାଷୀ ନୀତି, ୱାକ୍‌ଫ ସଂଶୋଧନ ଆଇନ କିମ୍ବା ଲୋକ ସଭା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ନିର୍ଦ୍ଦିଷ୍ଟ କେତେକ ରାଜ୍ୟକୁ ପ୍ରଭାବିତ କରିବ। ତାମିଲନାଡୁ ଏବଂ ଡିଏମ୍‌କେ ଏହାର ଦୃଢ଼ ବିରୋଧ କରିଆସୁଥିବା ଷ୍ଟାଲିନ୍ କହିଛନ୍ତି।

### କୈଳାସ ମାନସରୋବର ଯାତ୍ରା ଖୁବ୍‌ଶୀଘ୍ର

ନୂଆଦିଲ୍ଲୀ,୧୮।୪

କୈଳାସ ମାନସରୋବର ଯାତ୍ରା ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ପୂର୍ବ ଲଦାଖର ଡେମ୍‌ଚୋକ୍ ଏବଂ ଡେପ୍‌ସାଙ୍ଗରୁ ସୈନ୍ୟ ପ୍ରତ୍ୟାହାର ପରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିର ଅନ୍ୟତମ ଉଦ୍ୟମ ସ୍ୱରୂପ ମାନସରୋବର ଯାତ୍ରା ପାଇଁ ଭାରତ ଏବଂ ଚାଇନା ପ୍ରସ୍ତୁତି ଚଳାଇଛନ୍ତି। ଏଥିସହ ଉଭୟ ପାର୍ଶ୍ୱରୁ ବିମାନସେବା ଆରମ୍ଭ ଲାଗି ନୂଆଦିଲ୍ଲୀ ଓ ବେଜିଂ ନୀତିଗତ ଭାବେ ସହମତ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। କୈଳାସ ମାନସରୋବର ଯାତ୍ରା ନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବାକୁ ଯାଉଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୦ରୁ ଏହି ଯାତ୍ରା ବନ୍ଦ ରହିଥିଲା।

## ୟେମେନ୍ ଅଏଲ ପୋର୍ଟରେ ଆମେରିକାର ଆକ୍ରମଣ: ୭୪ ମୃତ

ଦୁବାଇ,୧୮।୪

ୟେମେନ୍‌ରେ ହୁତି ବିଦ୍ରୋହୀଙ୍କ କବଳରେ ଥିବା ଏକ ଅଏଲ୍ ପୋର୍ଟକୁ ଟାର୍ଗେଟ କରି ଆମେରିକା ଏୟାରଷ୍ଟ୍ରାଇକ୍ କରିବାରୁ ୭୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୭୧ ଜଣ ଆହତ ହୋଇଛନ୍ତି। ବିଦ୍ରୋହୀଙ୍କୁ ଟାର୍ଗେଟ କରି ଆମେରିକାର ଏହା ଗୋଟିଏ ଦିନରେ ସବୁଠୁ ଘାତକ ଆକ୍ରମଣ ବୋଲି ହୁତି ପକ୍ଷରୁ ଶୁକ୍ରବାର କୁହାଯାଉଛି। ମାର୍ଚ୍ଚ ୧୫ରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହୁତି ବିଦ୍ରୋହୀଙ୍କୁ ଟାର୍ଗେଟ କରି ନୂଆ ଅଭିଯାନ ଆରମ୍ଭ କରିଥିବାବେଳେ କେତେଜଣଙ୍କ ମୃତ୍ୟୁ ଘଟିଲାଣି, ସେନେଇ କୌଣସି ସୂଚନା ଜାରି କରିନାହିଁ। ଇତିମଧ୍ୟରେ ହୁତି ବିଦ୍ରୋହୀ ଆକ୍ରମଣ ଅଞ୍ଚଳକୁ ନିଜ ନିୟନ୍ତ୍ରଣ ମଧ୍ୟରେ ରଖିଥିବାବେଳେ ଆକ୍ରମଣ ସମ୍ପର୍କିତ ସୂଚନା ସର୍ବସାଧାରଣରେ ପ୍ରକାଶ କରୁନାହାନ୍ତି। ଗୁରୁବାର ରାତିରେ ରାସ ଇସା ଅଏଲ୍ ପୋର୍ଟ ଉପରେ ଆମେରିକା ସବୁଠୁ ବଡ଼ ଆକ୍ରମଣ କରିଥିବାରୁ ହୁତି ଗ୍ରୁପ୍ ତୁରନ୍ତ ଏହାର ତଥ୍ୟ ପ୍ରଘଟ କରିଛି।



ୟେମେନ୍ ଅଏଲ ପୋର୍ଟରେ ଆମେରିକାର ବୋମାମାଡ଼ ଯୋଗୁ ଗାଡ଼ିଗୁଡିକ ଜଳୁଛି।

## ମେ’ରେ ସ୍ପେସ୍‌ଷ୍ଟେଶନ ଯିବେ ଭାରତୀୟ ମହାକାଶଚାରୀ

ନୂଆଦିଲ୍ଲୀ,୧୮।୪

ଭାରତୀୟ ମହାକାଶଚାରୀ ଶୁଭ୍ରାଂଶୁ ଶୁକ୍ଲା ମେ’ ମାସରେ ସ୍ପେସ୍ ଷ୍ଟେଶନ ଯିବେ। କୌଣସି ଭାରତୀୟ ମହାକାଶଚାରୀ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯିବା ଏହା ପ୍ରଥମ ଘଟଣା। ଗଗନଯାତ୍ରୀ ବା ଅଷ୍ଟ୍ରୋନଟ୍-ଡେଜିଗ୍‌ନେଟ୍ ଗ୍ରୁପ୍ କ୍ୟାପ୍‌ଟେନ ଶୁଭ୍ରାଂଶୁ ଶୁକ୍ଲା ଆସନ୍ତା ମାସରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯିବା ଭାରତର ମହାକାଶ ଯାତ୍ରାରେ ଏକ ବଡ଼ ସଫଳତା ହେବ ବୋଲି କେନ୍ଦ୍ର ସରକାର କହିଛନ୍ତି। ମହାକାଶ ଯାତ୍ରାରେ ଭାରତ ଏକ ନୂଆ ଅଧ୍ୟାୟ ଲେଖିବାକୁ ଯାଉଥିବା କେନ୍ଦ୍ର ମହାକାଶ ଓ ପ୍ରଯୁକ୍ତି ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଗ୍ରୁପ୍ କ୍ୟାପ୍‌ଟେନ୍ ଶୁକ୍ଲା ଗତ ୮ ମାସ ହେଲା ନାସା ଏବଂ ଘରୋଇ କମ୍ପାନୀ ଆକ୍ସିଅମ୍ ସ୍ପେସ୍‌ରେ ପ୍ରଶିକ୍ଷଣ ନେଉଥିଲେ। ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ସ୍ପେସ୍‌ଏକ୍ସ କ୍ରିଉ ଡ୍ରାଗନ୍ କ୍ୟାପ୍‌ସୁଲ୍‌ରେ ବ୍ୟବସାୟିକ ମିଶନରେ ଶୁକ୍ଲା ଯିବା ପାଇଁ ଭାରତ ୬୦ ନିୟୁତ ଡଲାର ପୈଠ କରିଛି।



ଶୁଭ୍ରାଂଶୁ ଶୁକ୍ଲା

## ବିଫଳ ସମ୍ପର୍କରୁ ଆପରାଧିକ ଆଇନର ଦୁରୁପଯୋଗ ବଢ଼ୁଛି

ନୂଆଦିଲ୍ଲୀ,୧୮।୪




### ବଳାତ୍କାର ଅଭିଯୁକ୍ତଙ୍କୁ ଜାମିନ ଦେଲେ ଆଲ୍ଲାହାବାଦ ହାଇକୋର୍ଟ

ଆଲ୍ଲାହାବାଦ ହାଇକୋର୍ଟ ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରି ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ବିଫଳ ସମ୍ପର୍କ ଯୋଗୁ ଆପରାଧିକ ଆଇନର ଦୁରୁପଯୋଗ ବଢୁଥିବା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଜଣେ ମହିଳାଙ୍କ ଦ୍ୱାରା ଅଣାଯାଇଥିବା ବଳାତ୍କାର ଅଭିଯୋଗ ଉପରେ ୪୨ ବର୍ଷୀୟ ଅଭିଯୁକ୍ତ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୯ ତାରିଖରେ ଜଷ୍ଟିସ୍ କ୍ରିଷନ ପହଲ ଏହାର ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି। ବିଚାରପତି କହିଛନ୍ତି, ଦଣ୍ଡବିଧି ଆଇନ ଜରିଆରେ ବ୍ୟକ୍ତିଗତ ମତଭେଦ ଏବଂ ଭାବନାତ୍ମକ ଅସହମତିକୁ ଆପରାଧିକ ରଙ୍ଗ ଦିଆଯାଉଛି। ବିଶେଷକରି ଅନ୍ତରଙ୍ଗ ସମ୍ପର୍କ ଭାଙ୍ଗିଯିବା ପରେ ଏଭଳି ଏତଲା ସଂଖ୍ୟା ବଢୁଥିବା ଅଦାଲତ ଟିପ୍ପଣୀ ଦେଇଛନ୍ତି।


୨୫ ବର୍ଷୀୟା ମହିଳା ବଳାତ୍କାର ଅଭିଯୋଗ ଆଣିବା ପରେ ୪୨ ବର୍ଷୀୟ ବିବାହିତ ଅଭିଯୁକ୍ତ ଜଣକ ଗତବର୍ଷ ଗିରଫ ହୋଇଥିଲେ। ଅଭିଯୁକ୍ତ ବଳାତ୍କାର ସମୟର ଭିଡିଓ ରେକର୍ଡିଂ କରି ତାଙ୍କୁ ବ୍ଲାକ୍‌ମେଲ କରୁଥିଲେ। ବିବାହ ପ୍ରତିଶ୍ରୁତି ଦେଇ ସେ ତାଙ୍କୁ ପରେ ଛାଡ଼ିଦେଇଥିବା ମହିଳା ଅଭିଯୋଗରେ ଦର୍ଶାଇଥିଲେ। ଅନ୍ୟପକ୍ଷରେ ବ୍ୟକ୍ତିଜଣକ ବିବାହିତ ଜାଣି ମଧ୍ୟ ମହିଳା ତାଙ୍କ ସହ ସମ୍ପର୍କ ରଖିଥିବା ଅଭିଯୁକ୍ତଙ୍କ ଓକିଲ କହିଥିଲେ। ଶୁଣାଣି ପରେ ହାଇକୋର୍ଟ କହିଥିଲେ, ଆପରାଧିକ ମାମଲା ନୁହେଁ ବରଂ ସମ୍ପର୍କ ଭାଙ୍ଗିବା ପରବର୍ତ୍ତୀ ଭାବନାତ୍ମକ ଅସହମତିର ପରିଣାମ। ଉଭୟଙ୍କ ମଧ୍ୟରେ ସହମତିରେ ସମ୍ପର୍କ ରହିଥିଲା ଏବଂ ଅଭିଯୁକ୍ତଙ୍କ ବୈବାହିକ ଜୀବନ ସମ୍ପର୍କରେ ମହିଳା ଜଣକ ଅବଗତ ଥିଲେ। ସୂଚନାଯୋଗ୍ୟ, ଗତ ମାସରେ ଆଲ୍ଲାହାବାଦ ହାଇକୋର୍ଟ ଜଣେ ଛାତ୍ରୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଥିଲେ। ପୀଡ଼ିତା ନିଜେ ସମସ୍ୟାକୁ ଡାକିଥିଲେ ବୋଲି ଅଦାଲତ କହିଥିଲେ। ମାର୍ଚ୍ଚ ୧୭ରେ ଅନ୍ୟ ଏକ ମାମଲାରେ ଉକ୍ତ ହାଇକୋର୍ଟ କହିଥିଲେ, ନାବାଳିକାଙ୍କ ସ୍ତନ ସ୍ପର୍ଶ କରିବା ଏବଂ ପାଇଜାମା ଡୋରି ଖୋଲିବା ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ପରିସରକୁ ଆସୁନାହିଁ। ଏହି ବିବାଦୀୟ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଲଗାଇଥିଲେ।

## ଫୁରସତ୍

### ତୁର୍କୀର ବଧିର ଗାଁ

#### ଅଧାରୁ ଅଧିକ ଲୋକ ଶୁଣି ପାରନ୍ତିନି

ଆଙ୍କାରା



ବିଶ୍ୱରେ ଏପରି ଏକ ଗ୍ରାମ ରହିଛି, ଯେଉଁଠାରେ ଅଧିକାଂଶ ଲୋକ ଶୁଣିପାରନ୍ତି ନାହିଁ। ଫଳରେ ଏହି ଗ୍ରାମକୁ ବଧିର ଗ୍ରାମ ବୋଲି ମଧ୍ୟ କୁହାଯାଏ। ଏହି ଗାଁ ତୁର୍କୀରେ ଅବସ୍ଥିତ। ତେବେ ଗ୍ରାମର ଅଧିକାଂଶ ଲୋକ ବଧିର ହେବାର କାରଣ ମଧ୍ୟ ଖୁବ୍ ଅଦ୍ଭୁତ, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ବ୍ରିଟିଶ ଖବରକାଗଜ ଦି ସନ୍‌ର ରିପୋର୍ଟ ଅନୁଯାୟୀ, ତୁର୍କୀରେ ଥିବା ଏହି ଗାଁର ନାମ ହେଉଛି ଗୋକୋୱା। ଏହି ଗ୍ରାମରେ ପ୍ରାୟ ୧୨୦ ଲୋକ ବସବାସ କରନ୍ତି, ତେବେ ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ବଧିର ଅଟନ୍ତି। ତେଣୁ ଗ୍ରାମର ଲୋକେ ପରସ୍ପର ସହ ସାଙ୍କେତିକ ଭାଷାରେ କଥା ହୋଇଥାନ୍ତି। ଗାଁର ଲୋକମାନେ ବଧିର ହେବା ପଛରେ ଏକ ରହସ୍ୟ ମଧ୍ୟ ରହିଛି। ବାସ୍ତବରେ, ଏହି ଗାଁର ଯୁବପିଢ଼ିମାନେ ଅନ୍ୟତ୍ର ବିବାହ ନ କରି ପରିବାର ମଧ୍ୟରେ ହିଁ ସମ୍ପର୍କ ସ୍ଥାପନ କରି ପିଲା ଜନ୍ମ କରିଥାନ୍ତି। ଏହି କାରଣରୁ ଗତ ଅନେକ ଦଶନ୍ଧି ଧରି ଗାଁର ଲୋକଙ୍କ ଜିନ୍‌ରେ ବଧିରତାର ସମସ୍ୟା ରହିଆସୁଥିବା ନେଇ ଧାରଣା ରହିଛି। ଅନ୍ୟପକ୍ଷରେ, ଏଠାରେ ରହୁଥିବା ଲୋକମାନେ ବହୁ ଦଶନ୍ଧି ଧରି ମଇଳା ପାଣି ପିଉଥିବାରୁ ଗାଁର ଅନେକ ଲୋକ ବଧିର ଥିବା ନେଇ କେତେଜଣ ବିଶେଷଜ୍ଞ ଦାବି କରିଛନ୍ତି।

ଦୂଷିତ ଜଳ ପାନ ହେତୁ ଗୋକୋୱା ଗ୍ରାମର ଅଧିକାଂଶ ଲୋକ ବଧିର ହେବା ସହ ବିଭିନ୍ନ ଶାରୀରିକ ଅକ୍ଷମତାରେ ପୀଡ଼ିତ ଅଛନ୍ତି ବୋଲି ସ୍ଥାନୀୟ ମେୟର କହିଛନ୍ତି। ଗ୍ରାମବାସୀ ରହମୀ ସିଜନ୍ କହିଛନ୍ତି, ସମ୍ପ୍ରତି ଗୋକୋୱା ଗ୍ରାମରେ ପ୍ରାୟ ୪୮ ଜଣ ଭିନ୍ନକ୍ଷମ ରହିଛନ୍ତି ଏବଂ ସେମାନେ ତୁରନ୍ତ ଚିକିତ୍ସା ସେବା ଆବଶ୍ୟକ କରୁଛନ୍ତି। ଏଠାକାର ଲୋକଙ୍କ ମଧ୍ୟରେ ଅକ୍ଷମତା ଚରମ ସୀମାରେ ପହଞ୍ଚିଛି, ଯେଉଁଥିରୁ ସେମାନଙ୍କୁ ମୁକ୍ତ କରିବା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି। ସାତୀ ତୋଜୁନ୍ ନାମକ ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି, ତାଙ୍କର ୩ଟି ଝିଅ ଅଛନ୍ତି, ସେମାନେ ସମସ୍ତେ ମୂକ ଏବଂ ବଧିର। ସେହିପରି ତାଙ୍କ ଭାଉଜଙ୍କ ପିଲାମାନଙ୍କର ମଧ୍ୟ ଶାରୀରିକ ସମସ୍ୟା ରହିଛି। ଗ୍ରାମବାସୀଙ୍କ ଅବସ୍ଥା ପ୍ରତି ସରକାର ଏବଂ ସ୍ଥାନୀୟ ପ୍ରଶାସନ ଆଗ୍ରହ ଦେଖାଉ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ସାଙ୍କେତିକ ଭାଷାରେ କଥାବାର୍ତ୍ତା ଯୋଗୁ, ସେମାନେ ନିଜ ନିଜ ମଧ୍ୟରେ କଥା ହୋଇପାରନ୍ତି, କିନ୍ତୁ ବାହାର ଲୋକଙ୍କ ସହ କଥା ହେବା ସେମାନଙ୍କ ପାଇଁ ଖୁବ୍ କଷ୍ଟସାଧ୍ୟ ହୋଇଥାଏ ବୋଲି ତୋଜୁନ୍ କହିଛନ୍ତି।

### ମଡେଲଙ୍କୁ ଡେଟ୍ କରୁଛନ୍ତି ହନି ସିଂ

ମୁମ୍ବାଇ

ପ୍ରେମରେ ପଡ଼ିଛନ୍ତି ଖ୍ୟାତନାମା ରାପର ହନି ସିଂ। ଜଣେ ମଡେଲଙ୍କ ପାଇଁ ତାଙ୍କ ହୃଦୟରେ ଗୀଟାର, ବୀଣା ବାଜିବା ଆରମ୍ଭ ହୋଇଛି। ସଂଗୀତ ଦୁନିଆରେ ଜବରଦସ୍ତ କମ୍‌ବ୍ୟାକ୍ ପରେ ଏବେ ବ୍ୟକ୍ତିଗତ ଜୀବନରେ ବି ଦୁଇପାଦ ଆଗକୁ ବଢ଼ିଛନ୍ତି। ଇଜିପ୍ଟର ମଡେଲ ଏମା ବାକରଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ନିକଟରେ ଏମାଙ୍କ ଜନ୍ମଦିନ ପଡ଼ିଥିଲା। ବାସ୍, ପ୍ରେମିକାଙ୍କ ଏହି ଦିନକୁ ସ୍ୱତନ୍ତ୍ର କରିବାକୁ ଅଣ୍ଟା ଭିଡିଥିଲେ ହନି। ଜନ୍ମଦିନ ପାର୍ଟି ଦେବା ସହ ହାତରେ ଏମାଙ୍କ ହାତ ଧରି ସମୟ ବିତାଉଥିବା ନଜର ଆସିଛି। ଏହାର ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ଘୂରିବୁଲୁଛି। ଏଣୁ ପ୍ରଶଂସକ ସମ୍ପର୍କରେ ଏକ ପ୍ରକାର ମୋହର ମାରୁଛନ୍ତି। ପୂର୍ବରୁ ହନିଙ୍କ ନାମ ନୁସରତ ଭରୁଚାଙ୍କ ସହ ଯୋଡ଼ା ଯାଇଥିଲା। ଦୁହେଁ ପ୍ରେମରେ ପଡ଼ିଥିବା କୁହାଯାଇଥିଲା। ହେଲେ ଏନେଇ ଦୁହେଁ ମୁହଁ ଖୋଲି ନ ଥିଲେ। ଏବେ ହନିଙ୍କ ନାମ ଏମାଙ୍କ ସହ ଯୋଡ଼ାଯିବା ପରେ ସେସବୁ ଗୁଜବ ପରି ମନେ ହେଉଛି। ତେବେ ଏ ସମ୍ପର୍କ ବିବାହ ଯାଏ ପହଞ୍ଚିବ କି ନାହିଁ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।






# ନାବାଳକଙ୍କ ଶରୀରରେ ପଶିଗଲା ଗ୍ରୀଲ୍

## ଏମ୍ସରେ ଅସ୍ତ୍ରୋପଚାର ପରେ ବାହାରିଲା

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଭୁବନେଶ୍ୱରରେ ଶୁକ୍ରବାର ହୋଇଥିବା କାଳବୈଶାଖୀ ସମୟରେ ଏକ ଅଘଟଣ ଘଟିଛି। ଶୁଖାଯାଇଥିବା ଲୁଗା ଆଣିବାକୁ ପାଚେରି ଡେଇଁ ଯାଉଥିବାବେଳେ ଜଣେ ୧୩ ବର୍ଷୀୟ ନାବାଳକଙ୍କ ଗୋଡ ଖସି ଯିବାରୁ ସେ ଗେଟ୍‌ରେ ଲାଗିଥିବା ଲୁହା ଗ୍ରୀଲ୍ ଉପରେ ପଡିଯାଇଥିଲେ। ଫଳରେ ତାଙ୍କ କାଖ ପଟୁ ଏକ ଲୁହା ଗ୍ରୀଲ ପଶି କାନ୍ଧ ପଟେ ବାହାରି ଯାଇଥିଲା। ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ଦିନ ପ୍ରାୟ ୧ଟା ୧୫ରେ ଏହି ଛାତିଥରା ଘଟଣା ଘଟିଥିବାବେଳେ ସୋହନ ଦିଗଲ ନାମକ ନାବାଳକ ଆହତ ହୋଇଛନ୍ତି। ତାଙ୍କ ଘର କନ୍ଧମାଳରେ ହୋଇଥିବାବେଳେ ସେ ଆଇଆର୍‌ସି ଭିଲେଜରେ ପରିବାର ସହ ରୁହନ୍ତି। ଶରୀରରେ ଗ୍ରୀଲ ପଶିଯିବାରୁ ସୋହନ ଜୀବନ ବଞ୍ଚାଇବାକୁ ଚିତ୍କାର କରିଥିଲେ। ଏହାପରେ ପରିବାର ଲୋକଙ୍କ ସହ ଆଖପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ସେକ୍ରେଟାରିଏଟ୍ ଫାୟାର ଟିମ୍ ଘଟଣାସ୍ଥଳରେ ପହଞ୍ଚି


ସୋହନ ଦିଗଲଙ୍କ କାନ୍ଧରେ ଲୁହା ଗ୍ରୀଲ୍ ପଶି ରହିଛି।

ଗ୍ୟାସ କଟର ସାହାଯ୍ୟରେ ଗ୍ରୀଲକୁ କାଟିଥିଲେ। ଏହାପରେ ଶରୀରରେ ଗ୍ରୀଲ ଲାଗିଥିବା ଅବସ୍ଥାରେ ଆହତ ସୋହନଙ୍କୁ ଆମ୍ବୁଲାନ୍ସରେ ଏମ୍ସର ପେଡିଆଟ୍ରିକ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ସେଠାରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର ଆରମ୍ଭ କରିଥିଲା। ତେବେ ବହୁ ସମୟ ଧରି ସତର୍କତାର ସହ ଲୁହା ଗ୍ରୀଲକୁ ବାହାର କରାଯିବା ପରେ ସୋହନକୁ ଆଇସିୟୁଇରେ ରଖାଯାଇ ଚିକିତ୍ସା ଚାଲିଥିବା ସୂଚନା ମିଳିଛି।

# ତାଣ୍ଡବ ରଚିଲା କାଳବୈଶାଖୀ

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ଜିଲାରେ କାଳବୈଶାଖୀ ତାଣ୍ଡବ ରଚିଛି। ବିଭିନ୍ନ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଶୁକ୍ରବାର ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସମେତ ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା ଆଦି ଅଧିକାଂଶ ଜିଲାରେ ଝଡ଼ବର୍ଷା ହୋଇଥିଲା। ଗଛ ଭାଙ୍ଗିବା ସହ ଫସଲ ନଷ୍ଟ ହୋଇଛି। ପ୍ରବଳ ବର୍ଷା ହେବାରୁ ବିଶେଷକରି ସହରାଞ୍ଚଳରେ ରାସ୍ତାରେ ପାଣିଜମି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବହୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିବାବେଳେ କେତେକ ସ୍ଥାନରେ କାଳବୈଶାଖୀଜନିତ ଦୁର୍ଘଟଣା ଦେଖିବାକୁ ମିଳିଥିଲା। ଭୁବନେଶ୍ୱରରେ ସର୍ବାଧିକ ୨୬.୨ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ପୁରୀରେ ୨୬ ମି.ମି., ଢେଙ୍କାନାଳରେ ୨୩.୮, ବାଲେଶ୍ୱରରେ ୧୮, ବାରିପଦାରେ ୧୧, ପାରଳାଖେମୁଣ୍ଡିରେ ୬.୬, କଟକରେ ୩.୨ ଏବଂ ଖୋର୍ଦ୍ଧାରେ ୨.୦ ମି.ମି. ବର୍ଷା ହୋଇଛି। ୨୫ ତାରିଖ ପର୍ଯ୍ୟନ୍ତ ଏପରିସ୍ଥିତି ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯିବା ସହ ଏନେଇ ସତର୍କ ସୂଚନା

## ୨୫ ପର୍ଯ୍ୟନ୍ତ ସତର୍କତା



ଜାରି କରାଯାଇଛି। ଶନିବାର ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବାନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହିସବୁ ଜିଲାରେ ବିଶେଷକରି ଅପରାହ୍ଣ ଓ ସନ୍ଧ୍ୟାରେ ଝଡ଼ପବନର ଆଶଙ୍କା ରହିଛି। ସେହିପରି କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାର କିଛି ସ୍ଥାନରେ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ଅପରାହ୍ଣ ଓ ସନ୍ଧ୍ୟାରେ ଘଡ଼ଘଡ଼ି ସହ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ଏହିସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ମଧ୍ୟ ଶନିବାର ବର୍ଷା ହୋଇପାରେ। ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ସହ ବିଜୁଳି ଘଡ଼ଘଡ଼ି ବିପଦ ରହିଥିବାରୁ ଏହି ଜିଲାଗୁଡ଼ିକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କୌଣସି ପ୍ରକାର ତ୍ରୁଟି ନ ହେବାକୁ କାର୍ଯ୍ୟ କର: ମୁଖ୍ୟ ଶାସନ ସଚିବ

## ଶୃଙ୍ଖଳିତ ରଥଯାତ୍ରା ପାଇଁ ବୈଠକ

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

ଚଳିତ ବର୍ଷ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ଣରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ପ୍ରସ୍ତୁତିରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ, ସେଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପୋଲିସ ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସହ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ, ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ତଥା ପୋଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଆଭାସି ମାଧ୍ୟମରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ, ପୁରୀର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ଏଥିପାଇଁ ଟ୍ରାଫିକ୍ ପରିଚାଳନା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ, ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ତଥା ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ବିଭାଗର ସେବା ପ୍ରଦାନକୁ ସମନ୍ୱିତ କରିବା ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ଯାନବାହନ ପାଇଁ ପାର୍କିଂ ବ୍ୟବସ୍ଥା, ରଥ ନିର୍ମାଣ ପ୍ରସ୍ତୁତି, ରଥଟଣା ସୁବ୍ୟବସ୍ଥା, ବଡ଼ଦାଣ୍ଡର ପ୍ରସ୍ତୁତି, ବିଶିଷ୍ଟ ଅତିଥିମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

# ରେଳ ଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଭୁବନେଶ୍ୱର ମଞ୍ଚେଶ୍ୱର ରେଳଷ୍ଟେଶନର ପ୍ଲାଟ୍‌ଫର୍ମ ନଂ.୪ ରେଳ ଧାରଣରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ତାଙ୍କ ପରିଚୟ ଓ ମୃତ୍ୟୁର କାରଣ ଜଣାପଡି ନାହିଁ। ଟ୍ରେନ ଧକ୍କା କିମ୍ବା ଚଳନ୍ତା ଟ୍ରେନରୁ ଖସି ପଡିବାରୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ଅନୁମାନ କରାଯାଉଛି। ଖବରପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲର ବ୍ୟବଚ୍ଛେଦ ଗୃହରେ ରଖିଛି। ଏହାସହ ମୃତକ ଯୁବକଙ୍କ ପରିଚୟ ଜାଣିବାକୁ ଉଦ୍ୟମ କରିବା ସହ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହାର ଅଧିକ ତଦନ୍ତ ଚଳାଇଛି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜାତୀୟ ସୁମିଟ୍, ସ୍ଥାନ: କ୍ରିଷ୍ଟାଲ ହଲ୍, ମେ ଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମାସ୍ତ୍ର ୩.୦ କାର୍ଯ୍ୟକ୍ରମ, ସ୍ଥାନ: ଇନ୍‌ଡୋର ଅଡିଟୋରିୟମ୍, ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ, ସମୟ: ଅପରାହ୍ନ ୨ଟା ୩୦।
- ଅଭିନନ୍ଦନିକା ଗ୍ରନ୍ଥ 'ନିଆରା ନକ୍ଷତ୍ର' ଲୋକାର୍ପଣ ଉତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।
- ହିନ୍ଦୀ ଗଳ୍ପ ସଂକଳନ 'କୁଛ୍ ପନ୍ନେ ଜିନ୍ଦେଗୀ ସେ' ଉନ୍ମୋଚନ, ସ୍ଥାନ: ଆଇଏମ୍ଏମ୍‌ଟି, କନ୍‌ଭେନସନ ହଲ୍, ସମୟ: ସନ୍ଧ୍ୟା ୬ଟା।

## କଟକ

- ଅଭିଭାବକ ଓ ଶିକ୍ଷକ ବୈଠକ, ସ୍ଥାନ: ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସର, ନୂଆପାଟଣା, ତିଗିରିଆ, ସମୟ: ସକାଳ ୯ଟା।
- ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ରେଳଯାତ୍ରୀଙ୍କ ସମସ୍ୟା ସମାଧାନ ଦାବିରେ ବିକ୍ଷୋଭ, ସ୍ଥାନ: କଟକ ରେଳଷ୍ଟେଶନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଭାଷା ପ୍ରକାଶନ ପକ୍ଷରୁ ବୈଶାଖୀ ଉତ୍ସବ, କବିତା ପାଠ ଓ ସାରସ୍ୱତ ସମାରୋହ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ : ଅପରାହ୍ନ ୪ଟା ୩୦।

## ବାଲେଶ୍ୱର

- ସାର୍ବଜନୀନ ଚଉଦମାଦଳ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଜହତା ଶିବ ମନ୍ଦିର ପଡ଼ିଆ, ରୂପସା, ସମୟ: ଦିବସବ୍ୟାପୀ।
- ଶମ୍ଭୁନାଥ ସରକାରୀ ହାଇସ୍କୁଲର ପ୍ଲାଟିନମ୍ ଜୟନ୍ତୀର ଦ୍ୱିତୀୟ ଦିବସ, ସ୍ଥାନ: ବସ୍ତା, ସମୟ: ଦିବସବ୍ୟାପୀ।
- ମା' ଶୀତଳା ଓ ତାରିଣୀ ମାତାଙ୍କ ଘଟତ୍ତୋଳନ, ସ୍ଥାନ: ୟୁନାଇଟେଡ୍ କ୍ଲବ ପ୍ରାଙ୍ଗଣ, ଦୁବଲାଗଡ଼ି, ସମୟ: ଦିବସବ୍ୟାପୀ।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଦଶମ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୧ଟା।

## ଭଦ୍ରକ

- ଜଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗୋବିନ୍ଦପୁର ପଙ୍ଗୀରା ଶାସନ, ବନ୍ତ, ସମୟ: ସକାଳ ୯ଟା।
- ଗଗନ ଗୁରୁଜୀଙ୍କ ପ୍ରବଚନ, ସ୍ଥାନ: ପରମ ବୈଷ୍ଣବୀ ମନ୍ଦିର, ସାବରଙ୍ଗ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ବର୍ଦ୍ଧନପୁର, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦି ଛକ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ଟା।
- ସତ୍ୟସାଇ ବାବାଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ମରେଇଗାଁ, ଛେନାପଦି, ସମୟ: ସକାଳ ୮ଟା।
- ଶ୍ରୀ ଶନି ଗ୍ରହଙ୍କ ମନ୍ଦିରରେ ମାନସିକ ମେଳା, ପୂଜା ଏବଂ ଭଜନ, ସ୍ଥାନ : ମୋଟରାଗଡିଆ, ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୭ଟା ଏବଂ ସନ୍ଧ୍ୟା ୭ଟା।
- ଅଷ୍ଟମ ପ୍ରହରୀ ନାମଯଜ୍ଞ ଶୁଭାଧିବାସ, ସ୍ଥାନ: ବଡ଼ରମ୍ପାସ, ଛେନାପଦି, ସମୟ: ସନ୍ଧ୍ୟା ୮ ଟା।
- ଶ୍ରୀ ସତ୍ୟ ନାରାୟଣଙ୍କ ପାଲା ଉତ୍ସବ, ସ୍ଥାନ : ଭଗବତୀ ପୀଠ ବଳଭଦ୍ରପୁର, ହାଟଡ଼ିହୀ, ସମୟ : ରାତି ୯ ଟା।

## ମୟୂରଭଞ୍ଜ

- ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ, ନୃସିଂହ ବେଶ ଦର୍ଶନ, ସ୍ଥାନ: ଉଦଳା ହାଇସ୍କୁଲ ଛକ, ବ୍ଲକ ରୋଡ୍, ସମୟ: ସକାଳ ୬ଟା ୩୦।
- ଶନିଦେବଙ୍କ ପୀଠରେ ୪୪ତମ ବାର୍ଷିକ ଉତ୍ସବ, ସ୍ଥାନ: ୱାଲିଗ ବାରିପଦା, ସମୟ: ସକାଳ ୭ ଟା।
- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍, ସ୍ଥାନ: ଇଣ୍ଡୋର ଷ୍ଟାଡ଼ିୟମ, ବାରିପଦା, ସମୟ: ସକାଳ ୯ ଟା।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ ଟା।
- ବଳାଙ୍ଗୀ ମହୋତ୍ସବ, ସ୍ଥାନ: ବୁଢ଼ାରାଉଳ ମଠ ସନ୍ନିକଟ ବାରିପଦା, ସମୟ: ସନ୍ଧ୍ୟା ୭ ଟା।
- ନାଟ୍ୟ ମହୋତ୍ସବର ନାଟକ 'ଶୂନ୍ୟ ଇଲାକାର ପକ୍ଷୀ', ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ସନ୍ଧ୍ୟା ୭ ଟା।

## ଢେଙ୍କାନାଳ

- ଭାଗୀରଥି ସାଗର ସୁରକ୍ଷା ପାଇଁ ବୈଠକ, ସ୍ଥାନ: ନୂଆ ପୋଖରୀ ନେହେରୁ ପାର୍କ, ସମୟ: ସନ୍ଧ୍ୟା ସାଢେ ୫ଟା।

## ଜଗତ୍‌ସିଂହପୁର

- ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରୀଷ୍ମକାଳୀନ ଶିବିର, ବେଥାନୀ କନ୍‌ଭେଣ୍ଟ ସ୍କୁଲ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ସ୍ୱପ୍ନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହର ୨ୟ ଦିବସ, ସ୍ଥାନ: ଧର୍ମଶାଳା ବ୍ଲକ, ମହିଶରା ପଞ୍ଚାୟତ ବାଟୀଜୋଡ଼ାସ୍ଥିତ ବିଦ୍ୟାଳୟ ପରିସର, ସମୟ: ସକାଳ ୭ଟା।

## ନୟାଗଡ଼

- ଜିଲାସ୍ତରୀୟ ବ୍ୟାଡ୍ ମିଣ୍ଟନ ଟୁର୍ନାମେଣ୍ଟ ଓଡ଼ଗାଁ କପର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଓଡ଼ଗାଁ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦.୩୦ ଟା।
- ପଣା ସଂକ୍ରାନ୍ତି ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷିଣକାଳୀଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ୧୪ ତମ ଦିବସରେ ବାଳିବଧ ଓ ସୁଗ୍ରୀବ ଅଭିଷେକ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଡିଏଭି ପବ୍ଲିକ ସ୍କୁଲ, ନୟାଗଡ଼, ସମୟ: ସନ୍ଧ୍ୟା ୬ଟା ।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ସୀତା ଚୋରି, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ: ରାତି ୧୦ଟା।

## ରାୟଗଡ଼ା

- ନୋଡାଲ ହାଇସ୍କୁଲରେ ପିଟିଏ ବୈଠକ, ସ୍ଥାନ: ହାଇସ୍କୁଲ ଶ୍ରେଣୀ ଗୃହ ପରିସର, ମୁନିଗୁଡା, ସମୟ: ସକାଳ ୯ଟା।
- ସ୍ଥାୟୀ ବିକାଶ ପାଇଁ ସ୍ମାର୍ଟ ମେଟେରିଆଲ ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ନବରଙ୍ଗପୁର

- ଅବିଭକ୍ତ ମୂଳ ନିବାସୀ ବିକାଶ ପରିଷଦର ଖବରଦାତା ସମ୍ମିଳନୀ, ସ୍ଥାନ: ଅଧ୍ୟକ୍ଷଙ୍କ ବାସଭବନ
- ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ନୂତନ ରାମ ମନ୍ଦିର, ପୂଜାରୀପୁଟ, କୋରାପୁଟ, ସମୟ: ସକାଳ ୬ଟା ୩୦।
- ରାଧାକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ମରିଚମାଳ ନଦୀ, ମାଥାଲପୁଟ, ସମୟ: ସକାଳ ୭ଟା।
- ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ : ସକାଳ ୮ ଟା।
- ପାକୁଳି ଦେବୀଙ୍କ ଚଇତ ପରବ ଡଙ୍ଗର ଯାତ୍ରା, ସ୍ଥାନ: ମାଳି ପର୍ବତ ପାକୁଳି ଗୁମ୍ଫା, ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚପଟ୍ଟମାଳି ନାଟକ ପ୍ରତିଯୋଗିତା ୩ୟ ସନ୍ଧ୍ୟା, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ସମ୍ବଲପୁର

- ଶ୍ରୀଶ୍ରୀ ପଣ୍ଡିତ ମହାସଭା ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡି ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ:ମନ୍ଦଲିଆ ସମଲେଶ୍ୱରୀ ମହାବିଦ୍ୟାଳୟ ପରିସର, ସମୟ:ସକାଳ ୮ଟା।
- ଆଇଆଇଏମ ସମ୍ବଲପୁରର ସମାବର୍ତ୍ତନ ଉତ୍ସବ, ସ୍ଥାନ : କୋଣାର୍କ ପ୍ରେକ୍ଷାଳୟ, ସମୟ: ସକାଳ ୮ଟା୩୦।
- ଏମସିଏଲ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ : ବୁର୍ଲା ସ୍ଥିତ ସ୍କୁଲ ପରିସର, ସମୟ ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଟିଟିଲାଗଡ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ଏବଂ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସ୍‌ର ଶିଳାନ୍ୟାସ, ସ୍ଥାନ: ବ୍ଲକପଡା/ରେଲୱେ କଲୋନୀ, ଟିଟିଲାଗଡ,ସମୟ: ସକାଳ ୯ଟା ୪୫ ମିନଟ।
- ପାଟଣାଗଡ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ଏବଂ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ, ସ୍ଥାନ: ଉଲ୍‌ବା, ପାଟଣାଗଡ,ସମୟ: ୧୧ଟା ୪୫ ମିନିଟ୍
- ଓଭୋ ଫାର୍ମ ଏଗ୍ ପ୍ରୋସେସିଂ ପ୍ଲାଣ୍ଟ, ସ୍ଥାନ: ବରକାନୀ, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା।
- ମାସିକ ରଚନା ସନ୍ଧ୍ୟାରେ 'ଜାତୀୟ ଶିକ୍ଷାନୀତି ୨୦୨୦: ଆଶା ଓ ଆଶଙ୍କା' ଆଲୋଚନା, ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମୁଣ୍ଡାବସ୍ତି, ସେକ୍ଟର-୧୭, ସମୟ: ସକାଳ ୬ଟା ୩୦।
- ଗାୟତ୍ରୀ ପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ପୀଠ, ସମୟ: ସକାଳ ୭ଟା।
- ସୁଶୀଳାବତୀ ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟୁତ୍ ଉପଭୋକ୍ତା ବୈଠକ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ହୋମିଓପାଥିକ୍ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମା' ବାଟ ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବୁରୋମୁଣ୍ଡା, ଗାଇସିଲେଟ୍, ସମୟ: ସକାଳ ୮ଟା।
- ମହନୀ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଚତୁର୍ଦ୍ଦଶ ଦିବସ ନାଟକ ଇନ୍ଦ୍ରଜିତ ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଚତୁର୍ଦ୍ଦଶ ଦିବସ ନାଟକ ବୀରବାହୁ ବଧ ଓ ରାମ ରାବଣ ସମର ଶୋଭାଯାତ୍ରା, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ:ଶନି ମନ୍ଦିର ପରିସର, ସମୟ:ସନ୍ଧ୍ୟା ୬ଟା।
- ତରଭା ବ୍ଲକ କମସରା ରାମଲୀଳାର ଅନ୍ତିମ ଦିବସ ଓ ରାମ ଅଭିଷେକ ନାଟକ ପରିବେଷଣ, ସ୍ଥାନ:କମସରା ରାମଲୀଳା ମଣ୍ଡପ, ସମୟ:ରାତି ୯ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: ନୂଆପଡ଼ା ବ୍ଲକ ଟାନୱାଟ ପଞ୍ଚାୟତ ଲୁକୁପାଲି ଗାଁ, ସମୟ: ପ୍ରାତଃ ୫ଟା।
- ଯୋଗବେଦାନ୍ତ ସେବା ସମିତି ସନ୍ଥ ଶ୍ରୀ ଆଶାରାମ ବାପୁ ଆଶ୍ରମ ଜାମିଳି ନୂଆପଡ଼ା ପକ୍ଷରୁ ଶିବିର, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଟେନନୁଆଁ ଆଶ୍ରମ ବିଦ୍ୟାଳୟ, ସମୟ: ସକାଳ ୮ଟା।
- କର୍ମା ମାତା ଜୟନ୍ତୀ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଳଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୭ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଅଁଳାସୁବା ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ, ସ୍ଥାନ: ଖଡିଆଳ ବ୍ଲକ ଚଲାନପଡ଼ା ଗାଁ, ସମୟ: ପ୍ରାତଃ ୪ଟା ୨୦।

## ଝାରସୁଗୁଡ଼ା

- ୧୭ ବର୍ଷରୁ କମ ଆନ୍ତଃ ରାଜ୍ୟ ମହିଳା ହକି ଟୁର୍ନାମେଣ୍ଟ, ସ୍ଥାନ: ହକି ଷ୍ଟାଡିୟମ, ଏଚ. କଣ୍ଟାପାଲି, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରରେ ପାଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଶୁକ୍ର ଉଚ୍ଚରାଶିରେ ଅବସ୍ଥାନ କରୁଥିବାରୁ ପରିଜନଙ୍କ ସହିତ ସକାଳୁଆ ଯାତ୍ରା ପ୍ରୀତିପ୍ରଦ ହେବ। ଅର୍ଥଲାଭ ସହ କାର୍ଯ୍ୟସିଦ୍ଧି ଘଟିବାରେ ସହକର୍ମୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଆଶା ପୂରଣ ହେବାର ସୂଚନା ରହିଛି। କଳା, ସାହିତ୍ୟ, ସଙ୍ଗୀତ ଓ ଲେଖାପଢ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ବୃଷ** — କର୍ମାଧିପ ଏକାଦଶସ୍ଥ ଯୋଗୁ ଯେଉଁ କାମରେ ହାତ ଦେବେ ସଫଳ ହେବେ। ଲାଗି ରହିଥିବା ସଂକଟ ଦୂରେଇଯିବାରୁ ଟେନ୍‌ସନ କମିଯିବ। ବୁଧଙ୍କ ସହ ଶୁକ୍ରଙ୍କ ସଂଯୋଗରୁ ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବାଣିଜ୍ୟ, ପରିବହନ, ଚୁକ୍ତିପତ୍ର, କଳା, କାରିଗରି କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** — ଆଜି ବୁଧ ଏକାଧିକ ଗ୍ରହ ସଂଯୋଗରେ ଥିବାରୁ ସମ୍ପର୍କୀୟଙ୍କ ସହଯୋଗରେ କାମ ହାସଲ କରିବେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଶୁକ୍ର ଉଚ୍ଚସ୍ଥ ଓ ପାପଗ୍ରହ ଯୁକ୍ତ ଯୋଗୁ ସଙ୍ଗଦୋଷରୁ ଅପଦସ୍ଥ ହୋଇପାରନ୍ତି। ଉଚ୍ଚପଦାଧିକାରୀଙ୍କ ନିକଟରେ ଅସୁବିଧା କଥା କହିବାରେ ପଛେଇଯିବେ।

**କର୍କଟ** — ରାଶ୍ୟାଧିପତି ଷଷ୍ଠସ୍ଥାନରେ ଥିବାରୁ ଦୃଢ଼ ପଦକ୍ଷେପ ନେଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। କୌଣସି ବିବାଦୀୟ ମନ୍ତବ୍ୟ ଦେଇ ପରିସ୍ଥିତିକୁ ଗମ୍ଭୀର କରିପାରନ୍ତି। ବନ୍ଧୁମାନଙ୍କ ସହାୟତାରେ ଦୀର୍ଘଦିନରୁ ଆଶା କରିଥିବା ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ସାମାଜିକ ସ୍ତରରେ ଅସହିଷ୍ଣୁ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ।

**ସିଂହ** — ଭାଗ୍ୟ ସ୍ଥାନରେ ରାଶ୍ୟାଧିପତି ଥିବାରୁ ଯାହା ପାଇବାକୁ ଚାହୁଁଛନ୍ତି ତାହା ଦ୍ୱିତୀୟସ୍ଥ ଚନ୍ଦ୍ରଙ୍କ କୃପାରୁ ନିଶ୍ଚିତ ପ୍ରାପ୍ତ ହେବ। ସକାଳୁ ଆତ୍ମୀୟଙ୍କର ଦୂରଭାଷ ଆପଣଙ୍କ ମନକୁ ଆମୋଦିତ କରିପାରେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** — ଏକାଧିକଗ୍ରହ ରାଶିକୁ ଅବଲୋକନ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ ଅବଶ୍ୟମ୍ଭାବୀ। କେତେକ ମୁଷ୍ଟିମେୟ ଲୋକଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ନିର୍ମାଣାଧୀନ କାର୍ଯ୍ୟ ଏବଂ କଚେରି ମାମଲାର ବିଚାର ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ।

**ତୁଳା** — ଶନି ଯୁକ୍ତ ଶୁକ୍ର ଯୋଗୁ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ। ପର କଥାରେ ପ୍ରଭାବିତ ହୋଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଅଭାବ ନଥିଲେ ମଧ ପ୍ରିୟଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ମନ ଉଦ୍‌ବେଗ ରହିବ।

**ବିଛା** — ଧନ ସ୍ଥାନରେ ଚନ୍ଦ୍ର ଥିବାରୁ ଦିନଟି ଭଲରେ ଅତିବାହିତ ହେବ ଓ ଆବଶ୍ୟକ ଜିନିଷ ପ୍ରାପ୍ତିରେ ଅସୁବିଧା ରହିବ ନାହିଁ। ଖର୍ଚ୍ଚାନ୍ତ ହେଲେ ମଧ ମନ ମୋହିଲା ଭଳି କଥା କହି କାମକୁ ଶୃଙ୍ଖଳିତ କରିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିପାରେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ଅଯଥା ଅଶାନ୍ତି ସୃଷ୍ଟି କରିପାରେ।

**ଧନୁ** — ଅଷ୍ଟମାଧିପତି ରାଶିସ୍ଥ ଯୋଗୁ ଘରେ ଅଭାବ ଅସୁବିଧା ନଥିଲେ ମଧ କେତେକ ଅପୂରଣୀୟ ଅଭିଳାଷ ମନକୁ କ୍ଷତବିକ୍ଷତ କରାଇବ। କର୍ମକ୍ଷେତ୍ରରେ ଦୁଷ୍ଟଲୋକଙ୍କ କୁଟଚକ୍ରାନ୍ତ ଜନିତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଆଜି ଦୂରଯାତ୍ରା କରି ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** — ଧର୍ମଭାବକୁ ଚାରୋଟି ଗ୍ରହ ଅବଲୋକନ କରୁଥିବାରୁ ଧର୍ମକାର୍ଯ୍ୟ, ଯାନିଯାତ୍ରା, ସତ୍‌ସଙ୍ଗରେ ସାମିଲହୋଇ ଆତ୍ମତୃପ୍ତି ଲଭିବେ। ଶ୍ରବଣା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ରହୁଥିବାରୁ ଠିକ୍ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ। ପ୍ରଶାସନିକ ସ୍ତରରେ ଯୁକ୍ତିତର୍କ ନକରି ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ।

**କୁମ୍ଭ** — ଆଜି ସୁଖଭାବସ୍ଥ ପାପଗ୍ରହଙ୍କ ସ୍ଥିତି ଯୋଗୁ ମାପିଚୁପି କଥାବାର୍ତ୍ତା କରିବା ଭଲ ନଚେତ୍ ବିବାଦକୁ ନିମନ୍ତ୍ରଣ କରିବାକୁ ପଡ଼ିପାରେ। ଏହା ସାଙ୍ଗକୁ ପିଲାଙ୍କ ସମସ୍ୟା ମୁଣ୍ଡବ୍ୟଥାର କାରଣ ହୋଇଯିବ। ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଈର୍ଷାନ୍ୱିତ ହୋଇ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି।

**ମୀନ** — ଆପଣଙ୍କ ସକାଶେ ସଚ୍ଚୋଟତା ପରୋକ୍ଷ ପ୍ରଶଂସା ସୃଷ୍ଟି କଲେ ମଧ ପ୍ରତ୍ୟକ୍ଷ ସମସ୍ୟା ସୃଷ୍ଟି କରିବ। ଅଭାବ ନ ରହିଲେ ମଧ ପାରିବାରିକ ସମସ୍ୟା ଦେଖାଦେବ। ପରିସ୍ଥିତିର ବୈଷମ୍ୟ ରହିଲେ ମଧ ନକାରାତ୍ମକ ଚିନ୍ତାଧାରା ବିବ୍ରତ କରିପାରିବେ ନାହିଁ। ଅସହିଷ୍ଣୁ ମନୋଭାବରୁ ନିଜ ଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

ଆଜି ଏପ୍ରିଲ ୧୯ ତାରିଖ, ବୈଶାଖ କୃଷ୍ଣ ଷଷ୍ଠୀ, ଶନିବାର, ରାଶିନକ୍ଷତ୍ର-ଦିବା ଘ. ୧୦।୨୦ ମି. ଗତେ ପୂର୍ବାଷାଢ଼ା/ ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦/୧୧ ଗତେ ଘ.୦୧/୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୮/୩୭ ଗତେ ଘ.୧୦/୧୧ ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପର ଲୁଗା ପିନ୍ଧି ଯାତକୁ ଯାଏ**
**ପଚାରିଲେ ମୁଣ୍ଡ ଚୁଙ୍ଗାରୁ ଥାଏ ।**

ଅନ୍ୟ ଲୋକର ପ୍ରଦତ୍ତ ପରିଧାନ ପିନ୍ଧିଥିବା ଲୋକ ନିଜର ବୋଲି କହିବାର କିଛି ଜୋର ନ ଥାଏ। ଏପରି ଦାନ ସୂତ୍ରରେ ମିଳିଥିବା ପରିଧାନରେ ଆବୃତ ହୋଇଥିବା ଲୋକର ମନୋଭାବକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପର ପୁଅ ମଲା**
**ନା ରୋଗ ବାହାରେ ବାହାରେ ଗଲା ?**

ଅନେକ କ୍ଷେତ୍ରରେ ନିଜ ଉପରୁ ଦୋଷ ଖସାଇବାକୁ ଯାଇ ଅନ୍ୟ ଉପରେ ଦୋଷ ଲଦି ଦିଆଯାଉଥିବାର ଦେଖିବାକୁ ମିଳିଥାଏ। ଅନ୍ୟ ମୁଣ୍ଡରେ ଦୋଷ ଲଦା ହୋଇଗଲେ ଦାୟିତ୍ୱରେ ଥିବା ଲୋକ ସେ ଦୋଷୀ ହେଉ କିମ୍ବା ନିର୍ଦ୍ଦୋଷ ରକ୍ଷା ପାଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତିର ଆଚାର୍ଯ୍ୟ କାର୍ଯ୍ୟଶାଳା



କାର୍ଯ୍ୟଶାଳା ଉଦ୍‌ଘାଟନ ଅବସରରେ ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ସବିତାଞ୍ଜଳୀ ନାୟକଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୮।୪(ସୁଚିସ୍ମିତା ସାହୁ)

ବ୍ରହ୍ମପୁର ନୀଳକଣ୍ଠନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗଞ୍ଜାମ, ଗଜପତି ଓ ଫୁଲବାଣୀ ବିଭାଗର ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କୁ ନେଇ ଗୁରୁବାର ଦକ୍ଷିଣପୂର୍ବ ସମ୍ଭାଗସ୍ତରୀୟ ମାଧ୍ୟମିକ ବିଭାଗର ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଦୁର୍ନୀତି ନିବାରଣ ବିଭାଗର ଡିଏସ୍‌ପି ସବିତାଞ୍ଜଳୀ ନାୟକ ଯୋଗଦେଇ ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଟ୍ରେନିଂ କ୍ୟାମ୍ପର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାମନ୍ଦିର ବିଭାଗର ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିକାଶ ସମିତି ଓଡ଼ିଶାର ଦକ୍ଷିଣପୂର୍ବ ସମ୍ଭାଗ ସମ୍ପାଦକ ଦୀପକ ମହାରଣା କାର୍ଯ୍ୟଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ କାର୍ଯ୍ୟବାହ ମନୋଜ ଚୌଧୁରୀ ସମାଜରେ ଶତାବ୍ଦୀର ପଞ୍ଚ ପରିବର୍ତ୍ତନ ଯଥା ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ, ସ୍ୱବୋଧ ଓ ନାଗରିକର କର୍ତ୍ତବ୍ୟ ଉପରେ କହିଥିଲେ। ପରିଚାଳନା ସମିତି ଅଧ୍ୟକ୍ଷ ଜୀବାନନ୍ଦ ତ୍ରିପାଠୀ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଫୁଲବାଣୀ ବିଭାଗର ନିରୀକ୍ଷକ ପଦ୍ମନାଭ ସାମଲ ସାମୂହିକ ପରିଚୟ ଓ ଗଟ ବିଭାଜନ କରିଥିଲେ। ଗଞ୍ଜାମ ବିଭାଗର ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାନ୍ତ ପରୀକ୍ଷା ପ୍ରମୁଖ ମନୋଜ ଦାଶ, ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ନରସିଂହ ଚୌଧୁରୀ, ହରେକୃଷ୍ଣ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଇଂ. ମମତା କୁମାରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଡ଼ିଗଲେ ୩ ଛାତ୍ର

ଚମ୍ପୁଆ,୧୮।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଅଞ୍ଚଳରେ ଶୁକ୍ରବାର ପୃଥକ ଘଟଣାରେ ୩ ଛାତ୍ର କେଶରୀକୁଣ୍ଡ ଓ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। କେନ୍ଦୁଝର ଓ ମୟୂରଭଞ୍ଜ ସୀମାରେ ପ୍ରବାହିତ ବୈତରଣୀ ନଦୀର କେଶରୀକୁଣ୍ଡରେ ବୁଡ଼ି କେରଳା ସ୍କୁଲର ଦଶମ ଶ୍ରେଣୀ ଛାତ୍ର ନୀତିଶ ପୋଦାର ଓ ତାଙ୍କ ସାଙ୍ଗ ପ୍ରୀତମ ମହାନ୍ତ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଏକ ଘଟଣାରେ ରାମଚନ୍ଦ୍ରପୁର ରଘୁଆଳ ସାହି ପୋଖରୀରେ ବୁଡ଼ି ଅଶିକ ମୁଣ୍ଡା ନାମକ ଛାତ୍ରଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଓ ମୟୂରଭଞ୍ଜ ସୀମାରେ ପ୍ରବାହିତ ବୈତରଣୀ ନଦୀର କେଶରୀକୁଣ୍ଡଠାରେ ନୀତିଶ, ପ୍ରୀତମଙ୍କ ସମେତ ୬ ସାଙ୍ଗ ଅପରାହ୍ନ ୨ଟାରେ ଗାଧୋଇଥିଲେ। ଅସାବଧାନତାବଶତଃ ନୀତିଶ ଓ ପ୍ରୀତମ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଉପଜିଲାପାଳ ଉମାକାନ୍ତ ପରିଡ଼ା ଡାକ୍ତରଖାନାରେ ପହଞ୍ଚି ମୃତଛାତ୍ରଙ୍କ ସାଙ୍ଗମାନଙ୍କୁ ଦୁର୍ଘଟଣା ବିଷୟରେ ପଚାରି ବୁଝିଥିଲେ। ଖବର ଲେଖାହେବା ବେଳକୁ ପୋଲିସ ପହଞ୍ଚି ନ ଥିଲା।

ସେହିପରି ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ରଘୁଆଳ ସାହି ମାଉସୀଘରେ ରହି ପାଠ ପଢୁଥିବା ଅଶିକ ସକାଳ ୯ଟା ୩୦ ସମୟରେ ପୋଖରୀକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ସାଙ୍ଗମାନେ ନିକଟରେ କାମ କରୁଥିବା ଲୋକଙ୍କୁ ଜଣାଇବା ପରେ ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଛାତ୍ରଙ୍କୁ ଉଦ୍ଧାର କରି ବାସୁଦେବପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା(ନଂ. ୧୨/୨୫)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚମ୍ପୁଆ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି।

# କୃଷିଭିତ୍ତିକ ପ୍ରଶିକ୍ଷଣ ନେବାକୁ ମାଲେସିଆ ଗଲେ ୧୪ ଚାଷୀ



ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆର୍‌ଏ) ଅଧୀନରେ ୨୮ ଜଣିଆ କୃଷକ ଏବଂ ଅଧିକାରୀଙ୍କ ପ୍ରଶିକ୍ଷଣ ଭିତ୍ତିକ ମାଲେସିଆ ଗସ୍ତକୁ ପତାକା ଦେଖାଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଶୁଭାରମ୍ଭ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କୃଷି ଭବନ ଅଡିଟୋରିଅମ୍ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୧୪ ଜଣ କୃଷକଙ୍କ ସମେତ ୧୪ ଜଣ ଅଧିକାରୀଙ୍କୁ ନେଇ ଗଠିତ ଏହି ୨୮ ଜଣିଆ ଟିମ ଶନିବାର ଠାରୁ ସପ୍ତାହବ୍ୟାପୀ ମାଲେସିଆ ଗସ୍ତରେ ଯାଇ କୃଷିଭିତ୍ତିକ ପ୍ରଶିକ୍ଷଣ ନେବେ। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା, ଲକ୍ଷ୍ନୌ ସ୍ଥିତ ବ୍ୟାଙ୍କର୍ସ ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭଲପମେଣ୍ଟ(ବିଆଇଆର୍‌ଡି) ଏବଂ ନାବାର୍ଡର ମିଳିତ ଆୟୋଜନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି।

କନକ ବର୍ଦ୍ଧନ ସିଂହଦେଓ ଉଭୟ କୃଷକ ଓ ଅଧିକାରୀଙ୍କୁ ମାଲେସିଆ ଗସ୍ତ ନିମନ୍ତେ ଶୁଭେଚ୍ଛା ପ୍ରଦାନ କରି ପାରମ୍ପରିକ କୃଷି ସହିତ ବୈଜ୍ଞାନିକ ପଦ୍ଧତି ତଥା ଯନ୍ତ୍ରପାତିର ବ୍ୟବହାର ଇତ୍ୟାଦି ସମ୍ବନ୍ଧରେ ଶିଖିବା ପାଇଁ ଉତ୍ସାହିତ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ସମୟରେ ବିଦେଶକୁ ଫଳ ଓ ପନିପରିବା ରପ୍ତାନୀରେ ଓଡ଼ିଶା ସମ୍ମାନଜନକ ସ୍ଥିତିରେ ଅଛି। ପ୍ରଶିକ୍ଷାର୍ଥୀମାନେ ଗସ୍ତରୁ ଯାହା ଶିଖିବେ ତାହା ପ୍ରତିଦିନ ରିପୋର୍ଟ ଆକାରରେ ଲିପିବଦ୍ଧ କରି ବିଭାଗକୁ ପ୍ରଦାନ କରନ୍ତୁ। ଉନ୍ନତ କୌଶଳକୁ ଶିଖି ନିଜ ଅଞ୍ଚଳରେ ତାହା କାର୍ଯ୍ୟକାରୀ କରନ୍ତୁ। ଏହା ଚାଷୀଙ୍କ ଆୟକୁ ୨ ଗୁଣା କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିବା ସହିତ ଓଡ଼ିଶାରେ କୃଷିର କ୍ରମବିକାଶ ଉପରେ ଆଲୋକପାତ କରିଛନ୍ତି। ବର୍ତ୍ତମାନ ଓଡ଼ିଶା ଦେଶର ୪ର୍ଥ ସର୍ବବୃହତ ରାଜ୍ୟ ଭାବେ ଏଫସିଆଇକୁ ଚାଉଳ ଯୋଗାଉଛି। କେବଳ ଅଧିକାରୀ ନୁହନ୍ତି, ଏଥର ଚାଷୀମାନେ ବି ବିଦେଶ ଯାତ୍ରା କରିପାରିବେ। ଚାଷୀମାନେ ଆମର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡ଼ର୍ ବୋଲି ପାଢ଼ୀ କହିଛନ୍ତି।

# ସରଜମିନ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ: ମନ୍ତ୍ରୀ

ସୁନ୍ଦରଗଡ଼, ୧୮।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ କୋଇଲା ଖଣିରେ ବେଆଇନ କାରବାରର ସରଜମିନ ତଦନ୍ତ କରାଯିବ ଏବଂ ଯିଏ ଏଥିରେ ଦୋଷୀ ଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ରାଜ୍ୟ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ସୁନ୍ଦରଗଡ଼ ଜିଲା ହେମଗିର ତହସିଲର ବିଭିନ୍ନ ସ୍ଥାନରେ ଚୋରା କୋଇଲା ଖଣି କାରବାର ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜୋରଧରିଛି। ଏହି ପ୍ରସଙ୍ଗରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ପୂର୍ବତନ ବିଧାୟିକା କୁସୁମ ଟେଟେ କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିବା ପରେ ତଦନ୍ତ ଜୋରଦାର କରାଯାଇଛି। ଏଥିସହ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଥିବା ବେଳେ ପୂର୍ବତନ ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା କିଶୋର ଚନ୍ଦ୍ର ପଟେଲ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ।

ଏହି ଘଟଣାରେ ଶୁକ୍ରବାର ମନ୍ତ୍ରୀ ଜେନା ଓ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ସୁନ୍ଦରଗଡ଼ ଜିଲା ହେମଗିର ତହସିଲର ବିଭିନ୍ନ ସ୍ଥାନରେ ଠାବ ହୋଇଥିବା ଚୋରା କୋଇଲା ଖଣି ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନଙ୍କ ସହ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ବୀରମିତ୍ରପୁର ବିଧାୟକ ଦୁର୍ଗାଚରଣ ତନ୍ତୀ, ବିଭାଗୀୟ ସଚିବ ଅପରାହ୍ନରେ ହେମଗିର ତହସିଲର ଏମ୍‌ସିଏଲ୍ କ୍ଷେତ୍ର ଅଧୀନ ଗୋପାଳପୁର ନିକଟ ରତନସରା, ଭୋଗରାକଛାର, ତେଲେନଡିହି ଜଙ୍ଗଲ ଭିତରେ ଠାବ ହୋଇଥିବା ଚୋରା କୋଇଲା ଖଣି ଅଞ୍ଚଳ ପରିଦର୍ଶନ କରିଥିଲେ। ମନ୍ତ୍ରୀ ଦ୍ୱୟ ଓ ବିଧାୟକ କନିକା ସ୍ଥିତ ସିଲ ହୋଇଥିବା ଆର୍ଯ୍ୟନ କୋଲ ୱାସରୀ ମଧ୍ୟ ପରିଦର୍ଶନ କରିଥିଲେ।



ଚୋରା ଖଣି ଅଞ୍ଚଳରେ ପହଞ୍ଚି ଖଣି ଓ ଜଙ୍ଗଲ ମନ୍ତ୍ରୀଙ୍କ ସହିତ ଝାରସୁଗୁଡ଼ା ବିଧାୟକ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଏହା ପରେ ମନ୍ତ୍ରୀ ଓ ସଚିବ ଏହି ଅଞ୍ଚଳରୁ କେତେ ବେଆଇନ ଭାବେ କୋଇଲା ଖଣି ଖୋଳାଯାଇଛି ଓ କେତେ ପରିମାଣରେ କୋଇଲା ଚୋରି ହୋଇଛି ଓ ଏ ନେଇ ବର୍ତ୍ତମାନ ସୁଦ୍ଧା କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ନେଇ ଓସିପିଏଲ ଅତିଥି ଭବନରେ ସମୀକ୍ଷା କରିଛନ୍ତି।

ଝାରସୁଗୁଡା ବିଧାୟକ କହିଛନ୍ତି, ଏଠାରେ ଚାଲିଥିବା ଏହି ବେଆଇନ କୋଇଲା ଖଣି ଚୋରି ବର୍ଷ ବର୍ଷ ଧରି କାହା ପୃଷ୍ଠପୋଷକତାରେ ଚାଲିଥିଲା ଓ ଏହାକୁ କିଏ ସୁରକ୍ଷା ଦେଇଆସୁଥିଲେ ଏବଂ ଯେଉଁମାନେ ଏହାକୁ ଲୁଟୁଥିଲେ ଭାଜପା ସରକାର ତାର ଚେର ପର୍ଯ୍ୟନ୍ତ ଯାଇ ସମସ୍ତଙ୍କୁ ଖୋଜି ଜେଲକୁ ପଠାଇବ ବୋଲି ସେ କହିଛନ୍ତି।

ଅପରପକ୍ଷରେ ଏହି ଖଣି ଚୋରା କାରବାର ଘଟଣାରେ ଜିଲାପ୍ରଶାସନ ତଦନ୍ତ ପରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ବିଭାଗର ୯ଜଣିଆ ଟିମ୍ ଭୁବନେଶ୍ୱରରୁ ଆସି ଦୁଇଦିନ ଧରି ସମ୍ପୃକ୍ତ ଖଣି ଅଞ୍ଚଳରେ ତଦନ୍ତ କରି ଯାଇଛନ୍ତି। ସେହିପରି ଖଣି ବିଭାଗ ପକ୍ଷରୁ ହେମଗିର ଥାନାରେ ରିପୋର୍ଟ ପରେ ପୋଲିସ ମାମଲା ରୁଜୁ କରି ୪ଜଣ ସ୍ଥାନୀୟ ଶ୍ରମିକଙ୍କୁ ଗିରଫ କରିଥିବା ବେଳେ ବେଆଇନ କୋଇଲା ଗଚ୍ଛିତ କରିଥିବା ନେଇ କନିକା ସ୍ଥିତ ଆର୍ଯ୍ୟନ କୋଲ ୱାସରୀକୁ ପ୍ରଶାସନ ଓ ଖଣି ବିଭାଗ ପକ୍ଷରୁ ସିଲ୍ କରି ଥାନାରେ ଏତଲା ଦିଆଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ଏହି ଚୋରା ଖଣି କାରବାରର ମୁଖ୍ୟ ମାଫିଆଙ୍କ ପାଖରେ ଖଣି କିମ୍ବା ପୋଲିସ ବିଭାଗ ପହଞ୍ଚି ପାରିନାହିଁ।

## କୋଇଲା ଚୋରିର ସମୀକ୍ଷା ଆରମ୍ଭ କଲେ ଦୁଇ ମନ୍ତ୍ରୀ

# ନିକୁଞ୍ଜ କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ନିଯୁକ୍ତ

## ସନ୍ତୋଷ ଓ ରଞ୍ଜନାଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୧୮।୪(ରବିନାରାୟଣ ଜେନା)

ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ କେନ୍ଦ୍ରୀୟ ଡେପୁଟେଶନ ଯିବା ନେଇ ଦୀର୍ଘଦିନ ଧରି ସାମାଜିକ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚାର ଅନ୍ତ ଘଟିଛି। ଶୁକ୍ରବାର କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ୧୯୯୩ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ମିଳିଛି। ଉକ୍ତ ପଦରେ ଅବସ୍ଥାପିତ ଉମଙ୍ଗ ନରୁଲା ଜୁନ୍ ୩୦ରେ ଅବସର ଗ୍ରହଣ କରିବାର ରହିଛି। ଉମଙ୍ଗଙ୍କ ସ୍ଥାନରେ ନିକୁଞ୍ଜ ନିଯୁକ୍ତ ହେବେ ବୋଲି ବିଜ୍ଞପ୍ତିରୁ ଜଣାଯାଇଛି।

କ୍ୟାବିନେଟ୍ କମିଟିର ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶାର ଆଉ ଦୁଇଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ସେଥିମଧ୍ୟରେ ୧୯୯୪ ବ୍ୟାଚର ବରିଷ୍ଠ ଆଇଏଏସ୍ ଅଫିସର ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ନୂତନ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ମିଳିଥିବାବେଳେ ୧୯୯୪ ବ୍ୟାଚ୍‌ର ଆଇଏଏସ୍ ଅଫିସର ରଞ୍ଜନା ଚୋପ୍ରାଙ୍କୁ ସଂସ୍କୃତି ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ତଥା ଅର୍ଥନୈତିକ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି।



# ଖୋଲା ବିଦ୍ରୋହ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ନିଯୁକ୍ତି ପାଇଁ ତାହାର ଏକ ନିଜସ୍ୱ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛି। ଏହା ଆଉ ଏକ ପ୍ରଶାସନିକ ପ୍ରକ୍ରିୟାକୁ ସୂଚିତ କରିଛି। ପୂର୍ବରୁ ପଞ୍ଜାବ ଓ ଉତ୍ତରପ୍ରଦେଶ କେନ୍ଦ୍ରର ବିନା ଅନୁମତିରେ ସେମାନଙ୍କର ପୋଲିସ ମୁଖ୍ୟ ବାଛିବା ପାଇଁ ପଦକ୍ଷେପ ନେଇଥିଲେ। ଏବେ ପଶ୍ଚିମବଙ୍ଗ କେନ୍ଦ୍ରର ସ୍ୱୀକୃତି (ୟୁପିଏସ୍‌ସି ଶର୍ଟଲିଷ୍ଟ)କୁ ଏଡ଼ାଇ ଯାଇ ସେମାନଙ୍କ ସହ ଯୋଡ଼ିହୋଇଛି। ଏହି ୩ ରାଜ୍ୟରେ ତିନୋଟି ପୃଥକ୍ ରାଜନୈତିକ ଦଳ ଯଥା ଆମ୍ ଆଦ୍‌ମୀ ପାର୍ଟି, ଭାରତୀୟ ଜନତା ପାର୍ଟି ଓ ତୃଣମୂଳ କଂଗ୍ରେସ କ୍ଷମତାରେ ରହିଛନ୍ତି । ଆଶ୍ଚର୍ଯ୍ୟର ବିଷୟ, ସମସ୍ତେ ସମାନ ପ୍ରକାର ସଂଘୀୟ କଥା କହୁଛନ୍ତି। ବେଙ୍ଗଲରେ ଜଣେ କାର୍ଯ୍ୟନିର୍ବାହୀ ଡିଜିପି ଅନେକ ମାସ ହେଲା ଦାୟିତ୍ୱ ତୁଲାଉଛନ୍ତି ଏବଂ ଦିଲ୍ଲୀରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଦେଖି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଯୁକ୍ତିକୁ ନିଜ ହାତକୁ ନେଇଛନ୍ତି। ନୂଆ ପ୍ରକ୍ରିୟାରେ ରାଜ୍ୟ ଦ୍ୱାରା ଗଠିତ ଏକ କମିଟିରେ ମୁଖ୍ୟ ଶାସନ ସଚିବ ଓ ଗୃହ ସଚିବ ଏହାର ପ୍ରମୁଖ ଭାବେ ରହିପାରନ୍ତି। କିନ୍ତୁ ଏହି ପଦକ୍ଷେପ ୨୦୦୬ରେ ପ୍ରକାଶ ସିଂ ବାନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ରାୟର ବିରୁଦ୍ଧାଚରଣ କରେ। ପୋଲିସ ନିଯୁକ୍ତିକୁ ରାଜନୈତିକ ହସ୍ତକ୍ଷେପରୁ ମୁକ୍ତରଖି ୟୁପିଏସ୍‌ସିକୁ ଜଡ଼ିତ କରିବାକୁ ଏହି ରାୟରେ ଦର୍ଶାଯାଇଥିଲା। ରାଜ୍ୟଗୁଡ଼ିକ ଏବେ ଯୁକ୍ତି କରୁଛନ୍ତି, ହସ୍ତକ୍ଷେପ ଦିଲ୍ଲୀରୁ ହେଉଛି, ରାଜ୍ୟ ମଧ୍ୟରେ ନୁହେଁ। ଏହା ବାସ୍ତବରେ ଏକ ସହଯୋଗ ସଂଘୀୟବାଦର ଅୟମାରମ୍ଭ ନା କେନ୍ଦ୍ର-ରାଜ୍ୟ ମଧ୍ୟରେ ଏକ ଶୀତଳ ଯୁଦ୍ଧ ? ଏହା କେବଳ ଜଣେ ଡିଜିପିଙ୍କ ବିଷୟ ନୁହେଁ, ବରଂ ବଡ଼ କଥା ହେଉଛି କିଏ ତାଙ୍କୁ ନିଯୁକ୍ତ କରିବ ଏବଂ କିଏ ପଛକୁ ହଟିବ ; କେନ୍ଦ୍ର ନା ରାଜ୍ୟ।

### କ୍ୟାଡର ଯୁଦ୍ଧ

ଦିଲ୍ଲୀ ବାବୁ ପରିସରରେ ନିଜ କାର୍ଯ୍ୟକ୍ଷେତ୍ରକୁ ନେଇ ଏକ ପୁରୁଣା ବିବାଦ ମୁଣ୍ଡ ଟେକୁଛି । ଦିଲ୍ଲୀ ଆଡ୍‌ମିନିଷ୍ଟ୍ରେଟିଭ ସବ୍‌ଅର୍ଡିନେଟ୍ ସର୍ଭିସ୍(ଡିଏଏସ୍‌ଏସ୍) ଅଧିକାରୀମାନେ ଦୀର୍ଘଦିନର ଅଭିଯୋଗକୁ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବଙ୍କ ନିକଟରେ ପହଞ୍ଚାଇଛନ୍ତି। ଆଶା କରାଯାଉଛି , ସେମାନେ ଦୀର୍ଘଦିନରୁ ଚାହୁଁଥିବା ୨୧୭ ପଦବୀ ସମ୍ପର୍କରେ କେହି ଜଣେ ବୁଝିବେ। ଗତବର୍ଷ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଏ ସମ୍ପର୍କରେ ସବୁଜ ସଙ୍କେତ ଦେବା ପରେ ତାହା ସେମାନଙ୍କର ହେବା ଉଚିତ। ଦିଲ୍ଲୀ, ଆଣ୍ଡାମାନ ଓ ନିକୋବର ସିଭିଲ ସର୍ଭିସ(ଡିଏଏନ୍‌ଆଇସିଏସ୍) ଅଧିକାରୀମାନେ ଏହି ଆଦେଶକୁ ବିରୋଧକରି ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଶନ ଟ୍ରିବ୍ୟୁନାଲ (ସିଏଟି)ର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଦାବି କରିଛନ୍ତି ଯେ ସେସବୁ ପଦବୀ ସେମାନଙ୍କର। ସେହିଭଳି ପ୍ରଶାସନରେ ପଦାନୁକ୍ରମିକ ବ୍ୟବସ୍ଥା ପୁନର୍ବାର ସାମ୍ନାକୁ ଆସିଛି। ସୂତ୍ରରୁ ଜଣାପଡ଼ିଛି ଯେ, ୧୯୬୭ରୁ ଦିଲ୍ଲୀ ପ୍ରଶାସନକୁ ଚଳାଇଆସିଥିବା ଡିଏଏସ୍‌ଏସ୍ ଅଧିକାରୀମାନେ ଥକିପଡ଼ିଲେଣି। ପାଞ୍ଚଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ବ୍ୟବସ୍ଥାଗତ ନିଷ୍କ୍ରିୟତାକୁ ଦେଖିଲେ ପୁନର୍ଗଠନ ନାହିଁ କି ପଦୋନ୍ନତି ନାହିଁ କିମ୍ବା କୌଣସି ବାସ୍ତବ ଯୋଜନା ନାହିଁ। ପାଖାପାଖି ୧୦୦ ଅଧିକାରୀ ପ୍ରତିବର୍ଷ ଛାଡ଼ି ଚାଲିଯାଉଥିବା ଜଣାପଡ଼ିଛି। ସେମାନେ ଖୁସିରେ ନୁହେଁ, ବରଂ ବୃତ୍ତିଗତ ନୈରାଶ୍ୟ ଯୋଗୁ ଏହା କରୁଛନ୍ତି। ଡିଏଏସ୍‌ଏସ୍ ଅଧିକାରୀମାନେ ଅଭିଯୋଗ କରୁଛି ଯେ, କେତେଜଣ ଡିଏଏନ୍‌ଆଇସିଏସ୍ ଅଧିକାରୀ ସର୍ଭିସ୍ ରୁଲ୍ସକୁ ଅଣଦେଖା କରିବାଠାରୁ ଆରମ୍ଭକରି ପଦବୀ ସମ୍ପର୍କିତ ବିଜ୍ଞପ୍ତିକୁ ରୋକୁଛନ୍ତି। ଦିଲ୍ଲୀରେ ନୂଆ ସରକାର କ୍ଷମତାକୁ ଆସିଛି ଓ ଘଟଣାଟି ଏବେ ନର୍ଥ ବ୍ଲକ୍‌ରେ ପହଞ୍ଚିଛି। ଏହି ଆନ୍ତଃ କ୍ୟାଡର ଶୀତଳଯୁଦ୍ଧ ଶେଷରେ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଛି।

### ଅଧିକାରୀମାନେ ଦ୍ୱନ୍ଦ୍ୱରେ

ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନା ଅଲଗା ରାଜ୍ୟ ହେବାର ୧ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ବି କେନ୍ଦ୍ର ଆଇଏଏସ୍ ଓ ଆଇପିଏସ୍ କ୍ୟାଡର ଭାଗ ବଣ୍ଟନ କରିପାରିନାହିଁ। ଶିବ ଶଙ୍କର ଲୋଥେଟିଙ୍କ ଭଳି ଅନେକ ଅଧିକାରୀ ପ୍ରଶାସନିକ ଅନିଶ୍ଚୟତା ମଧ୍ୟରେ ରହିଛନ୍ତି। ବିବାଦୀୟ ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (ସିଏଟି) ଆଦେଶ ଏବଂ ନିର୍ଣ୍ଣାୟକ ନିଷ୍ପତ୍ତି ନେଇପାରୁ ନ ଥିବା ଡିଓପିଟି ଦ୍ୱାରା ୨ ରାଜ୍ୟରେ ଅଧିକାରୀମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଲୋଥେଟିଙ୍କୁ ତେଲଙ୍ଗାନା ବଦଳି କରିବା ପାଇଁ କେନ୍ଦ୍ର ଅକ୍ଟୋବର ୨୦୨୪ରେ ନିଷ୍ପତ୍ତି ନେଇଥିଲା । କିନ୍ତୁ ସିଏଟି ତାହାକୁ ନିକଟରେ ବଦଳାଇଦେଇ ତାଙ୍କୁ ଆନ୍ଧ୍ରରେ ପୁନଃ ଅବସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଥିଲା। ହେଲେ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। କେବଳ ଲୋଥେଟି ଏମିତି ଅଟକି ରହିନାହାନ୍ତି। ଗୋଟିଏ ରାଜ୍ୟରେ ନିଯୁକ୍ତ ହୋଇ ଔପଚାରିକ ଭାବେ ଅନ୍ୟ ରାଜ୍ୟରେ ଥିବା ଅନେକ ଅଧିକାରୀ ଏବେ ଏମିତି ଦ୍ୱନ୍ଦ୍ୱରେ ରହିଛନ୍ତି ଏବଂ ନ୍ୟାୟାଳୟର ଆଶ୍ରୟ ନେଉଛନ୍ତି। ଅମଲାତନ୍ତ୍ରୀମାନେ କେଉଁ ରାଜ୍ୟରେ ଅଛନ୍ତି ତାହା ଯଦି ସେମାନ ଜାଣିପାରୁନାହାନ୍ତି, ତେବେ ସେମାନେ ଜନସାଧାରଣ ସେବା ଉପରେ କିଭଳି ଧ୍ୟାନଦେବେ। ନ୍ୟାୟାଳୟ ଏହି ଦ୍ୱନ୍ଦ୍ୱକୁ ସମାଧାନ କରିବା ପାଇଁ ଚେଷ୍ଟା କରିଛନ୍ତି, କିନ୍ତୁ ତାହା ତ୍ରୁଟିପୂର୍ଣ୍ଣ ତଥ୍ୟକୁ ନେଇ କାମ କରୁଛନ୍ତି। ପଦବୀକୁ ଦୁଇଭାଗକରି ଆବଣ୍ଟନ କରିବାର ସେତେବେଳର କାମଚଳା ନୀତି ଏବେ ଆଉ କାମ କରୁନାହିଁ। କେନ୍ଦ୍ର ନିଷ୍ପତ୍ତି ନେଇପାରୁ ନ ଥିବାରୁ ଏହାର ସମାଧାନ ହୋଇପାରିବ ନାହିଁ। ଅସ୍ପଷ୍ଟ ଆଦେଶ ଓ ବହୁ ସଂଶୋଧନ ମଧ୍ୟରେ ଅଧିକାରୀମାନେ ସେମାନଙ୍କ ଜୀବନ ଓ କ୍ୟାରିୟରକୁ ନେଇ ଯୋଜନା କରିପାରିବେ ନାହିଁ। ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ରାଜନୈତିକ କ୍ଷେତ୍ରରେ ଆଗକୁ ବଢ଼ିଛନ୍ତି, ହେଲେ ଅମଲାତନ୍ତ୍ର ୨୦୧୪ର ସ୍ଥିତିରେ ଅଟକି ରହିଛି।

Email: dilipcherian@gmail.com

# କେତେ ସୁରକ୍ଷିତ ବୋତଲ ପାଣି



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜଳ ହେଉଛି ସଜୀବ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ସୁରକ୍ଷିତ ଜଳ ସେବନ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଅତ୍ୟନ୍ତ ଜରୁରୀ। ତେବେ ସାମ୍ପ୍ରତିକ ମୁହୂର୍ତ୍ତରେ ମାନବଜାତି ଦ୍ୱୈତ ଜଳଜନିତ ଆହ୍ୱାନର ସମ୍ମୁଖୀନ ହେଉଛି। ବିସ୍ଫୋରିତ ଜନସଂଖ୍ୟାର ବର୍ଦ୍ଧିତ ଜଳ ଆବଶ୍ୟକତା ଏବଂ ଅଧିକାଂଶ ଭୂପୃଷ୍ଠ ଜଳଉତ୍ସର ବ୍ୟାପକ ପ୍ରଦୂଷଣ ବିଶୁଦ୍ଧ ଜଳକୁ ଏକ ଦୁଷ୍ପ୍ରାପ୍ୟ ପଦାର୍ଥରେ ପରିଣତ କରିଛି। ହୁଏତ ୪୦/୫୦ ବର୍ଷ ପୂର୍ବେ ନଦୀ, ହ୍ରଦର ଜଳକୁ ସିଧାସଳଖ ପାନୀୟ ଭାବରେ ବ୍ୟବହାର କରିବା ସମ୍ଭବପର ଥିଲା, ଯାହା ଆଜି ପ୍ରଦୂଷଣ ପ୍ରଭାବରୁ ଅସମ୍ଭବ । ଏପରି ପଟ୍ଟଭୂମିରେ ବୋତଲରେ ପାଣି ବିକ୍ରି ହେବା କ୍ରମଶଃ ବିଶ୍ୱରେ ଏକ ସର୍ବଜନ ଗ୍ରହଣୀୟ ପ୍ରକ୍ରିୟା ଏବଂ ବିଶାଳ ବ୍ୟବସାୟରେ ପରିଣତ ହୋଇଛି। ଏହା ମୁଖ୍ୟତଃ ପ୍ଲାଷ୍ଟିକ ବୋତଲରେ ଅଥବା ପାଉଚରେ ପ୍ୟାକେଜ କରାଯାଇ ପାନୀୟ ଜଳ ରୂପେ ସର୍ବତ୍ର ଉପଲବ୍ଧ ହେଉଛି। ବୋତଲ ପାଣି ବା ଜଳ ଶିଳ୍ପର ପ୍ରମୁଖ କମ୍ପାନୀମାନଙ୍କ ମଧ୍ୟରେ ନେସଲେ, ଡାନୋନ, ପେପ୍ସିକୋ ଏବଂ କୋକା-କୋଲା ପରି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ସହିତ ବିଶେଷକରି ଭାରତରେ ବିସ୍ଲେରି, କିନଲି, ଆକ୍ୱାଫିନା, କିଙ୍ଗ୍ ଫିସର୍, ବେଇଲି ଏବଂ ମାଉଣ୍ଟ ଏଭରେଷ୍ଟ ଭଳି ବ୍ରାଣ୍ଡ୍‌ଗୁଡ଼ିକ ସହ ବହୁ ସ୍ଥାନୀୟ ଉତ୍ପାଦ ଅନ୍ତର୍ଭୁକ୍ତ। ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ବିଶ୍ୱ ବୋତଲ ପାଣି ବଜାରର ମୂଲ୍ୟ ଥିଲା ୩୩୩.୨ ବିଲିୟନ ଆମେରିକୀୟ ଡଲାର, ଯାହା ଆକଳନ ଅନୁଯାୟୀ ୨୦୩୨ ସୁଦ୍ଧା ୫୩୮.୯ ବିଲିୟନ ଡଲାରରେ ପହଞ୍ଚିବ। ଏହା ୨୦୨୩-୩୨ର ଅବଧି ମଧ୍ୟରେ ଜଳ ବ୍ୟବସାୟର ୫.୬୭% ବାର୍ଷିକ ଅଭିବୃଦ୍ଧି ହାରକୁ ଦର୍ଶାଏ।

ତେବେ ସମଗ୍ର ବିଶ୍ୱରେ ଖାଦ୍ୟନଳୀ ବା ପେଟ ରୋଗର ବ୍ୟାପକତା ଏବଂ ଏହା ସହ ଜଡ଼ିତ ଗୁରୁତର ଆର୍ଥିକ ଓ ସାମାଜିକ ପରିଣାମ ହିଁ ମୁଖ୍ୟତଃ ବୋତଲ-ଜଳ ବଜାରକୁ ବିସ୍ତାରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜାତିସଂଘ ଅନୁଯାୟୀ ବିଶ୍ୱର ପ୍ରାୟ ୨୨୦ କୋଟି ଲୋକଙ୍କ ନିମନ୍ତେ ସମ୍ପ୍ରତି ନିରାପଦ ପାନୀୟ ଜଳ ଅପହଞ୍ଚ । ଅତଏବ ଉଭୟ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କ ଲୋକେ ଏହି ଅଭାବ ପୂରଣ ନିମନ୍ତେ ପ୍ରଦୂଷକ ମୁକ୍ତ, ପାନୀୟଯୋଗ୍ୟ ବୋତଲ ଜଳ ଉପରେ ନିର୍ଭରଶୀଳ। ପ୍ରତ୍ୟେକ ଦିନ ଗୋଟିଏ କିମ୍ବା ଦୁଇଟି ପାଣି ବୋତଲ କିଣିବା ଏବେ ଅନେକଙ୍କର ଅଭ୍ୟାସରେ ପରିଣତ ହେଲାଣି। ସୁରକ୍ଷିତ ଜଳ ଡିସେଣ୍ଟେରି, ଡାଇରିଆ ଏବଂ ଟାଇଫଏଡ ଭଳି ବିଭିନ୍ନ ଜଳବାହିତ ରୋଗକୁ ରୋକିଥାଏ। ସହଜସାଧ୍ୟ ଉପଲବ୍ଧତା ହେତୁ ଯାତ୍ରୀ, କାର୍ଯ୍ୟରତ ଅଧିକାରୀ ଏବଂ ଘରୋଇ ଗ୍ରାହକଙ୍କ ମଧ୍ୟରେ ତଥା



ସାମାଜିକ କର୍ମକାର୍ଯ୍ୟରେ ଏହି ବୋତଲର ଚାହିଦା କ୍ରମାଗତ ବୃଦ୍ଧି ପାଇଚାଲିଛି ଏବଂ ବଜାର ନିମନ୍ତେ ନୂତନ ସୁଯୋଗ ସୃଷ୍ଟି ହେଉଛି। ଏତଦ ବ୍ୟତୀତ ବଜାରରେ ଉପଲବ୍ଧ ପୁଷ୍ଟିସାର, ଆମିନୋ ଏସିଡ, ଇଲେକ୍ଟ୍ରୋଲାଇଟ୍ସ, ଭିଟାମିନ, ଖଣିଜ ପଦାର୍ଥ ଏବଂ ଅମ୍ଳଜାନଯୁକ୍ତ କିମ୍ବା ଜୈବ-ସକ୍ରିୟ, ରସାୟନଯୁକ୍ତ ପୁଷ୍ଟିକର ଜଳକୁ ମଧ୍ୟ ଲୋକମାନେ ପସନ୍ଦ କରୁଛନ୍ତି ।

ତେବେ ବୋତଲ ଜଳ ସୁବିଧାଜନକ ବୋଧହେଲେ ସୁଦ୍ଧା ବାସ୍ତବରେ ଏହା ସ୍ୱାସ୍ଥ୍ୟ ନିମନ୍ତେ କେତେ ସୁରକ୍ଷିତ ତାହା କ୍ରମଶଃ ଏକ ବିତର୍କର ପ୍ରସଙ୍ଗ ପାଲଟିଛି। ପ୍ୟାକେଜ ପାଣିର ଲୁକ୍କାୟିତ ସ୍ୱାସ୍ଥ୍ୟ ସମସ୍ୟାର ବିଭିନ୍ନ ଦିଗ ଉପରେ ସମ୍ପ୍ରତି ବିଶେଷଜ୍ଞମାନେ ଆଲୋକପାତ କରୁଛନ୍ତି। ନିକଟରେ କର୍ଣ୍ଣାଟକରେ ଅନୁଷ୍ଠିତ ପରୀକ୍ଷଣ ଏକ ଚିନ୍ତାଶୀଳ ତଥ୍ୟ ଲୋକଲୋଚନକୁ ଆଣିଛି, କାରଣ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ଗୁଣାତ୍ମକ ବିଶ୍ଳେଷଣ ନିମନ୍ତେ ସମଗ୍ର ରାଜ୍ୟରୁ ସଂଗୃହୀତ ବୋତଲ ଜଳ ନମୁନାର ଦୁଇ-ତୃତୀୟାଂଶ ହେଉଛି ସମ୍ପୂର୍ଣ୍ଣ ଅସୁରକ୍ଷିତ କିମ୍ବା ନିମ୍ନମାନର। ଏହା ଏକ ଗୁରୁତର ପ୍ରସଙ୍ଗ ରୂପେ ଉଭା ହୋଇଛି, ଯାହା ସମସ୍ତ ରାଜ୍ୟକୁ ଅନ୍ତର୍ଭୁକ୍ତ କରି ଏକ ଜାତୀୟ ସ୍ତରର ଅଧ୍ୟୟନକୁ ଆହ୍ୱାନ କରେ। ୨୦୨୪ର ଅନ୍ୟ ଏକ ବୈଜ୍ଞାନିକ ଅନୁସନ୍ଧାନ ସୂଚାଇଛି ଯେ ବୋତଲ ଜଳରେ ପୂର୍ବରୁ ଜଣାଥିବା କଣିକା ପରିମାଣ ଅପେକ୍ଷା ୧୦ରୁ ୧୦୦ ଗୁଣ ଅଧିକ ପ୍ଲାଷ୍ଟିକ କଣିକା ଥିବା ସମ୍ଭାବନା ରହିଛି। ଏହି କ୍ଷୁଦ୍ର କଣିକାଗୁଡ଼ିକ ଜଳଧାରଣକାରୀ ବୋତଲରୁ ଏବଂ ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ୟାନ୍ୟ ଉତ୍ସରୁ ସଂଗୃହୀତ ହୋଇଥାଏ। ଏହି ଗବେଷକମାନେ ପ୍ରତି ଲିଟର ବୋତଲ ପାଣିରେ ହାରାହାରି ୨,୪୦,୦୦୦ ପ୍ଲାଷ୍ଟିକ କଣିକା ଚିହ୍ନଟ କରିଛନ୍ତି। ଏକଥା ଜ୍ଞାତ ଯେ ଅଦୃଶ୍ୟ ପ୍ଲାଷ୍ଟିକ କଣିକା ଏବଂ ଏହା ସହ ଅନ୍ୟ ବିଷାକ୍ତ ରାସାୟନିକ ପଦାର୍ଥ ନିଃଶ୍ୱାସ, ଜଳ ଏବଂ ଖାଦ୍ୟ ମାଧ୍ୟମରେ ଶରୀରରେ ଅହରହ ପ୍ରବେଶ କରି କୋଷରେ ଜମିରହି ଦୀର୍ଘକାଳୀନ ଭିତ୍ତିରେ ବହୁ ସ୍ୱାସ୍ଥ୍ୟ ସମସ୍ୟା, ଏପରିକି କର୍କଟ ରୋଗ ସୃଷ୍ଟିର କାରଣ ହେଉଛନ୍ତି।


ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ)ପ୍ୟାକେଜ ପାନୀୟ ଜଳ ଏବଂ ମିନେରାଲ ଜଳର ଗୁଣବତ୍ତା ନିୟନ୍ତ୍ରଣ ନିମନ୍ତେ ଡିସେମ୍ବର ୨୦୨୪ରେ ଏହାକୁ 'ଉଚ୍ଚ-ବିପଦପୂର୍ଣ୍ଣ ଖାଦ୍ୟ ବର୍ଗ'ରେ ଶ୍ରେଣୀଭୁକ୍ତ କରିଛି। ଏହି ବର୍ଗର ଖାଦ୍ୟଗୁଡ଼ିକ କ୍ଷତିକାରକ ଅଣୁଜୀବ କିମ୍ବା ରାସାୟନିକ ପଦାର୍ଥ ଦ୍ୱାରା ପ୍ରଦୂଷଣର ଶିକାର ହେବାର ସମ୍ଭାବନା ଯଥେଷ୍ଟ ଥାଏ। ଏସବୁର ଠିକ୍ ଭାବରେ ପରିଚାଳନା, ସଂରକ୍ଷଣ କିମ୍ବା ପ୍ରସ୍ତୁତି ନ ହେଲେ ଖାଦ୍ୟଜନିତ ରୋଗ କିମ୍ବା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ଆଶଙ୍କା ବୃଦ୍ଧିପାଏ। ପୁନଶ୍ଚ, ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ ବୋତଲ ପାଣିରେ ପ୍ରାୟତଃ ଟ୍ୟାପ ପାଣି ଅପେକ୍ଷା ଯଥେଷ୍ଟ ଅଧିକ ପରିମାଣର ପ୍ଲାଷ୍ଟିକ ପ୍ରଦୂଷକ ରହୁଛି।

ଏପରି ଦୃଶ୍ୟପଟ୍ଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କଠୋର ନିୟମ, ବାରମ୍ବାର ଯାଞ୍ଚ, ଉନ୍ନତ ଗ୍ରାହକ ସଚେତନତା ଏବଂ ସୁରକ୍ଷା ମାନଦଣ୍ଡର ଉତ୍ତମ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଛି। ଜାତିସଂଘ ଅନୁଯାୟୀ, ଭାରତ ୨୦୨୨ରେ ମୂଲ୍ୟ ଅନୁସାରେ ବିଶ୍ୱରେ ବୋତଲ ଜଳର ୧୨ତମ ଏବଂ ପରିମାଣ ଅନୁସାରେ ୧୪ତମ ବୃହତ୍ତମ ଗ୍ରାହକ ଥିଲା, ଯେତେବେଳେ କି ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆ ପ୍ରତିବର୍ଷ ସର୍ବାଧିକ ବୋତଲ ଜଳ ବ୍ୟବହାର କରୁଥିବା ରାଷ୍ଟ୍ରର ଆଖ୍ୟା ଅର୍ଜନ କରିଥିଲେ। ଏହି କ୍ରମରେ ଉତ୍ତର ଆମେରିକା ଦ୍ୱିତୀୟ ଏବଂ ୟୁରୋପ ତୃତୀୟ ସର୍ବାଧିକ ବୋତଲ ଜଳ ବଜାର ଅଂଶ ହାସଲ କରିଥିଲା।

ମୁଖ୍ୟତଃ ପଲିଥିଲିନ ଟେରେପଥାଲେଟ (ପେଟ)ରୁ ତିଆରି ପ୍ଲାଷ୍ଟିକ ବୋତଲଗୁଡ଼ିକ ଉତ୍ପାଦନ, ପରିବହନ ଏବଂ ନିଷ୍କାସନ ପ୍ରକ୍ରିୟାରେ ପରିବେଶ ପ୍ରଦୂଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ପରିତ୍ୟକ୍ତ ବୋତଲଗୁଡ଼ିକ ଦଶନ୍ଧି ଧରି ପରିବେଶରେ ଜମିରହେ, ଯେଉଁଥିରୁ ମାଇକ୍ରୋପ୍ଲାଷ୍ଟିକ (୫ ମିମିରୁ କମ) ଏବଂ ନାନୋପ୍ଲାଷ୍ଟିକ କଣିକାସବୁର ସୃଷ୍ଟି ହୁଏ। ସମୟକ୍ରମେ ଏସବୁ ସମୁଦ୍ରଠାରୁ ଜଙ୍ଗଲ ପର୍ଯ୍ୟନ୍ତ ସମସ୍ତ ପରିସଂସ୍ଥା ଏବଂ ସେସବୁର ଉଦ୍ଭିଦ ଓ ଜୀବଜନ୍ତୁଙ୍କ ଶରୀରରେ ପ୍ରବେଶ କରୁଛି। ପ୍ଲାଷ୍ଟିକରେ ସାଧାରଣତଃ ଉପଲବ୍ଧ ଥିବା ଥାଲେଟ୍ସ ଏବଂ ବିସ୍ଫିନଲ ଶରୀରର ହରମୋନଗୁଡ଼ିକୁ ବିପର୍ଯ୍ୟସ୍ତ କରିପାରନ୍ତି, ଯାହା ପ୍ରଜନନ ଏବଂ ବିପଚନ (ମେଟାବୋଲିକ) ସମସ୍ୟା ସୃଷ୍ଟି କରେ। ଏପରି ଗମ୍ଭୀର ସମସ୍ୟା ପରିପ୍ରେକ୍ଷୀରେ ବ୍ୟକ୍ତିଗତ ସ୍ତରରେ, କାଚ ବା ଷ୍ଟିଲ ନିର୍ମିତ ପୁନଃବ୍ୟବହାରଯୋଗ୍ୟ ପାଣି ବୋତଲକୁ ପରିବର୍ତ୍ତନ କରିବା ଏବଂ ଉତ୍ତମ ମାନବିଶିଷ୍ଟ ଘରୋଇ ଫିଲ୍ଟ୍ରେସନ ପ୍ରକ୍ରିୟାର ବ୍ୟବହାର କରି ପ୍ଲାଷ୍ଟିକ ଅପଚୟ ଏବଂ କ୍ଷୁଦ୍ର ପ୍ଲାଷ୍ଟିକ ସଂସ୍ପର୍ଶକୁ ଯଥେଷ୍ଟ ହ୍ରାସ କରାଯିବା ସହ ଜଳରୁ ଅନ୍ୟାନ୍ୟ ପ୍ରଦୂଷକ ଓ ରୋଗ ଜୀବାଣୁଙ୍କୁ ଅପସାରଣ କରିବା ଏକାନ୍ତ ଅପରିହାର୍ଯ୍ୟ। ଉତ୍ତମ ଗୁଣବତ୍ତାର ଜଳଯୋଗାଣ ସହ ଜନସଚେତନତା ଅଭିଯାନ ମାଧ୍ୟମରେ ଟ୍ୟାପ ପାଣି ଉପରେ ବିଶ୍ୱାସ ପୁନଃସ୍ଥାପିତ କରିବା ଏବଂ ନିରନ୍ତର ବ୍ୟବହାର ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପ୍ରଶାସନର ଲକ୍ଷ୍ୟ ହେବା ବାଞ୍ଛନୀୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ**
**ମୋ: ୯୪୩୭୦୭୬୧୦୦**

# ସାମାଜିକ ଜୀବନରେ ଚାପଗୋଷ୍ଠୀର ଭୂମିକା



ଅଲେଖ ଚନ୍ଦ୍ର ମିଶ୍ର

ପ୍ରଖ୍ୟାତ ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲଙ୍କ ଭାଷାରେ ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରେ ତା'ର ଜନ୍ମ, ସମାଜରେ ସ୍ଥିତି ଏବଂ ସମାଜରେ ହିଁ ତା'ର ବିଲୟ। ତେବେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମାଜର ଯେଉଁ ପ୍ରକ୍ରିୟା ମନୁଷ୍ୟର ଜୀବନଶୈଳୀକୁ ବିଶେଷ ଭାବରେ ପ୍ରଭାବିତ ଓ ଅନେକାଂଶରେ ନିୟନ୍ତ୍ରିତ କରିଥାଏ ତାହା ହେଉଛି ଚାପ ଶକ୍ତି। ଚାପ ପ୍ରକ୍ରିୟାର ସୃଷ୍ଟି ପରିବାରରୁ ହୁଏ ଏବଂ ପରିବେଶ ଦ୍ୱାରା ପୁଷ୍ଟ ହୋଇଥାଏ। ସାଇପଡ଼ିଶା, ବନ୍ଧୁବାନ୍ଧବ, ଗୁରୁଜନ, ବିଦ୍ୟାଳୟ, ସାଙ୍ଗସାଥୀ, କର୍ମକ୍ଷେତ୍ର ଇତ୍ୟାଦି ଯେଉଁମାନଙ୍କ ସଂସ୍ପର୍ଶରେ ସେ ଆସେ ସେମାନେ ସମ୍ମିଳିତ ଭାବରେ ଏକ ଚାପଗୋଷ୍ଠୀ ( ପ୍ରେସର୍ ଗ୍ରୁପ୍) ସୃଷ୍ଟି କରନ୍ତି, ଯାହାର ପ୍ରଭାବ ଏତେ ସୁଦୂରପ୍ରସାରୀ ହୋଇଥାଏ ଯେ ସେଥିରୁ ନିବୃତ୍ତ ହେବା ଅସମ୍ଭବ। ଶୈଶବ, କୈଶୋର, ଯୌବନ, ପ୍ରୌଢ଼,ବାର୍ଦ୍ଧକ୍ୟ ଇତ୍ୟାଦି ଯେତେସବୁ ସ୍ତର ଦେଇ ସେ ଗତିକରେ ପ୍ରତ୍ୟେକ କ୍ଷେତ୍ରରେ ସେ ଏପରି ଶିକ୍ଷାଲାଭ କରେ ଯେ ସେ ସବୁ ଦ୍ୱାରା ପରିଚାଳିତ ହୋଇ ଶେଷରେ ସେ ନିଜର ମାତାପିତାଙ୍କୁ ବି ବେଳେ ବେଳେ ନିଜର ନୂତନ ଲବ୍ଧଜ୍ଞାନ ଦ୍ୱାରା ପ୍ରଭାବିତ କରିବାକୁ ଚେଷ୍ଟା କରେ ଏବଂ ସେହିଠାରୁ ହିଁ ଆରମ୍ଭ ହୁଏ ପିଢ଼ିର ବ୍ୟବଧାନ ବା ଜେନେରେଶନ ଗ୍ୟାପ୍।

ବିଦ୍ୟାଳୟ ଶିକ୍ଷା ପ୍ରଦାନ କରେ, କିନ୍ତୁ ପରିବେଶ ବାସ୍ତବ ଅଭିଜ୍ଞତା ଦିଏ। ଏହି ଅଭିଜ୍ଞତାର ଉତ୍ସ ହେଉଛି ସମାଜରେ ପ୍ରଚଳିତ ନାନା ପ୍ରକାରର ଚଳଣି, ଚାଲିଚଳନ,ବିଧିବିଧାନ, ନୀତି ନିୟମ, ରୀତିନୀତି, ବୋଲିବାଣୀ, ଢଗଢମାଳି, ଲୋକଚରିତ୍ର, ଲୌକିକ ବଚନିକା, ପ୍ରବାଦ, ପ୍ରହେଳିକା ଆଦି ଚାପଗୋଷ୍ଠୀ। ଏହାର ପରିସର ଏତେ ବ୍ୟାପକ ଯେ ସେ ସବୁର ଅବତାରଣା କରିବା ସମ୍ଭବ ନୁହେଁ। ତେବେ କେତୋଟିର ଉଦାହରଣ ଦିଆଯାଇପାରେ।

ସମାଜ ଦୃଷ୍ଟିରେ କେତେକ କର୍ମ ସହିତ କୁଅଭ୍ୟାସ ଏପରି ଓତପ୍ରୋତ ଭାବରେ ଜଡ଼ିତ ଯେ ସେଥିରେ ଯେତେ ଭଲ ଉଦ୍ଦେଶ୍ୟ ଥିଲେ ବି କେହି ବିଶ୍ୱାସ କରନ୍ତିନି ଯେପରି ଖଜୁରି ଗଛ ମୂଳରେ ବସି କ୍ଷୀର ପିଇଲେ କ'ଣ ପିଉଛି ନ ଦେଖି, ନ ଜାଣି ଲୋକେ ଧରିନେବେ ଯେ ମଦ ପିଉଛି, କାରଣ ଏହା ଏକ ଜନଶ୍ରୁତି ସମ୍ବଳିତ ସାଧାରଣ ଧାରଣା। 'ବାଟରୁ ଉଠ ମୁଁ ହାଟକୁ ଯିବି ' ସେହିଭଳି ଏକ ଲୌକିକ ବଚନିକା ଯାହା ସ୍ୱୈରିଣୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଏକ ପରୋକ୍ଷ ଉକ୍ତି। ବାଲ୍ୟାବସ୍ଥାରେ ବିଦ୍ୟା ଓ ଧର୍ମ ସଞ୍ଚୟ କରିବା ପାଇଁ ଏକ ଉପଦେଶାତ୍ମକ ବାଣୀ ହେଲା , 'ବାଲ୍ୟକାଳୁ ବିଦ୍ୟା ଧର୍ମ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ'। ସେହିପରି 'ଠେକୁଆ କଇଁଛ କଥା' କାହାକୁ ଅବା ଅଜଣା ? ଲକ୍ଷ୍ୟ ହାସଲ ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଉପରେ ଆଧାରିତ ଏହି ଉପାଖ୍ୟାନଟି ଯୁଗ ଯୁଗ ଧରି ଲୋକ ଚରିତ୍ରକୁ ଦିଗ୍‌ଦର୍ଶନ ଦେଇ ଆସିଛି। ସାଧାରଣତଃ ନୀଚ ଲୋକଟିଏ ଉଚ୍ଚ ସ୍ଥାନ ଅଧିକାର କରିଲା ପରେ ଆପଣାର ପୂର୍ବାବସ୍ଥାକୁ ଭୁଲି ଯାଇ ଧରାକୁ ସରା ଜ୍ଞାନ କରୁଥିବା ବେଳେ ସମାଜ ତାକୁ ପରୋକ୍ଷ ଉକ୍ତିରେ ଉପହସିତ କରେ, 'କାଣ୍ଡିଆ କୁଣ୍ଡାରେ ଦିନ ସରେନି ଏବେ ଗୁଡୁ ନାହିଁ ସର ଲବଣୀ '। ଏହାଛଡା




ଲୋକଲଜ୍ଜା, ଚକ୍ଷୁ ଲଜ୍ଜା ବା ଧର୍ମକୁ ଆଖିଠାର ଏହିଭଳି ଏକ ସାମାଜିକ ପ୍ରତିବନ୍ଧକ ଯାହା କୁକର୍ମ କରିବାରୁ ନିବୃତ୍ତ ହେବା ପାଇଁ ଲୋକଙ୍କ ଉପରେ ନୈତିକ ଚାପ ପ୍ରୟୋଗ କରେ, ଯାହାଫଳରେ ସର୍ବସାଧାରଣରେ ମଦ୍ୟପାନ, ନିଶା ସେବନ, ଚୋରି, କୁତ୍ସାରଟନା ଭଳି କର୍ମ ନ କରି ଲୋକଟିଏ ସୁଯୋଗକୁ ଅପେକ୍ଷା କରେ। ସମାଜରେ ପ୍ରଚଳିତ ଅନ୍ୟ ଏକ ଚାପ ପ୍ରୟୋଗକାରୀ ଶକ୍ତି ହେଉଛି ଘରର ଭିତିରି କଥା, ଗୁମର, ଗୋଇ ବା ଇଜ୍ଜତ। ଥରେ ସେଥିରେ ଦାଗ ଲାଗିଗଲେ ଆଉ ଲିଭେନା। ଲୋକମୁଖରେ ପିଢ଼ି ପିଢ଼ି ଧରି ସଂପୃକ୍ତ ପରିବାରର ଏକ କଳଙ୍କ ଭାବରେ ତାହା ଗଡିଚାଲେ। ତେଣୁ ଯେତେ ବଡ଼ ହେଲେ ମଧ୍ୟ ଏଭଳି ଦୁର୍ବଳତା ଥିବା ପରିବାରର ବଂଶଧରମାନେ ମଥାନତ କରିବାକୁ ବାଧ୍ୟ ହୁଅନ୍ତି।

ଏହିପରି ଭାବରେ ଆମ ସମାଜରେ ଅସଂଖ୍ୟ ଚଳଣି ଓ ପରମ୍ପରା ରହିଛି ଯାହାକୁ ପ୍ରଶ୍ନ କରିହେବ ନାହିଁ, କାରଣ ଏସବୁ ଯୁଗ ଯୁଗର ଅଭିଜ୍ଞତା ଏବଂ ଆବଶ୍ୟକତା ଉପରେ ପର୍ଯ୍ୟବସିତ ତଥା ପରୀକ୍ଷିତ। ତେଣୁ ବାହୁ, ଧନ, ଜନ ବଳରେ ଯେତେ ବଳୀୟାନ ହେଲେ ଶକ୍ତି, କ୍ଷମତା, ପ୍ରତିପତ୍ତି,ପ୍ରାଧାନ୍ୟ ଆଦି ଯେତେ ଥିଲେ ବି ଏଭଳି ଚାପଶକ୍ତିକୁ ମାନି ନେବାକୁ ଲୋକ ବାଧ୍ୟ ହୁଏ। କେହି କେହି ଆତ୍ମଗର୍ବୀ ବା ହେତୁବାଦୀ ଏ ସବୁକୁ ଅନ୍ଧବିଶ୍ୱାସ ବୋଲି ହେୟଜ୍ଞାନ କରିବାକୁ ଚାହିଁଲେ ସେଥିପାଇଁ କିଛି ଅନ୍ତରାୟ ନ ଥାଏ ; କିନ୍ତୁ ଯେତେବେଳେ ସେମାନେ କୌଣସି ଅଘଟଣର ସମ୍ମୁଖୀନ ହୁଅନ୍ତି ସେତେବେଳେ ତାଙ୍କ ମନ ଭିତରେ ଚାପି ହୋଇ ରହିଥିବା ଚାପଗୋଷ୍ଠୀର ଉପାଦେୟତାକୁ ସେମାନେ ମନେପକାନ୍ତି।

ଆଗେ ବୟୋଜ୍ୟେଷ୍ଠ ବ୍ୟକ୍ତି, ଗୁରୁଜନ, ଶିକ୍ଷକ, ପଡୋଶୀ, ସମ୍ପର୍କୀୟ ଏମାନେ ସମସ୍ତେ ଅଳ୍ପ ବହୁତେ ଚାପଶକ୍ତିର ବାହକ ଥିଲେ। ଗ୍ରାମ୍ୟ ଚଳଣିକୁ ଶୃଙ୍ଖଳିତ କରିବା ପାଇଁ ମୁଖିଆ, ପୂଜକ, ମୁରବି, ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ ଯେଉଁମାନେ ଗ୍ରାମ ବା ସହର ମଧ୍ୟରେ ଉପୁଜୁଥିବା ମନୋମାଳିନ୍ୟ କିମ୍ବା ଅବୁଝାମଣାକୁ ନିଜ ନିଜ ଭିତରେ ସମାଧାନ କରି ଦେଉଥିଲେ। ସେହିପରି ଧାର୍ମିକ ଅନୁଷ୍ଠାନ ତଥା ମଠ ମନ୍ଦିର ଇତ୍ୟାଦି ଆଧ୍ୟାତ୍ମିକ ଚାପ ମାଧ୍ୟମରେ ସାମାଜିକ ସଂହତି ରକ୍ଷା କରୁଥିଲେ। କାଳକ୍ରମେ ଗଣମାଧ୍ୟମ(ଛାପା ଓ ବୈଦ୍ୟୁତିକ) ନିଜ ନିଜ ସ୍ତରରେ ଏ ବିଷୟରେ ସଚେତନତା ସୃଷ୍ଟି କରି ଆଦର୍ଶ ସମାଜର ବାର୍ତ୍ତା ପ୍ରସାର କରୁଛନ୍ତି ଏବଂ ସରକାରୀ ତଥା ବେସରକାରୀ ସ୍ତରରେ ଘଟୁଥିବା ଅନିୟମିତତାକୁ ଲୋକଲୋଚନକୁ ଆଣିବାକୁ ଯଥାସମ୍ଭବ ପ୍ରୟାସ କରୁଛନ୍ତି। ସମ୍ପ୍ରତି ବହୁଳ ବ୍ୟବହୃତ ହେଉଥିବା ଇଣ୍ଟରନେଟ୍, ୱାଇଫାଇ, ଆଇଟି, ସ୍ମାର୍ଟଫୋନ ଇତ୍ୟାଦି ପୃଥିବୀର କୋଣ ଅନୁକୋଣରେ ଘଟୁଥିବା ଘଟଣାବଳୀକୁ ନିମିଷକରେ ସର୍ବତ୍ର ପହଞ୍ଚେଇ ଦେଇ ସାମଗ୍ରିକ ଚାପଗୋଷ୍ଠୀର ଭୂମିକା ନିଭାଉଛି। ଚାପଗୋଷ୍ଠୀ ଆଦର୍ଶ ଓ ଶୃଙ୍ଖଳିତ ଜୀବନ ଗଠନର ଏକ ବଳିଷ୍ଠ ମାଧ୍ୟମ ହେବା ବ୍ୟତୀତ ବାସ୍ତବ ଜ୍ଞାନର ଅଧିକାରୀ କରେଇ ଥାଏ, ଯାହାର ଅଭାବରେ ସାଧାରଣ ଶିକ୍ଷାଗତ ଯୋଗ୍ୟତା ମୂଲ୍ୟହୀନ ହୋଇଯାଏ। ଅତଏବ ଏକ ସ୍ୱୟଂସମ୍ପୂର୍ଣ୍ଣ ଜୀବନଯାପନ ପାଇଁ ଚାପଗୋଷ୍ଠୀର ଆବଶ୍ୟକତାକୁ ଏଡେଇ ହେବନାହିଁ।

**ଶାସ୍ତ୍ରୀନଗର, ୟୁନିଟ -୪, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

ଦିବ୍ୟାଙ୍ଗଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ରୋଜଗାର ଦେବାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଦାହରଣ ସୃଷ୍ଟି କରିଛନ୍ତି। ୧୦୦ରୁ ଅଧିକ ଦିବ୍ୟାଙ୍ଗ ସେମାନଙ୍କ ସମୁଦାୟ ପାଇଁ ଭିନ୍ନ ଧରଣର ପୋଷାକ ତିଆରି କରୁଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦିଲ୍ଲୀ କଳା ଓ ବାଣିଜ୍ୟ କଲେଜ( ଡିସିଏସି)ର ଛାତ୍ରୀଛାତ୍ରଙ୍କ ଏକ ଟିମ୍‌ର ନେତୃତ୍ୱରେ 'ପ୍ରୋଜେକ୍ଟ ରିୟାତ'ଦ୍ୱାରା ଏହି କାର୍ଯ୍ୟ ଚାଲୁଛି। ଏହି ପ୍ରୋଜେକ୍ଟ ୨୦୨୩ରେ ଗଠନ କରାଯାଇଥିଲା ଓ ତାହାର ମୁଖ୍ୟ ଥିଲେ ଅଭିଶି । ଏବେ ମିଶା ଉରୋଜ ଏହାର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଡିସିଏସିର ଟିମ୍ ସର୍ଭେ କରି ଏହି ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ଟେଲର ମାଷ୍ଟରଙ୍କ ମାଧ୍ୟମରେ ପ୍ରଶିକ୍ଷଣ ଦେଇଛନ୍ତି। ଏହିସବୁ କାର୍ଯ୍ୟ ଛାତ୍ରୀଛାତ୍ରମାନେ ଦିଲ୍ଲୀସ୍ଥିତ ଅଣ ଲାଭକାରୀ ସଂସ୍ଥା ଫ୍ୟାମିଲି ଅଫ୍ ଡିଜାବିଲିଟି(ଏଫ୍‌ଓଡି)ର ଭାଗୀଦାରିରେ କରୁଛନ୍ତି। ପ୍ରତିଦିନ କଲେଜରେ ପଢ଼ା ପରେ ସନ୍ଧ୍ୟା ୬ଟାରେ ଏହି କାମ ପାଇଁ ସେମାନେ ଆଲୋଚନା କରୁଛନ୍ତି। ଦିବ୍ୟାଙ୍ଗଙ୍କ ଦ୍ୱାରା ତିଆରି ପୋଷାକଗୁଡ଼ିକୁ ପ୍ରୋଜେକ୍ଟର ୱେବ୍‌ସାଇଟରେ ବିକ୍ରି ପାଇଁ ଅର୍ଡର ସଂଗ୍ରହ କରାଯାଉଛି। ପୋଷାକର ମୂଲ୍ୟ ୧,୦୦୦ରୁ ୧୫୦୦ ମଧ୍ୟରେ ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଏପ୍ରିଲ ୧୯୭୬

- ଆଭ୍ୟନ୍ତରୀଣ ବଜାରରେ ଆଳୁର ଖୁଚୁରା ଦର ବୃଦ୍ଧି ପାଇଥିବାରୁ ନାଫେଡ୍ ପକ୍ଷରୁ ପଦକ୍ଷେପ ସ୍ୱରୂପ ବିଦେଶକୁ ଆଳୁ ରପ୍ତାନୀ ବନ୍ଦ।
- ତିରୁମଲାଇ ପର୍ବତମାଳାର ଘାଟି ରାସ୍ତାରେ ଆନ୍ଧ୍ରପ୍ରଦେଶର ପରିବହନ ବସ୍ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ଘଟଣାସ୍ଥଳରେ ୧୦ ଜଣ ନିହତ।
- ମିଳିତ ଜାତିସଂଘର ପରବର୍ତ୍ତୀ ସେକ୍ରେଟାରୀ ଜେନେରାଲ ପଦବୀ ପାଇଁ ପ୍ରାର୍ଥୀ ରୂପେ ୬ ଜଣଙ୍କ ନାମ ଉଲ୍ଲେଖ କରାଯାଇଥିବା 'ନ୍ୟୁୟର୍କ ଟାଇମ୍ସ' ସମ୍ବାଦପତ୍ର ସୂତ୍ରରୁ ପ୍ରକାଶ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | 9 | | 5 | |
| | 3 | 6 | 4 | | 2 | | | |
| 9 | | | | 7 | | | | |
| | | | | 1 | 6 | | | |
| | 5 | | | | | 3 | 1 | 2 |
| | | | 3 | 8 | | | | |
| | | | | 6 | | 9 | 4 | |
| | | 3 | 7 | | | | | |
| 8 | | 4 | 5 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 3 | 5 | 8 | 6 | 9 | 2 | 4 |
| 4 | 8 | 6 | 1 | 2 | 9 | 3 | 7 | 5 |
| 9 | 2 | 5 | 3 | 4 | 7 | 8 | 6 | 1 |
| 3 | 5 | 4 | 8 | 1 | 2 | 6 | 9 | 7 |
| 6 | 7 | 2 | 9 | 5 | 4 | 1 | 8 | 3 |
| 1 | 9 | 8 | 6 | 7 | 3 | 4 | 5 | 2 |
| 2 | 3 | 7 | 4 | 9 | 8 | 5 | 1 | 6 |
| 8 | 4 | 1 | 7 | 6 | 5 | 2 | 3 | 9 |
| 5 | 6 | 9 | 2 | 3 | 1 | 7 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ଓ ବିଦ୍ୟୁତ୍ ଅପଚୟ ରୋକାଯାଉ

ମହାଶୟ,
ଜଳ ଓ ବିଦ୍ୟୁତ୍ ଦୁଇଟି ଅତ୍ୟାବଶ୍ୟକ । ମନୁଷ୍ୟ ଜୀବନ ଯାପନ ପାଇଁ ଏଥିରୁ ଗୋଟିଏର ଅଭାବରେ ମଣିଷ ଚଳିପାରିବ ନାହିଁ । ଏବେ ଗ୍ରୀଷ୍ମଋତୁ ଚାଲି ଥିବାରୁ ଜଳାଭାବ ଏକ ପ୍ରମୁଖ ସମସ୍ୟା ରୂପେ ଠିଆ ହୋଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ପାନୀୟ ଓ ବ୍ୟବହାରଯୋଗ୍ୟ ଜଳର ଘୋର ଅଭାବ ରହିଛି। ବହୁ ଅଞ୍ଚଳରେ ଲୋକମାନେ ଜଳାଭାବରୁ ଡହଳ ବିକଳ ହେଉଛନ୍ତି । ମାତ୍ର ଅନେକ ସ୍ଥାନରେ ଜଳର ଅପଚୟ ହେଉଛି । ଘରେ ଜଳ ବ୍ୟବହାର କଲାବେଳେ ଲୋକମାନେ ଅଯଥାରେ ବହୁ ପାଣି ନଷ୍ଟ କରୁଛନ୍ତି । ଅନେକ ଅଞ୍ଚଳରେ ପାଣି ଷ୍ଟାଣ୍ଡ ଅଚଳ ଥିବାରୁ, ପାଣିର ଟ୍ୟାପ୍‌ଗୁଡିକ ଖୋଲା ରହି ସବୁବେଳେ ପାଣି ବୋହିଯାଇ ନଷ୍ଟ ହେଉଛି । ସେହିପରି ବିଦ୍ୟୁତ୍ ବ୍ୟବହାରରେ ଲୋକମାନେ ସଚେତନ ନୁହନ୍ତି । ରାସ୍ତାଘାଟ, ମନ୍ଦିର ପ୍ରାଙ୍ଗଣ ଓ ବହୁ ଅନୁଷ୍ଠାନରେ ଦିନସାରା ଲାଇଟ୍ ଜଳୁଛି । ଅନାବଶ୍ୟକ ସମୟରେ ଫ୍ୟାନ୍‌ଗୁଡିକ ବୁଲୁଛି । ଏହା ତଦାରଖ କରିବାକୁ କୌଣସି ବ୍ୟବସ୍ଥା ନାହିଁ ବା କାହାପାଖରେ ସମୟ ନାହିଁ ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର ।**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଶ୍ୱ ହେଲା ନିକଟତମ
ଅତିହିଁ ପ୍ରିୟ, ପ୍ରାସ
ଉଠିଲା ପୁରି ସକଳ କ୍ଷତ
ସକଳ ଅବକାଶ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ



କୋଲକାତାରେ ଶୁକ୍ରବାର ବରିଷ୍ଠ ଭାଜପା ନେତା ଦିଲୀପ ଘୋଷ ଦଳୀୟ ନେତ୍ରୀ ରିଙ୍କୁ ମଜୁମଦାରଙ୍କୁ ବିବାହ କରୁଛନ୍ତି।

## ୬୦ ବର୍ଷରେ ଦି ହାତ ହେଲେ ଦିଲୀପ ଘୋଷ

କୋଲକାତା,୧୮।୪(ପି.ଟି.)

ପଶ୍ଚିମବଙ୍ଗ ଭାଜପାର ପୂର୍ବତନ ସଭାପତି ଦିଲୀପ ଘୋଷ ୬୦ ବର୍ଷ ବୟସରେ ହାତେରୁ ଦି ହାତ ହୋଇଛନ୍ତି। କୋଲକାତାରେ ଭାଜପା ନେତ୍ରୀ ରିଙ୍କୁ ମଜୁମଦାରଙ୍କୁ ସେ ବିବାହ କରିଛନ୍ତି। ୨୦୨୧ରେ ପ୍ରାତଃଭ୍ରମଣ ବେଳେ ଉଭୟେ ପରସ୍ପରକୁ ଭେଟିଥିଲେ। ପରେ ସମ୍ପର୍କରେ ଘନିଷ୍ଠତା ବଢ଼ିଥିଲା। ତେବେ ମା'ଙ୍କ କଥା ମାନି ବିବାହ କରିଥିବା ପୂର୍ବତନ ଏମ୍‌ପି ଦିଲୀପ କହିଛନ୍ତି। ଦିଲୀପ ପୂର୍ବରୁ ଅବିବାହିତ ଥିବାବେଳେ ରିଙ୍କୁଙ୍କ ଏହା ଦ୍ୱିତୀୟ ବିବାହ। ପ୍ରଥମ ବିବାହରୁ ତାଙ୍କର ଏକ ପୁଅ ଅଛନ୍ତି।

# ୩୦ରେ କଂଗ୍ରେସର ଚାଷୀ ସମାବେଶ: ଭକ୍ତ

ଭୁବନେଶ୍ୱର,୧୮।୪ (ରବିନାରାୟଣ ଜେନା)

ରାଜ୍ୟରେ ନାରୀ ନିର୍ଯାତନାକୁ ନେଇ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ସଂଘର୍ଷ ଆହୁରି ତୀବ୍ର ହେବ। ଏହାସହିତ ଚଳିତମାସ ୩୦ରେ ପବିତ୍ର ଅକ୍ଷୟତୃତୀୟା ଦିନ ଚାଷୀଙ୍କ ସମସ୍ୟାକୁ ନେଇ କଂଗ୍ରେସ ପକ୍ଷରୁ ଜିଲ୍ଲାସ୍ତରରେ ଚାଷୀ ସମାବେଶ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଭକ୍ତ କହିଛନ୍ତି, ଆସନ୍ତା ୨୧ରେ ଜିଲ୍ଲାସ୍ତରରେ ନାରୀଙ୍କ ପାଇଁ ନ୍ୟାୟ ସମାବେଶ କରାଯିବାକୁ ଥିଲା। ମାତ୍ର ଏହାକୁ ୩୦କୁ ଘୁଞ୍ଚାଇ ଦିଆଯାଇଛି। ଏହି ଦିନ ନାରୀଙ୍କ ପାଇଁ ନ୍ୟାୟ ସହିତ ଚାଷୀ ସମାବେଶ କରିବା। ରାଜ୍ୟ ସରକାର କିଭଳି ନାରୀ ଓ ଚାଷୀଙ୍କୁ ଅବହେଳିତ କରୁଛନ୍ତି ତା'ର ଜବାବ ସରକାରଙ୍କଠାରୁ ମଗାଯିବ। ଏଥିସହ ସମଗ୍ର ରାଜ୍ୟରେ ୬୪ ହଜାର ମହିଳା ନିଖୋଜ ଅଛନ୍ତି। ରାଜ୍ୟରେ ଏହାକୁ ନେଇ ଭୟଙ୍କର ବେପାର ଚାଲିଛି। ସରକାର ପୋଲିସ ବଳକୁ ବ୍ୟବହାର କରି ଏସବୁ ରୋକିବା କଥା କିନ୍ତୁ ଏବିଗରେ ସରକାରୀ ବଳ ନ ଖଟାଇ ଯେଉଁମାନେ ନାରୀଙ୍କ ପାଇଁ ସ୍ୱର ଉଠାଉଛନ୍ତି ତାଙ୍କୁ ଦମନ କରୁଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ପୋଲିସଙ୍କୁ ବ୍ୟବହାର କରାଯାଉଛି ବୋଲି ସେ କହିଛନ୍ତି। ସେହିପରି ଆସନ୍ତା ୩୦ରେ ଜିଲ୍ଲାସ୍ତରରେ ହେବାକୁ ଥିବା ଚାଷୀ ସମାବେଶ ବେଳେ କଂଗ୍ରେସ ନେତୃବୃନ୍ଦ ଚାଷୀଙ୍କ ସମସ୍ୟା ନେଇ ଆଲୋଚନା କରିବେ। ଏହାପରେ ଚାଷୀଙ୍କ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଭକ୍ତ କହିଛନ୍ତି।

# ଯୁବ ସମାଜ କଂଗ୍ରେସକୁ କ୍ଷମା ଦେବ ନାହିଁ: ଅଭିଳାଷ

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

**ନ୍ୟାଶନାଲ ହେରାଲ୍ଡ ପ୍ରସଙ୍ଗରେ ଯୁବମୋର୍ଚ୍ଚାର ବିକ୍ଷୋଭ**

କଂଗ୍ରେସ ବିରୋଧରେ ରାସ୍ତାକୁ ଓହ୍ଲାଇଛି ଭାଜପା ଯୁବମୋର୍ଚ୍ଚା। ନ୍ୟାଶନାଲ ହେରାଲ୍ଡ ପ୍ରସଙ୍ଗକୁ ନେଇ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଯୁବମୋର୍ଚ୍ଚା ନେତା ଓ କର୍ମୀମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି, ଧାରଣା ଦେବାର ଅଧିକାର ସମସ୍ତଙ୍କର ଅଛି, କିନ୍ତୁ ଦେଶର ସମ୍ପତ୍ତି, ଜମି ଓ ଧନ ଲୁଟ୍ କରିବାର ଅଧିକାର କାହାକୁ ଦିଆଯାଇନାହିଁ। ଧାରଣା ଦେଇ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ କଂଗ୍ରେସ ଅତ୍ୟନ୍ତ ନିର୍ଲଜ କାମ କରୁଛି। ଗତ ୪ ବର୍ଷ ଧରି ନ୍ୟାଶନାଲ ହେରାଲ୍ଡ ମାମଲା ସୁପ୍ରିମକୋର୍ଟରେ ଚାଲିଛି। ଏହି ଘଟଣାରେ ବର୍ତ୍ତମାନ ଜାମିନରେ ଥିବା ଉଭୟ ସୋନିଆ ଏବଂ ରାହୁଲ ଗାନ୍ଧୀ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ଆଶ୍ୱସ୍ତି ମିଳିଲାନାହିଁ। ଏବେ ଆଇନକୁ ସାହାଯ୍ୟ ଓ ସହଯୋଗ କରିବା ପରିବର୍ତ୍ତେ ତଦନ୍ତକାରୀ ସଂସ୍ଥା ଇଡିକୁ କଂଗ୍ରେସ ପକ୍ଷରୁ ଧମକ ଦିଆଯିବା ଦୁର୍ଭାଗ୍ୟଜନକ ବୋଲି ଅଭିଳାଷ କହିଛନ୍ତି। ଦେଶର ସ୍ୱାଧୀନତା ସଂଗ୍ରାମ ସେନାନୀଙ୍କ ବାର୍ତ୍ତାକୁ ସାରା ଦେଶରେ ପହଞ୍ଚାଇବା ଉଦ୍ଦେଶ୍ୟରେ ୧୯୩୭ରେ ନ୍ୟାଶନାଲ ହେରାଲ୍ଡ ଖବରକାଗଜ ପ୍ରକାଶନ ଆରମ୍ଭ ହୋଇଥିଲା। ହେଲେ ଏହି ଖବର ସରବରାହ ସଂସ୍ଥାକୁ କଂଗ୍ରେସ ଓ ଗାନ୍ଧୀ ପରିବାର ନିଜର ସମ୍ପତ୍ତି ଭଳି ବ୍ୟବହାର କରିଛନ୍ତି। ଯୁବସମାଜ କଂଗ୍ରେସକୁ କେବେ କ୍ଷମା ଦେବ ନାହିଁ ବୋଲି ଅଭିଳାଷ କହିଛନ୍ତି।

# ଚାଷୀ, ମା'ଙ୍କୁ ମିଳିଲା ସମ୍ମାନ: ମନମୋହନ

**ଭାଜପାର ବିଧାନସଭାସ୍ତରୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ**



ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଦଳୀୟ ନେତୃବୃନ୍ଦ।

ଚାନ୍ଦବାଲି/ ଭଦ୍ରକ,୧୮।୪
(କିଷାନ ପାତ୍ର/ ସନାତନ ରାଉତ)

ଓଡ଼ିଶାରେ ଭାଜପା ସରକାର ଗଠନ ପରେ ମା'ମାନଙ୍କୁ ସୁଭଦ୍ରା ଯୋଜନା ଓ ଚାଷୀମାନଙ୍କୁ ଧାନର ମୂଲ୍ୟ ୩୧ଶହ ଟଙ୍କା ପ୍ରଦାନ କରି ଉପଯୁକ୍ତ ସମ୍ମାନ ଦିଆଯାଇଛି ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି। ଶୁକ୍ରବାର ଅପରାହ୍ଣରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ସହର ବିଜୁ ସ୍ମୃତି ଭବନଠାରେ ଭାଜପାର ବିଧାନସଭାସ୍ତରୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ସଭାପତି ଭଗବାନ ପଣ୍ଡା ଯୋଗଦେଇ ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ସକ୍ରିୟ ସଦସ୍ୟମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର କୁମାର ରାଉଳ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ଆରଡ଼ି ମଣ୍ଡଳ ସଭାପତି ସନ୍ଦୀପ ନାୟକ, ଏନ୍‌ଏସି ସଭାପତି ବିକାଶ କୁମାର ବେହେରା, ଧାମରା ମଣ୍ଡଳ ସଭାପତି ତ୍ରିଦିବେଶ ପ୍ରଧାନ, ଗଜଲକ୍ଷ୍ମୀ ମଣ୍ଡଳ ସଭାପତି ଚନ୍ଦନ ବଳ, କିଶୋର ନାୟକ, ଦେବେନ୍ଦ୍ର ନାୟକ, ମା' କାଳୀ ମଣ୍ଡଳ ସଭାପତି ପ୍ରବୀର ରାଉତ, ଲଙ୍କେଶ୍ୱରୀ ମଣ୍ଡଳ ସଭାପତି ଅଜୟ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସରପଞ୍ଚ ଭାରତୀ ବିଶ୍ୱାଳ, ସୁଶାନ୍ତ ପୁହାଣ, ଅଭୟ ବଳ, ସୁଶାନ୍ତ ମହାପାତ୍ର, ମୀନକେତନ ବିଶ୍ୱାଳ, ଯୁବନେତା ଅଞ୍ଜନ ଦାସ, ସୁଶାନ୍ତ ମହାନ୍ତି, ଅଭିମନ୍ୟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସନ୍ଧ୍ୟାରେ ଭଦ୍ରକ କୁଆଁସସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ଭାଜପାର ଭଦ୍ରକ ବିଧାନସଭା କ୍ଷେତ୍ରର ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ମନମୋହନ ଯୋଗଦେଇ କହିଥିଲେ, ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ କରିବା ସହ କୃଷକଙ୍କ ଆୟ ୨ ଗୁଣ କରିଛନ୍ତି। ନିର୍ବାଚନ ବେଳେ ଦେଇଥିବା ସବୁ ପ୍ରତିଶ୍ରୁତି ସରକାର ପୂରଣ କରିଛନ୍ତି। ସରକାରଙ୍କ ସମସ୍ତ ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ସକ୍ରିୟ ସଦସ୍ୟମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି। ସରକାର ଆସିବା ପରେ ଭଦ୍ରକ ନିର୍ବାଚନମଣ୍ଡଳୀରେ ବହୁ ଉନ୍ନୟନ କାର୍ଯ୍ୟ କରାଯାଇଛି। ତଳସ୍ତରରେ ଥିବା ଲୋକଙ୍କ ମଧ୍ୟରେ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ବିଧାୟକ ସିତାଂଶୁ ଶେଖର ମହାପାତ୍ର ସଦସ୍ୟମାନଙ୍କୁ ପରାମର୍ଶ ଦେବା ସହ ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ କରିବାକୁ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ସଭାପତି ଭଗବାନଙ୍କ ସହ ବାଣୀକଲ୍ୟାଣ ମହାନ୍ତି, ଅମୂଲ୍ୟ ନାୟକ ପ୍ରମୁଖ ଦଳୀୟ ନେତା ଓ ବିଭିନ୍ନ ମଣ୍ଡଳର ସଭାପତି ଯୋଗ ଦେଇଥିଲେ।

## ଭାଜପାର ୨ ଗୋଷ୍ଠୀ ମଧ୍ୟରେ ଠେଲାପେଲା

ବଡ଼ବିଲ,୧୮।୪(ଦେବପ୍ରିୟ ରଣା)

କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଭାଜପା ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀରେ ଦୁଇ ଗୋଷ୍ଠୀ ମଧ୍ୟରେ ଠେଲାପେଲା ହୋଇଥିବା ଜାଣିବାକୁ ମିଳିଛି। ଜିଲ୍ଲା ସଭାପତି ସମ୍ମିଳନୀରେ ଉପସ୍ଥିତ ଥିଲେ ମଧ୍ୟ ଦଳର ଏକ ଗୋଷ୍ଠୀ ହୋହଲ୍ଲା କରିଥିଲେ। ପରେ ସମ୍ମିଳନୀ କକ୍ଷ ବାହାରେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ଓ ଠେଲାପେଲା ହୋଇଥିଲା। ଏଥିରେ କେତେକ ଆହତ ହୋଇଥିବାବେଳେ ମାମଲା ଥାନାରେ ପହଞ୍ଚିଥିବା ଜଣାପଡ଼ିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଫାୟାର ୱାଟର ଡିଷ୍ଟଲେରୀ ପ୍ରା ଲିଃ. କୋମତାଲପେଟା, ରାୟଗଡ଼ା ନିମନ୍ତେ **ସେଲ୍ସ ଏକ୍ଜିକ୍ୟୁଟିଭ୍** ଆବଶ୍ୟକ। ଯୋଗ୍ୟତା – ଯେକୌଣସି ଡିଗ୍ରୀ, ଅଭିଜ୍ଞତା – ସର୍ବନିମ୍ନ ୪ ବର୍ଷ। **ଯୋଗାଯୋଗ – ୯୮୬୬୫୩୪୮୮୮, ୭୩୨୫୯୭୧୮୯୯**

**REQUIREMENT**
Wanting one staff for our distributorship Godown At Khordha. Experience in marg software.
**Mob : 9556070670**

Gitanjali AWARDS
**WANTED GRAPHIC DESIGNERS**
With complete knowledge of CorelDraw.
Interested candidates may send their resume to info@gitanjaliawards.com.
**Gitanjali Awards Pvt. Ltd.**
59, Saheed Nagar, Bhubaneswar. Ph: 7381092101
www.gitanjaliawards.com

ଅନ୍ୟାନ୍ୟ ଖବର

# 'ଜାଟ୍' ସିନେମାକୁ ନେଇ ବିବାଦ

**ସନ୍ନି ଦେଓଲ, ରଣଦୀପ୍ ହୁଡାଙ୍କ ନାଁରେ ମାମଲା**

ଚଣ୍ଡିଗଡ଼,୧୮।୪

ଗତ ୧୦ ତାରିଖରେ ମୁକ୍ତିଲାଭ କରିଥିବା 'ଜାଟ୍' ଚଳଚ୍ଚିତ୍ରର ଏକ ଦୃଶ୍ୟ ସମଗ୍ର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗକ୍ରମେ ବଲିଉଡ୍ ଅଭିନେତା ସନ୍ନି ଦେଓଲ, ରଣଦୀପ୍ ହୁଡା ଏବଂ ବିନୀତ କୁମାର ସିଂଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଯିଶୁ ଖ୍ରୀଷ୍ଟଙ୍କୁ ଚଳଚ୍ଚିତ୍ରରେ ଅସମ୍ମାନିତ କରାଯାଇଥିବା ଅଭିଯୋଗ ହୋଇଛି। ଧର୍ମୀୟ ଭାବନାକୁ ଉତ୍ତେଜିତ କରିବା ଲାଗି ଜାଣିଶୁଣି ଏଭଳି ଦୃଶ୍ୟ ସ୍ଥାନିତ କରାଯାଇଥିବା ନେଇ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୨୯୯ ଅନୁଯାୟୀ ଜଳନ୍ଧର ଥାନାରେ ଏତଲା ଦାଏର ହୋଇଛି। ଏହା ବ୍ୟତୀତ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଗୋପୀଚାନ୍ଦ ମାଲିନେନି ଏବଂ ପ୍ରଯୋଜକଙ୍କ ନାଁରେ ମଧ୍ୟ ଏତଲା ହୋଇଛି। ନିର୍ଦ୍ଦେଶକ, କାହାଣୀ ଲେଖକ ଏବଂ ଚଳଚ୍ଚିତ୍ର ନିର୍ମାତା ଜାଣିଶୁଣି ପବିତ୍ର ଗୁଡ୍ ଫ୍ରାଇଡେ ଏବଂ ଇଷ୍ଟର ମାସରେ ଚଳଚ୍ଚିତ୍ରକୁ ମୁକ୍ତିଲାଭ କରାଇଥିବାରୁ ଖ୍ରୀଷ୍ଟିଆନମାନେ କ୍ଷୁବ୍ଧ ହୋଇଛନ୍ତି। ଏହାକୁ ନେଇ ଦେଶର ବିଭିନ୍ନ ଭାଗରେ ଉତ୍ତେଜନା ଦେଖାଦେବା ସହ ଚଳଚ୍ଚିତ୍ରକୁ ନିଷିଦ୍ଧ କରାଇବା ପାଇଁ ଦାବି ହେଉଛି। ସନ୍ନି ଦେଓଲଙ୍କ ଅଭିନୀତ ସଦ୍ୟତମ ଫିଲ୍ମ ଜାଟ୍‌ରେ ରଣଦୀପ୍ ହୁଡା, ବିନୀତ କୁମାର ସିଂ, ସୈୟାମି ଖେର୍, ରେଜିନା କେସେଣ୍ଡ୍ରା, ପ୍ରଶାନ୍ତ ବଜାଜ, ଜରିନା ୱାହାବ ପ୍ରମୁଖ ଅଭିନୟ କରିଛନ୍ତି।

## କାରଖାନାରେ ଦୁର୍ଘଟଣା, ୨ ମୃତ

ଢେଙ୍କାନାଳ,୧୮।୪(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ବାଲିମୀ ଥାନା ଅଞ୍ଚଳରେ ଥିବା ରୁଙ୍ଗଟା ଇସ୍ପାତ କାରଖାନା ପରିସରରେ ଶୁକ୍ରବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟି ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଆହତ ହୋଇଥିବା ସୂଚନା ମିଳିଛି। କାରଖାନା ପରିସର ୯ ନମ୍ବର କିଲନ୍‌ଠାରେ ଏକ ଠିକାସଂସ୍ଥାରେ ମେକାନିକାଲ କାର୍ଯ୍ୟ ଚାଲୁଥିବା ବେଳେ ହଠାତ୍ ଦୁର୍ଘଟଣା ଘଟିଥିଲା । ମୃତ ଶ୍ରମିକମାନେ ହେଲେ ବାଲିମୀ ଥାନା କନ୍ତାମିଲା ଗ୍ରାମର ଜିତେନ୍ଦ୍ର ବେହେରା ଓ ପୁରନ୍ଦର ପ୍ରଧାନ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଆହତଙ୍କୁ କମ୍ପାନୀ ପକ୍ଷରୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାର ପ୍ରତିବାଦରେ କାରଖାନାରେ ଶ୍ରମିକମାନେ ଧାରଣାରେ ବସିରହିଛନ୍ତି। ପୋଲିସ ଓ କାରଖାନା କର୍ତ୍ତୃପକ୍ଷ ଧାରଣାରତ ଶ୍ରମିକମାନଙ୍କୁ ବୁଝାସୁଝା ଜାରି ରଖିଛନ୍ତି ।

**House Construction**
Starting @1599/per Sqft.
Simplex /Duplex / Triplex / Apartment
By The Experts Only.
(With Branded Materials like Rebar- Tata /Jsw /Jindal , Cement-Ultratech /Acc / Dalmia, Bricks-10", Tiles- kajaria / Somany, Paints-Asian / Berger, Sanitary Fittings-Jaquar / Hindware / Cera, Electrical Wire - Finolex / Havells / Polycab, Modular Switches Havells / Anchor / Cona / Goldmedal, UPvc Window- Fenesta / Veka / Lg / Saint Gobain)
**M Planets -7008550473**
L427, Baramunda, Bhubaneswar.


**APPOINTMENT**
**DISTRICT DISABILITY REHABILITATION CENTRE (DDRC), DEOGARH**
Applications are invited from the Interested Professonal /Personnels for engagement at DDRC, Deogarh on contractual basis for the following posts with eligible criteria. Salary as prescribed by Govt. of India, DDRC Project
1. **Audiologist/Sr. Speech Therapist (1 no.)** Qualification: BASLP/B.Sc. Speech & Hearing with Valid CRR No., 2. **Accountant Cum Clerk (1 no.)** Qualification: B.Com with 2 Yrs Experience, 3. **Vocational Counsellor. (1 no.)** Qualification: +3 With Diploma in Counselling/ B.R.Sc / ADCGC with Valid CRR No.
**Interested Candidates may send their Resume affix a PP size colour photo, headed as Post applied for with all the qualification certificates and marksheets in single pdf within 300kb. E mail: to ddrcdeogarh@gmail.com as on or before 23rd April, 2025. Shortlisted candidates will be called for Interview. Applications received thereafter shall not be entertained.**
Sd/-
DDRO, DDRC, Deogarh

# ଖାଦ୍ୟ ହିଁ ମହୌଷଧି

**ବିଶ୍ୱ ଲିଭର ଡେ'**

ପ୍ରତିବର୍ଷ ଏପ୍ରିଲ ୧୯ ତାରିଖକୁ ବିଶ୍ୱ ଯକୃତ୍ ଦିବସ ବା ୱାର୍ଲ୍ଡ ଲିଭର ଡେ' ଭାବରେ ପାଳନ କରାଯାଇଆସୁଅଛି। ଯକୃତ୍ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଦ୍ୱିତୀୟ ବୃହତ୍ତମ ଅଙ୍ଗ, ଏହା ଉପରେ ଆମର ସ୍ୱାସ୍ଥ୍ୟ ବିଶେଷରୂପେ ନିର୍ଭର କରିଥାଏ। ତେଣୁ ଏହାକୁ ସୁସ୍ଥ ରଖିବା ଉପାୟଗୁଡ଼ିକୁ ପାଳନ କରିବାକୁ ପଡ଼ିବ। ଲିଭର ଅବସ୍ଥା ଓ କାର୍ଯ୍ୟକ୍ଷମତା ଆମେ ଖାଉଥିବା ଖାଦ୍ୟ ଉପରେ ନିର୍ଭର କରିଥାଏ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ଖାଦ୍ୟ ହିଁ ମହୌଷଧି'। ଏପରି କୌଣସି ଖାଦ୍ୟ, ପାନୀୟ ଏବଂ ଔଷଧ ନାହିଁ ଯାହା ଆମ ଲିଭର ଉପରେ କୌଣସି ପ୍ରଭାବ ପକାଇ ନ ଥାଏ। ମଦ, କେତେକ ଔଷଧ, ବିଷାକ୍ତ ପଦାର୍ଥ ଇତ୍ୟାଦି ଲିଭରର ଅଶେଷ କ୍ଷତି ସାଧନ କରିଥାଆନ୍ତି।

ଲିଭର ପାକସ୍ଥଳୀ, ଡାହାଣ କିଡ୍‌ନୀ ଓ ଗ୍ରହଣୀ ଉପରେ ଅବସ୍ଥିତ। ପ୍ରଥମତଃ ଲିଭର ରକ୍ତକୁ ପରିଷ୍କାର କରିଥାଏ ବା ଛାଣିଥାଏ। ଏହା ରକ୍ତରେ ଥିବା ବିଷାକ୍ତ, ବର୍ଜ୍ୟ ଓ କ୍ଷତିକାରକ ପଦାର୍ଥକୁ ରକ୍ତରୁ ସଫା କରିଥାଏ। ଏହାସହିତ କୋଲେଷ୍ଟରଲ, ହରମୋନ ଓ ଔଷଧୀୟ ତତ୍ତ୍ୱଗୁଡିକୁ ବିଘଟନ କରିଥାଏ। ପାଚନଯନ୍ତ୍ରରୁ ପ୍ରଥମେ ଲିଭର ମଧ୍ୟ ଦେଇ



ପରିଷ୍କାର ହେଲା ପରେ ହୃଦଯନ୍ତ୍ର ରକ୍ତ ସଞ୍ଚାଳନ ପଥକୁ ଯାଇଥାଏ। ଏହା ବାଇଲ୍ ବା ପିତ୍ତ ନାମକ ପଦାର୍ଥ ତିଆରି କରେ, ଯାହାକି ଖାଦ୍ୟ ହଜମ ତଥା ଅବଶୋଷଣରେ ସାହାଯ୍ୟ କରିଥାଏ। ବାଇଲ୍ ବା ପିତ୍ତରସ ପିତ୍ତ କୋଷରେ ଥାଏ। ଲିଭର ଖାଦ୍ୟକଣିକା, ଔଷଧ ଓ ଅନ୍ୟାନ୍ୟ ପଦାର୍ଥକୁ ବିଘଟନ କରି ସ୍ନେହସାର, ପୁଷ୍ଟିସାର, ଶ୍ୱେତସାର ଇତ୍ୟାଦିକୁ ଜାରଣ କରାଇ ଶରୀର ପାଇଁ ଶକ୍ତି ଓ ବିଭିନ୍ନ ପ୍ରୋଟିନ ଗଠନ କରିଥାଏ। ଏହାସହିତ ଏହା ମଦ ଓ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥକୁ ମଧ୍ୟ ବିଘଟିତ କରି ଶରୀରକୁ ସେମାନଙ୍କ କୁପ୍ରଭାବରୁ ରକ୍ଷା କରିଥାଏ। ପ୍ଲାଜମା ପ୍ରୋଟିନ୍ ଗଠନ ସହ ରୋଗ ପ୍ରତିରୋଧକ ଶକ୍ତି ପ୍ରସ୍ତୁତିରେ ଆବଶ୍ୟକ ପ୍ରୋଟିନ ଯଥା ଇମ୍ୟୁନୋଗ୍ଲୋବିନ୍, କମ୍ପ୍ଲିମେଣ୍ଟ ପ୍ରୋଟିନ୍ ଓ ସାଇଟୋକାଇନିନ୍ ଇତ୍ୟାଦି ମଧ୍ୟ ଲିଭର ଦ୍ୱାରା ତିଆରି ହୋଇଥାଏ।

ପ୍ରଥମତଃ ଆମେ ଖାଉଥିବା ଖାଦ୍ୟଗୁଡ଼ିକ ରସାୟନମୁକ୍ତ ହେବା ଦରକାର। କେତେଗୁଡ଼ିଏ ଖାଦ୍ୟ–ଫଳମୂଳ, ବ୍ଲୁବେରୀ, ଅଙ୍ଗୁର, ସପେଟା, ନାସପତି, ଜାମୁକୋଳି, ଖଜୁରି, କନ୍ଦ, ବ୍ରୋକୋଲି, ବନ୍ଧା ଓ ଫୁଲକୋବି, ମଟର, ସଜନାଛୁଇଁ, କାକୁଡି, କଲରା, ଆଲମଣ୍ଡ, ତେଲିଆ ମାଛ, ଚୂନା ମାଛ, ଗ୍ରୀନ୍ ଟି, ଅଲିଭ ତେଲ, ଧନିଆ, ପିଆଜ, ରସୁଣ, ଚହ୍ଲାଦହି, ଲେମ୍ବୁ, ପିଜୁଳି, ପଣଷ ମଞ୍ଜି, ସପୁରି ଇତ୍ୟାଦି ଲିଭର ପାଇଁ ବେଶ୍ ଉପକାରୀ। ଏହାବ୍ୟତୀତ ଅଣଯାନ୍ତ୍ରିକ ଭାବେ ପ୍ରସ୍ତୁତ ଚାଉଳ, ଅଟା, ମିଲେଟ୍, ମକା ଇତ୍ୟାଦି ମଧ୍ୟ ସ୍ୱାସ୍ଥ୍ୟକର ଖାଦ୍ୟ। କମ୍ ଲୁଣ, କମ୍ ଚିନି ଓ କମ୍ ମସଲା ଓ ରାଗ ମଧ୍ୟ ହିତକର। ଲିଭର ପାଇଁ ସବୁଠାରୁ କ୍ଷତିକାରକ ହେଉଛି ମଦ୍ୟପାନ ଓ କେତେକ ଔଷଧ। ଅତ୍ୟଧିକ ମଦ୍ୟପାନ ଲିଭର କୋଷଗୁଡ଼ିକୁ ନଷ୍ଟ କରି ସିରୋସିସ୍ ପରି ଗୁରୁତର ରୋଗ ସୃଷ୍ଟି କରେ। ଅନ୍ୟପକ୍ଷରେ ମୋଟାପଣ, ଡାଇବେଟିସ୍, ଉଚ୍ଚ କୋଲେଷ୍ଟରଲ, ଅନିୟନ୍ତ୍ରିତ ରକ୍ତଚାପ ସହିତ ବିଭିନ୍ନ ପ୍ରକାର ସଂକ୍ରମଣ ଯଥା ଭୂତାଣୁ, ଜୀବାଣୁ ଓ ପାରାସାଇଟ୍, ସିଷ୍ଟ, ନିମାଟୋଡ୍, ଆମିବା ପ୍ରୋଟୋଜୋଆ, ମ୍ୟାଲେରିଆ, ଡେଙ୍ଗୁ ଜୀବାଣୁ ମଧ୍ୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଲିଭରକୁ ଅକାମୀ କରିଥାଆନ୍ତି। ତେଣୁ ଅନ୍ୟାନ୍ୟ ଅଙ୍ଗ ସହ ଲିଭର୍‌ର ସୁସ୍ଥତା ପାଇଁ ଖାଦ୍ୟ,ଔଷଧ ସେବନରେ ସତର୍କ ହେବା ଆବଶ୍ୟକ।

**–ଡା. ରାମଚନ୍ଦ୍ର ରାଉତ,** ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ, ଓଡ଼ିଶା

**ପୂର୍ବ ତଟ ରେଳପଥ**
Tender Notice No.: 04-KUR-TRD-OT-2025-26, ତାରିଖ : 10.04.2025
କାର୍ଯ୍ୟର ନାମ : ଭଦ୍ରକ (BHC) ଖୋର୍ଦ୍ଧା ରୋଡ୍ (KUR) ସେକ୍ସନରେ ନୂଆ ଗଡମଧୁପୁର (NGMP) ଷ୍ଟେସନରେ ଗୋଟିଏ ଅତିରିକ୍ତ ଲୁପ୍‌ଲାଇନ ବ୍ୟବସ୍ଥା ସହିତ OHE ପରିବର୍ତ୍ତନ କାର୍ଯ୍ୟ ଏବଂ ବିଦ୍ୟୁତକରଣ କାର୍ଯ୍ୟ।
ବିଜ୍ଞାପିତ ମୂଲ୍ୟ : ଟ.66,34,701.30
EMD: ଟ. 1,32,700/-, ଟେଣ୍ଡର କାଗଜାତ୍ ମୂଲ୍ୟ: ଟ. 00/-
କାର୍ଯ୍ୟସମାପ୍ତିର ଅବଧି: 180 ଦିନ, ବିଡ଼ିଂ ଆରମ୍ଭ ତାରିଖ:21.04.2025
ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ : ତା. 05.05.2025 ରିଖ 1300 ଘଟିକାରେ
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଟେଣ୍ଡର କାଗଜାତ୍‌ର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(TRD) ଖୋର୍ଦ୍ଧା ରୋଡ୍
PR-42/Q/25-26

**ପୂର୍ବତଟ ରେଳପଥ**
File No. DRM/Engg/KUR/24-25/E-Tender/02 ତା.10.04.2025ରିଖ
(1) Tender Notice No.: e-tenderNorthKUR-08-2025, ତା.08.04.2025ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ପର୍ଜନପୁର(PRNR) ଗୁଡ୍ସସେଡର ମୌଳିକ ସୁବିଧା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ମାପ ସହିତ ବିକାଶ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.828.48 ଲକ୍ଷ
EMD : ଟ.5,64,300/-, କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ
(2) Tender Notice No.: e-tenderNorthKUR-09-2025, ତା.08.04.2025ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ଗୋଆଲଡିହ (GADH) ଗୁଡ୍ସସେଡର ମୌଳିକ ସୁବିଧା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ମାପ ସହିତ ବିକାଶ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.828.48 ଲକ୍ଷ
EMD : ଟ.5,64,300/-, କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.30.04.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବ୍‌ସାଇଟ୍ : www.ireps.gov.in
ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଞ୍ଜିନିୟରିଂ) ଖୋର୍ଦ୍ଧା ରୋଡ୍
PR-41/Q/25-26

OHPC
**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No.CAD-157 Email-hpschiplima@yahoo.in, Fax No. (0663) 2460505
No.-CHEP/TW-53 (Vol.-III)/1375 Date: 16.04.2025
**TENDER CALL NOTICE NO.-CHEP-05/2025-26**
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Reputed Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-refundable) | EMD in Rs. (Refundable) |
|---|---|---|
| Supply of BLDC AC Ceiling Fans, Stabilizers, FRP & Aluminium Ladders, Skytuch Telescopic Pruning Saw Hand Operator and Bush Cutter Machine for CHEP, Chiplima | Rs.2,360/- (Rs.2,000/- + GST @18%) | 3,900/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.22.04.2025 up to 10:30 AM of dtd.05.05.2025.
OIPR-04006/11/0072/2526 Sd/- C & P Head, CHEP, Chiplima

No.CAD-155
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT/E-4171/20-21/988 Dated : 15.04.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1. Name of the work : SITC of 25KVA 11/0.4KV Distribution Transformer and 11KV OH Line for power supply to Basantpur MSME Park, Sambalpur.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ Elect/e-138/2024-25 | 21.04.2025 at 17.00 Hrs. | 01.05.2025 at 17.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen **in the e-procurement portal** as well as in **IDCO website.**
Sd./- Divisional Head (Elect)
OIPR-14003/11/0137/2526 IDCO, Bhubaneswar

**ହାଇୱା ଜବତ, ଚାଳକ ଗିରଫ**

ପବିତ୍ରନଗର,(ନିରୋଜ ପ୍ରଧାନ): କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ଅଧୀନ ବିନ୍ଦୁଗୋଲ ପଞ୍ଚାୟତ ଆମ୍ପାଳ ଛକ ନିକଟରୁ ଚୋରା ବାଲି ବୋଝେଇ ହାଇୱା (ନଂ. ଓଡି୦୬ପି୨୭୨୨)କୁ ଏନ୍‌ଟିପିସି ପୋଲିସ ଶୁକ୍ରବାର ଜବତ କରିଛି ଏ ନେଇ ଏନ୍‌ଟିପିସି ଟାଉନ ଥାନା ପକ୍ଷରୁ ନଂ. ୭୬/୨୦୨୫ରେ ମମଲା ରୁଜୁ କରାଯାଇ ଚାଳକ ଶରତ ଭୂତିଆ (୪୭)ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବୋଲି ଆଇଆଇସି ସନ୍ତୋଷ କୁମାର ସେଠୀ କହିଛନ୍ତି।

# ଚକ୍ରବର୍ତ୍ତୀଙ୍କ କାବ୍ୟ ସମାଜ ପରିବର୍ତ୍ତନ ଧାରା ସୃଷ୍ଟି କରିଛି


ଲେଖକ ସଂସଦ ପକ୍ଷରୁ ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ପାଳନ କରାଯାଉଛି।

ଢେଙ୍କାନାଳ,୧୮।୪(ରତନ ନାୟାର)

ଢେଙ୍କାନାଳ ଜିଲା ଲେଖକ ସଂସଦର ଶାଣ୍ଡିଲ୍ୟ ବସନ୍ତ ଭବନ ପରିସରରେ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ କବି ଚକ୍ରବର୍ତ୍ତୀ ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। କବି ଚକ୍ରବର୍ତ୍ତୀ ବ୍ରଜନାଥ ବଡ଼ଜେନା ଢେଙ୍କାନାଳ ମାଟିରେ ଜନ୍ମ ଗ୍ରହଣ କରି ୬୭ଟି ଭାଷାରେ ପାରଦର୍ଶିତା ଅର୍ଜନ କରିଥିଲେ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତପନ କୁମାର ଶତପଥୀ ମତବ୍ୟକ୍ତ କରିଥିଲେ। ସମର ତରଙ୍ଗ କାବ୍ୟରେ ବିଭିନ୍ନ ପ୍ରକାର ଯୁଦ୍ଧାସ୍ତ୍ର ଓ ଯୁଦ୍ଧ ବାଦ୍ୟ, ମଡ଼ା ଦେଉଳ ସମ୍ବନ୍ଧରେ ବିସ୍ତୃତ ଭାବେ ସେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ସୁଚେତା ମିଶ୍ର ଯୋଗଦାନ କରି କହିଲେ, ବ୍ରଜନାଥଙ୍କ ସଂସ୍କାରଧର୍ମୀ କାବ୍ୟବାଣୀ ସାମାଜିକ ମୂଲ୍ୟବୋଧ ଓ ସମାଜ ଗଠନରେ ପରିବର୍ତ୍ତନର ଧାରା ସୃଷ୍ଟି କରିଛି। ସମ୍ମାନିତ ଅତିଥି ଭାବେ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ଯୋଗଦାନ କରି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀକୁ ରାଜ୍ୟସ୍ତରୀୟ ଜୟନ୍ତୀ ଭାବେ ପାଳନ କରିବାକୁ ଅନୁରୋଧ କରିଥିଲେ। ବିଶିଷ୍ଟ ବିହାରୀ ସ୍ୱାଇଁ ବ୍ରଜନାଥଙ୍କ ଜୀବନୀ ଏବଂ ସାହିତ୍ୟ କୃତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଥମ ଅଧିବେଶନରେ ସୁସାହିତ୍ୟିକ ଇନ୍ଦ୍ରମଣି ନାୟକଙ୍କ ସଭାପତିତ୍ୱରେ କବିତା ପାଠ ମଧୁଚକ୍ର ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ଉପମା ସାମଲ, ସୁକାନ୍ତି ସାହୁ ଓ କୃଷ୍ଣିଦା ବେଗମ ଏହାକୁ ସଂଯୋଜନା କରିଥିଲେ। ଲେଖକ ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନା ସମ୍ପାଦକ ଅଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲେଖକ ସଂସଦର ସଦସ୍ୟ ଅନନ୍ତ ଚରଣ ଶତପଥୀଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଢେଙ୍କାନାଳ କଲେଜରେ ଏନ୍‌ସିସି ପାଠ୍ୟଚକ୍ର


ଢେଙ୍କାନାଳ କଲେଜରେ ଏନ୍‌ସିସି ପାଠ୍ୟଚକ୍ର କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ,୧୮।୪(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏନ୍‌ସିସି ଆର୍ମି ତରଫରୁ ଏକ ପାଠ୍ୟଚକ୍ର ଏବଂ ଦ୍ୱିତୀୟବର୍ଷ କ୍ୟାଡେଟଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ଡ. ଚିରଂଜନ ସାହୁ ଯୋଗଦେଇ ଏନ୍‌ସିସିର ମୂଲ୍ୟବୋଧ ଛାତ୍ର ଜୀବନରେ ଗୁରୁତ୍ୱ ବହନ କରିଥାଏ ବୋଲି କହିଥିଲେ। ଏନ୍‌ସିସି ଅଫିସର ଲ୍ୟୁଟେନାଣ୍ଟ ଡ. ପ୍ରକାଶ କୁମାର ସାହୁ ପାଠ୍ୟଚକ୍ରର ଆଭିମୁଖ୍ୟ ଓ ମହିଳା ଏନ୍‌ସିସି ଅଫିସର ଡ. ମିନୁରାଣୀ ଦଳାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବତନ ଏନ୍‌ସିସି ଅଫିସର ଆଲୁମିନି ସଂଘ ସଭାପତି ପ୍ରଫେସର ଅଭୟ କୁମାର ପଣ୍ଡା ଯୋଗଦେଇ ଏନ୍‌ସିସିର ସମୟାନୁବର୍ତ୍ତିତା ଓ ଅନୁଶାସନ ସମ୍ପର୍କରେ ଆଲୋକପାତ କରିଥିଲେ। ୧୨ ଓଡ଼ିଆ ବାଟାଲିୟନର କମାଣ୍ଡିଂ ଅଫିସର କର୍ଣ୍ଣେଲ ମାନସ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଏନ୍‌ସିସିର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ନିର୍ମଳ ସୁନ୍ଦର ମିଶ୍ର ସ୍ୱାଧୀନତା ଓ କାଶ୍ମୀର ବିଭାଜନ ଉପରେ ବକ୍ତବ୍ୟ ରଖିଥିଲେ। କ୍ୟାଡେଟ ସୁନନ୍ଦା ବେହେରା ଓ ପ୍ରିୟଙ୍କା ବେହେରା ପରିଚାଳନା କରିଥିଲେ। ଜିଜ୍ଞାସା ରାଉତ, ସ୍ମୃତିରଞ୍ଜନ ବେହେରା, ଲକ୍ଷ୍ମୀଧର ରାଜ, ରଶ୍ମିତା ରାଉତ ପ୍ରମୁଖ ଜାତୀୟସ୍ତରରେ କୃତିତ୍ୱ ହାସଲ କରିଥିବାରୁ ପ୍ରଶଂସିତ ହୋଇଥିଲେ। ଡ. ମିନୁରାଣୀ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବର୍ଦ୍ଧିତ ହେଲେ ଟୁଇଟର କାର୍ଯ୍ୟକର୍ତ୍ତା



ବଇଣ୍ଡା,୧୮।୪(ପରିକ୍ଷିତ ସାହୁ)

ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ, ସମସ୍ୟାକୁ ସୋସିଆଲ ମିଡିଆ ବା ଟୁଇଟ୍‌ର (ବର୍ତ୍ତମାନର ଏକ୍ସ) ମାଧ୍ୟମରେ ସରକାରଙ୍କ ଦୃଷ୍ଟିକୁ ଆଣୁଥିବା ଆଠମଲ୍ଲିକ ଅଞ୍ଚଳର ସନ୍ତୋଷ ମେହେର, ଚିନ୍ମୟ କର୍ଣ୍ଣ, ଆଲୋକ ବେହେରାମାଳି, ସୌମ୍ୟରଞ୍ଜନ ସାହୁ ଓ ଶାନ୍ତନୁ କର୍ଣ୍ଣଙ୍କୁ ପୁରୀ ଟୁଇଟ୍‌ର ଆକ୍ଟିଭିଷ୍ଟ ଆସୋସିଏଶନ ତରଫରୁ ପୁରୀ ସଂସ୍କୃତି ଭବନଠାରେ ଆୟୋଜିତ ଚତୁର୍ଥ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ କର୍ମଶାଳାରେ ସମ୍ମାନିତ କରାଯାଇଛି। ଏଥିସହିତ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସାମାଜିକକର୍ମୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଟୁଇଟର କାର୍ଯ୍ୟକର୍ତ୍ତାଙ୍କୁ ଆଠମଲ୍ଲିକ ଅଞ୍ଚଳର ବୁଦ୍ଧିଜୀବୀମାନେ ଶୁଭେଚ୍ଛା ଜ୍ଞାପନ କରିବା ସହିତ ଆଗାମୀ ଦିନରେ ସମାଜମଙ୍ଗଳ କାର୍ଯ୍ୟକ୍ରମ ଆହୁରି ହାତକୁ ନେବାକୁ ପରାମର୍ଶ ଦେଇଛନ୍ତି।

# ବିଦ୍ୟାଳୟ ସମସ୍ୟା ସମାଧାନ କରାଯିବ


ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଏମ୍‌ପି, ବିଧାୟକ ଓ ଅନ୍ୟ ଅତିଥି।

ପରଜଙ୍ଗ,୧୮।୪(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ପିଏମ୍‌ଶ୍ରୀ ମହେଶ୍ୱନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ବିଦ୍ୟାଳୟର ସାମୂହିକ ସମସ୍ୟାକୁ ବିଧାୟକଙ୍କ ସହ ମିଶି ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ବିଡ଼ିଓ ସୌଭାଗ୍ୟ କୁମାର ବେହେରା, ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ନାୟକ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ବର୍ମା, ଶିଖର ଚନ୍ଦ୍ର ସାହୁ, ଦିଲୀପ କୁମାର ମହାପାତ୍ର, ଶିକ୍ଷୟିତ୍ରୀ ବିନ୍ଦୁବାଳା ଭଞ୍ଜ, ସବିତା ବରାଳ, ରଶ୍ମିତା ସାହୁ, ସ୍ନିଗ୍ଧାରାଣୀ ପାଣି, ସଞ୍ଜିତା ବରାଳ, ରୂପଶ୍ରୀ ଖଟୁଆ, ବିଶ୍ୱଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଅଗ୍ନିନିର୍ବାପକ ପ୍ରଶିକ୍ଷଣ ଶିବିର

ଓଡ଼ାପଡ଼ା,୧୮।୪(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଟାଟା ଷ୍ଟିଲ୍ ମେରାମଣ୍ଡଳି ପକ୍ଷରୁ ଗୁରୁବାର ଜାତୀୟ ଅଗ୍ନିଶମ ସେବା ଦିବସ ପାଳନ ଅବସରରେ ଏକ ଅଗ୍ନିନିର୍ବାପକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ଏପ୍ରିଲ ୧୪ରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଟାଟା ଷ୍ଟିଲ୍ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ମେରାମଣ୍ଡଳି ଅତିରିକ୍ତ ଅଗ୍ନିଶମ ଅଧିକାରୀ ସଞ୍ଜୟ ସାମଲ ଯୋଗଦେଇ ୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଗ୍ନିକାଣ୍ଡ ଘଟିଲେ କିପରି ମୁକାବିଲା କରି ଧନଜୀବନ ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ସଚେତନ କରାଇଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଟାଟା ଷ୍ଟିଲ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଅଗ୍ନିଶମ ଅଧିକାରୀ ଛାତ୍ରୀଛାତ୍ରଙ୍କୁ ଡେମୋ ଦେଖାଇଥିଲେ। କାର୍ଯ୍ୟକ୍ରମରେ ଟାଟା ମିଡିଆସେଲର ଭବାନୀ ଶଙ୍କର କର ସହଯୋଗ କରିଥିଲେ।


କାର୍ଯ୍ୟକ୍ରମ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ଭଡ଼ାଘରେ ଚାଲୁଛି ଅଙ୍ଗନୱାଡ଼ି କେନ୍ଦ୍ର

ସନ୍ତ୍ରିଛକ,୧୮।୪(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକର ୩୪ଟି ପଞ୍ଚାୟତରେ ୨୨୪ ଅଙ୍ଗନୱାଡ଼ି କେନ୍ଦ୍ର ଥିବାବେଳେ ସେଥିରୁ ୧୮୧ଟି ସେଣ୍ଟରର ନିଜସ୍ୱ ଘର ନାହିଁ। ସେହିପରି ୧୩ଟି ଅଙ୍ଗନୱାଡ଼ି କେନ୍ଦ୍ର କମ୍ୟୁନିଟି ସେଣ୍ଟରରେ ଚାଲୁଛି। ୧୬ଟି ସେଣ୍ଟର ସ୍କୁଲ ଘରେ ଚାଲିଥିବାବେଳେ ୧୪ ସେଣ୍ଟର ଭଡା ଘରେ ଚାଲୁଛି। ବୁଢ଼ାପଙ୍କରେ ୯ଟି ଅଙ୍ଗନୱାଡ଼ି ସେଣ୍ଟର ଥିବାବେଳେ ସେଥିରୁ ଗୋଟିଏ ସ୍କୁଲ ଘରେ, ୩ଟି ଭଡ଼ା ଘରେ ଚାଲୁଛି। ଏ ସମ୍ପର୍କରେ ସିଡିପିଓ ଲିଲି ଦାସ କହିଛନ୍ତି, ଉକ୍ତ ସେଣ୍ଟରଗୁଡ଼ିକର ଜାଗା ଚିହ୍ନଟ ହୋଇପାରି ନ ଥିବାରୁ ମାସିକ ୧୫ଶହ ଟଙ୍କା ଭଡ଼ାରେ ଘର ନିଆଯାଇଛି। ସରକାରଙ୍କ ତୁରନ୍ତ ବୁଢ଼ାପଙ୍କ ଗ୍ରାମରେ ଭଡ଼ାଘରେ ଚାଲୁଥିବା ଅଙ୍ଗନୱାଡ଼ି ସେଣ୍ଟରଗୁଡ଼ିକୁ ସ୍ଥାୟୀ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମଧୁସ୍ମିତା, ବିଶ୍ୱଜିତଙ୍କ କୃତିତ୍ୱ

ବଅଁରପାଳ,୧୮।୪(ସୁବାସ ସାହୁ)

ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରଥମ ନନ୍‌ଚାକୁ ପ୍ରତିଯୋଗିତାରେ ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମର ମଧୁସ୍ମିତା ସାମଲ ଓ ବିଶ୍ୱଜିତ ସାମଲ ପଦକ ଲାଭ କରିଛନ୍ତି। ଏଥିରେ ମଧୁସ୍ମିତା ଅଂଶଗ୍ରହଣ କରି ଫାଇଟିଂ ବର୍ଗରେ ସ୍ୱର୍ଣ୍ଣପଦକ ଏବଂ ଫ୍ରିଷ୍ଟାଇଲରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ବିଶ୍ୱଜିତ୍ ନନ୍‌ଚାକୁ ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗୀମାନେ ବିଜନ କୁମାର ଦଳ ବେହେରାଙ୍କ ପାଖରେ ଶିକ୍ଷାଲାଭ କରିଛନ୍ତି। ଏହି ସଫଳତା ପାଇଁ କରାଟେ ଆସୋସିଏଶନ ତରଫରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଶିକ୍ଷା ତାଲିମ ଶିବିର ଉଦ୍‌ଯାପିତ




ବଇଣ୍ଡା,୧୮।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଗାଁବଇଣ୍ଡା ସ୍ଥିତ ମା’ ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୫ଟି କ୍ଲଷ୍ଟରର ୬୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଆୟୋଜିତ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କୁ ସାଧାରଣ ଶିକ୍ଷାର୍ଥୀଙ୍କ ସମକକ୍ଷ କରି କିପରି ଶିକ୍ଷାଦାନ କରାଯାଇପାରିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ବିଜୟ କୁମାର ସାହୁ, ବ୍ଲକ ଶିକ୍ଷାଧିକାରୀ ଅରୁଣ କୁମାର ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜବାହରଲାଲ ପ୍ରଧାନ ଓ ରମଣୀରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। କିଶୋରଗଞ୍ଜ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ସାଧନକର୍ମୀ ମିଶ୍ର ପ୍ରଧାନ, ଶରତ କୁମାର ସେଠୀ, ଜନାର୍ଦ୍ଦନ ସାହୁ, ପ୍ରଣବ କୁମାର ସାହୁ ଓ ମମତା ମଞ୍ଜରୀ ସାମଲ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ଟ୍ରାକ୍ଟର ଧକ୍କାରେ ୨ ଗୁରୁତର

ଛେଣ୍ଡିପଦା,୧୮।୪ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଡେଉଁରିଆଝରଣ ଗ୍ରାମସ୍ଥିତ କମାରଘାଇ ନିକଟରେ ଟ୍ରାକ୍ଟର ଧକ୍କାରେ ୨ ମୋଟର ସାଇକେଲ ଆରୋହୀ ଖମାର ଗ୍ରାମର କପିଳ ନାଏକ ଓ ଡେଉଁରିଆଝରଣାର ଭୋଳେଶ୍ୱର ନାଏକ ଗୁରୁତର ହୋଇଛନ୍ତି। କପିଳ ଓ ଭୋଳେଶ୍ୱର ଏକ ମୋଟର ସାଇକେଲରେ ଡେଉଁରିଆଝରଣ ଗ୍ରାମରୁ ବୁଢାପାଳରେ ଥିବା ବିଭାଘର କାର୍ଯ୍ୟରେ ଯୋଗଦେବା ପଇଁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ କପିଳ ଓ ଭୋଲେଶରଙ୍କ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ କପିଳାଙ୍କୁ ଡାକ୍ତର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ ପ୍ରକାଶ କରିଛି।

# ଗୁଣ୍ଡିଚା ମନ୍ଦିରର ରତ୍ନମୁଦ ଉତ୍ସବ

ବଅଁରପାଳ,୧୮।୪ (ସୁବାସ ସାହୁ)

ନାଲ୍‌କୋନଗର କଲୋନୀ ପରିସରରେ ଶୁକ୍ରବାର ନୂତନ ଗୁଣ୍ଡିଚା ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଘଟିକାରେ ଆଜ୍ଞାମାଳ ବିଜେ, ପଞ୍ଚକର୍ମ, ସୂର୍ଯ୍ୟପୂଜା, ବାସ୍ତୁପୂଜା, ଗ୍ରହପୂଜା, ଲକ୍ଷ୍ମୀନୃସିଂହ ପୂଜା, ଇନ୍ଦ୍ରଇନ୍ଦ୍ରାଣୀ ପ୍ରାଣ ପ୍ରତିଷ୍ଠା ପୂଜା ଓ ହୋମ ସହ ଅପରାହ୍ନରେ ରତ୍ନମୁଦ ଏବଂ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେବାୟତ ଓ ଭକ୍ତମାନଙ୍କ ଦାନରେ ଆସିଥିବା ଧାନ, ମୁଗ ଶସ୍ୟ, ମୂଲ୍ୟବାନ ଧାତୁ ସୁନା, ରୁପା ଆଦି ପ୍ରଦାନ କରାଯାଇଥିଲା। ମୁଖ୍ୟ ପୂଜକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଓ ସରୋଜ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ନାଲକୋ ମନ୍ଦିରର ପୂଜକ ନିଲୁ ଦାଶ, ପ୍ରମେଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜା କର୍ମ କରାଯାଇଥିଲା। କର୍ତ୍ତା ଭାବେ ଅଭିନାଶ ପଣ୍ଡା, ଶ୍ୱେତା ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ନାଲକୋ ଜଗନ୍ନାଥ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟ ତଦାରଖ କରିଥିଲେ।

# ଜଳଛତ୍ରରେ ଯାତ୍ରୀଙ୍କୁ ମିଳୁନି ପାଣି

ପରଜଙ୍ଗ,୧୮।୪(ନିଗମାନନ୍ଦ ଦଳବେହେରା)

ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ପ୍ରଶାସନ ନିର୍ଦ୍ଦେଶକ୍ରମେ ପରଜଙ୍ଗ ବଜାରରେ ସବରେଜିଷ୍ଟ୍ରି କାର୍ଯ୍ୟାଳୟ ନିକଟରେ ପରଜଙ୍ଗ ପଞ୍ଚାୟତ ତରଫରୁ କିଛିଦିନ ତଳେ ଏକ ଜଳଛତ୍ର ଖୋଲାଯାଇଛି। କିନ୍ତୁ ଦିନେ ଦୁଇଦିନ ମାଟି ପାତ୍ରଗୁଡ଼ିକରେ ପାଣି ଭର୍ତ୍ତି କରାଯାଇଥିବାବେଳେ ଏବେ ଆଉ ତାହା ଦେଖିବାକୁ ମିଳୁ ନ ଥିବା ଅଭିଯୋଗ ହେଉଛି। ଅଧିକାଂଶ ସମୟ ଉକ୍ତ ମାଟିପାତ୍ରଗୁଡ଼ିକ ଜଳଶୂନ୍ୟ ରହୁଛି। ଫଳରେ ବଜାରରେ ଚଳପ୍ରଚଳ କରୁଥିବା ଲୋକେ ଓ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଯାତ୍ରୀମାନେ ଉକ୍ତ ଜଳଛତ୍ରରୁ ପିଇବା ପାଣି ପାଇପାରୁ ନ ଥିବା ଆଲୋଚନା ହେଉଛି। ମାସ ଶେଷରେ ବିଲ୍ କରି ଟଙ୍କା ନିଆଯାଉଥିଲେ ମଧ୍ୟ ଜଳଛତ୍ରରୁ ଲୋକଙ୍କୁ ପାଣି ନ ମିଳିବା ସାଧାରଣରେ ଅସନ୍ତୋଷର କାରଣ ହୋଇଛି। ଏ ସମ୍ପର୍କରେ ସରପଞ୍ଚ ଗାୟତ୍ରୀ ମହାପାତ୍ର ଜାଣି ନ ଥିବା କହିଛନ୍ତି। ତାଙ୍କ ସ୍ୱାମୀ ଜିତେନ୍ଦ୍ର ବେହେରା କହିଛନ୍ତି, ପରଜଙ୍ଗ ଅଞ୍ଚଳର ଜଣେ ପାଣି ବ୍ୟବସାୟୀଙ୍କୁ ଜଳଛତ୍ରରେ ପାଣି ଭରିବାକୁ କୁହାଯାଇଛି। ୮ ନମ୍ବର ୱାର୍ଡମେମ୍ବରଙ୍କୁ ସପ୍ତାହକୁ ଥରେ ହାଣ୍ଡିଗୁଡ଼ିକ ସଫା କରିବାକୁ କୁହାଯାଇଛି। ତେବେ ଅବ୍ୟବସ୍ଥା ପ୍ରତି ତହସିଲଦାର ଦୃଷ୍ଟି ଦେବାକୁ ବଜାରବାସୀ ଅନୁରୋଧ କରିଛନ୍ତି।

# ଟାଟା ମ୍ୟାଜିକରୁ ଅହିରାଜ ଉଦ୍ଧାର

ବନ୍ତଳା,୧୮।୪ (ସୁଶିତ ସାହୁ)



ଅନୁଗୋଳ ଜିଲା ବନ୍ତଳା ବନାଞ୍ଚଳ କଞ୍ଚା ଗାଁର ଏକ ଟାଟା ମ୍ୟାଜିକରୁ ଶୁକ୍ରବାର ପ୍ରାୟ ୧୩ଫୁଟ ଲମ୍ବର ଅହିରାଜ ଉଦ୍ଧାର ହୋଇଛି। ସକାଳେ କଞ୍ଚା ତଳସାହିର ଶ୍ରୀକାନ୍ତ ଦେହୁରୀ ଗାଡି ନିକଟକୁ ଆସିଥିବା ବେଳେ ଭିତରେ ଅହିରାଜ ଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସେ ସର୍ପ ଉଦ୍ଧାରକାରୀ ଟିମ୍‌କୁ ଖବର ଦେଇଥିଲେ। ଖବରପାଇ ସୁଶାନ୍ତ ସାହୁ, ସନ୍ତୋଷ ଭୁକ୍ତା, ତୁଷାର ଗଡ଼ନାୟକ ଓ ସୌଭାଗ୍ୟ ସାହୁ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ପରେ ବନ୍ତଳା ବନପାଳଙ୍କ ଉପସ୍ଥିତିରେ ସୁରକ୍ଷିତ ସ୍ଥାନରେ ଅହିରାଜକୁ ଛଡ଼ାଯାଇଥିଲା।

# ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ


ଅତିଥିଙ୍କ ସହ ପ୍ରମାଣପତ୍ର ପାଇଥିବା ଛାତ୍ରୀମାନେ।

ବଇଣ୍ଡା,୧୮।୪(ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରତିମା ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଠାକୁରଗଡ଼ ଥାନା ଅଧିକାରୀ ଶଶିଭୂଷଣ ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ସବୁ ପ୍ରକାର ସହାୟତା ଓ ସୁରକ୍ଷା ଯୋଗାଇଦେବାକୁ କହିବା ସହ କିଭଳି ସୁରକ୍ଷିତ ରହିବେ ସେନେଇ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସରୋଜ ଦାସ, ସରୋଜ ପ୍ରଧାନ, ତରୁଣ ପ୍ରଧାନ, ଟୁକୁନା ପ୍ରଧାନ, ପ୍ରଜ୍ଞା ସାହୁ ପ୍ରମୁଖ ଯୋଗଦେଇଥିଲେ। ସଂଯୋଜିକା ଡ. କଲ୍ୟାଣୀରୂପା ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯକ୍ରମ ଚାଲିଥିବାବେଳେ ଠାକୁରଗଡ଼ ହାଇସ୍କୁଲ ଶିକ୍ଷୟିତ୍ରୀ ବର୍ଷାରାଣୀ ସିଂ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନେ କିପରି ବିପଦର ମୁକାବିଲା କରିପାରିବେ ସେନେଇ ପ୍ରଶିକ୍ଷଣ ଦେଇଥିଲେ। ସ୍ୱାଗତିକା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣିବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

ପବିତ୍ରନଗର,୧୮।୪(ନିରୋଜ ପ୍ରଧାନ)

କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀ କରିଥିବା ଖଣି ବନ୍ଦ ଆନ୍ଦୋଳନ ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ଆନ୍ଦୋଳନ ସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍.ଏନ୍. ରାୟଗୁରୁ, ଏସ୍‌ଡିପିଓ କୈଳାଶ ଚନ୍ଦ୍ର ସେଠୀ, ତହସିଲଦାର ଚିନ୍ମୟ ଦାସ, ଅତିରିକ୍ତ ତହସିଲଦାର ଅନୁପ ପରମ ଗୁରୁ, କଣିହାଁ ଆଇଆଇସି ରମଣି ରଞ୍ଜନ ଦଳେଇ, କଣିହାଁ ଓସିପି ଜିଏମ୍ ନରେଶ ସିଂ, ପ୍ରକଳ୍ପ ଅଧିକାରୀ ଶିଶିର କୁମାର ଶତପଥୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏମ୍‌ସିଏଲ୍ ପ୍ରସ୍ତାବିତ ପଥରମୁଣ୍ଡା ଗ୍ରାମରେ ଜରଡ଼ା ଗ୍ରାମବାସୀଙ୍କ ୩୧ ପ୍ଲଟ ହସ୍ତାନ୍ତର କରିବା ଉପରେ ଆଲୋଚନା ହୋଇଥଲା। ଆସନ୍ତା ମେ ୧୫ ତାରିଖ ଠାରୁ ପ୍ଲଟ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରାଯାଇ ୨ମାସ ମଧ୍ୟରେ ଶେଷ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ୨୪ ଘଣ୍ଟା ପରେ ବି କାହାକୁ ଗିରଫ କରିପାରିନି ପୋଲିସ

**ବେଆଇନ ଖଣି ଚଢ଼ାଉ ଓ ଅଧିକାରୀଙ୍କୁ ଆକ୍ରମଣ ମାମଲା**

ଢେଙ୍କାନାଳ,୧୮।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ତହସିଲ ନିହଲ ପ୍ରସାଦ ଥାନା ଅଞ୍ଚଳରେ ଥିବା ନିଶ୍ଚିନ୍ତା ସଂରକ୍ଷିତ ପାହାଡରେ ବେଆଇନ ଭାବେ କଳାପଥର ଚୋରାଚାଲାଣ ବୃଦ୍ଧି ପାଉଥିବାରୁ ପ୍ରଶାସନ ଓ ପୋଲିସ ପକ୍ଷରୁ ଗୁରୁବାର ଚଢାଉ ହୋଇଥିଲା । ଚଢାଉ ସମୟରେ ପଥର ବ୍ୟବସାୟୀମାନେ ପ୍ରଶାସନିକ ଅଧିକାରୀ ଓ ପୋଲିସଙ୍କ ଉପରକୁ ଆକ୍ରମଣ କରିବା ସହ ପଥରମାଡ କରିଥିଲେ। ଏଥିସହିତ ଜବତ ଏକ ଲୋଡର ମେଶିନକୁ ଛଡାଇ ନେଇଥିଲେ । ଏହି ଘଟଣାର ୨୪ଘଣ୍ଟା ବିତିବା ପରେ ମଧ୍ୟ ନିହଲ ପ୍ରସାଦ ଥାନାରେ ମାମଲା ରୁଜୁ ସତ୍ତ୍ୱେ କାହାରିକୁ ଗିରଫ କରିପାରିନାହିଁ ପୋଲିସ । ମାମଲା ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଦେବା ପାଇଁ ପୋଲିସ କୁଣ୍ଠାବୋଧ କରୁଥିବାରୁ କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ନିହଲ ପ୍ରସାଦ ଥାନାରେ ୧୦ଜଣଙ୍କ ନାମରେ ୩ଟି ମାମଲା ରୁଜୁ ହୋଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ନିହଲ ପ୍ରସାଦ ପଞ୍ଚାୟତର ପ୍ରମୁଖ ବ୍ୟକ୍ତିଙ୍କ ନାମରେ ମାମଲା ଥିବା ଆଲୋଚନା ହେଉଛି । ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବକି ନାହିଁ, ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟରେ କିଛି ପ୍ରଶାସନିକ ଅଧିକାରୀ ଚଢାଉ ପାଇଁ ଆସି ନିଜ ଶୀତତାପ ନିୟନ୍ତ୍ରିତ ଗାଡିରେ ବସିରହି ଆକ୍ରମଣ ବେଳେ ଭୟରେ ପଳାଇଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ନିହଲ ପ୍ରସାଦ ଥାନା ଅଧିକାରୀ ନିରୋଦ ଚନ୍ଦ୍ର ମଲ୍ଲିକଙ୍କ ତାଙ୍କ ମୋବାଇଲ ନଂ-୯୪୩୮୩୧୫୧୫ରେ ଯୋଗାଯୋଗ କରିବାରୁ ସେ କୌଣସି ଉତର ଦେଇନଥିଲେ । ଘଟଣା ସମ୍ପର୍କରେ ସଦର ଏସ୍‌ଡିପିଓ ରମେଶଚନ୍ଦ୍ର ଦୋରାଙ୍କୁ ପଚରାଯିବାରେ ସେ କୁହନ୍ତି, ମାମଲା ହୋଇଛି । କାହାକୁ ଗିରଫ କରାଯାଇନାହିଁ ତଦନ୍ତ ଚାଲିଛି ।

# ବିପଦସଙ୍କୁଳ ଅବସ୍ଥାରେ ସୂଚନା ବୋର୍ଡ




ବଇଣ୍ଡା,୧୮।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଛକରେ ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିବା ସୂଚନା ଫଳକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବୋର୍ଡରେ ଲାଗିଥିବା ସୂଚନା ଫଳକର ପ୍ଲେଟଗୁଡ଼ିକ ଭାଙ୍ଗିଯାଇ ଓହଳି ଥିବାରୁ ପଥଚାରୀ ଓ ଯାତ୍ରୀଙ୍କ ପ୍ରତି ବିପଦ ଆଶଙ୍କା ରହିଛି। ଏ ନେଇ ବଇଣ୍ଡା ଅଞ୍ଚଳବାସୀ ସୋମବାର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଦୀର୍ଘଦିନ ହେବ ବିପଦସଙ୍କୁଳ ଅବସ୍ଥାରେ ଫଳକର ପ୍ଲେଟ ଝୁଲି ରହିଥିବାବେଳେ ମରାମତି କରାଯାଉ ନାହିଁ। ଫଳରେ କାଳବୈଶାଖୀରେ ପ୍ଲେଟଟି ସମ୍ପୂର୍ଣ୍ଣ ତଳକୁ ଖସିପଡ଼ିବା ଆଶଙ୍କା ଦେଖାଦେଇଛି। ଏହି ରାସ୍ତାଦେଇ ପ୍ରତ୍ୟେକ ଦିନ ବହୁ ସଂଖ୍ୟକ ଗାଡ଼ି ଯାତାୟତ କରୁଥିବାରୁ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ତୁରନ୍ତ ଏଥିପ୍ରତି ପୂର୍ତ୍ତ ବିଭାଗ ଦୃଷ୍ଟିଦେବାକୁ ଦାବି ହୋଇଛି।

# ସମ୍ପର୍କ



ମୋବାଇଲ ସ୍କ୍ରିନରେ ଭାଉଙ୍କ ନାଁ ଦେଖି ପ୍ରଥମେ ଖିଆରେ ପଡ଼ିଲା ଭବ୍ୟା। ଦୀର୍ଘଦିନ ପରେ ଭାଇ ଫୋନ୍ କରିଛନ୍ତି!

ଭବେଶଙ୍କ ସହିତ ତା'ର ସମ୍ପର୍କକୁ ବିରୋଧ କରିଥିଲେ ପୂରା ପରିବାର। ଭିନ୍ନ ଜାତିରେ ତା'ର ବାହାଘର ପସନ୍ଦ କରୁନଥିଲେ କେହି। ତା'ପରେ ବି ଭବେଶଙ୍କ ଦୁର୍ଣ୍ଣାମ ବିଷୟରେ ଶୁଣିବାକୁ ମିଳିଥିଲା ଭବ୍ୟାର କିଛି ବନ୍ଧୁମାନଙ୍କଠାରୁ। ହେଲେ ସେ ତା' ଜିଦିରେ ଅଟଳ ରହି ଘର ଆଉ ଭବେଶଙ୍କ ସହିତ ପ୍ରେମ ସମ୍ପର୍କ ମଧ୍ୟରୁ ଦ୍ୱିତୀୟଟିକୁ ହିଁ ବାଛିଥିଲା ଏବଂ ଦିନେ ସମସ୍ତଙ୍କ ଅଲକ୍ଷ୍ୟରେ ଘର ଛାଡ଼ିଥିଲା। ସେବେଠାରୁ ତା' ସହିତ

## ଗଳ୍ପ
**ସୁଦର୍ଶନ ମହାପାତ୍ର**

ଘରର ସମ୍ପର୍କ ଏକରକମ କଟିଯାଇଥିଲା।

ଭବ୍ୟା ଘର ଛାଡ଼ିବା ପରେ ହଠାତ୍ ବାପାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଗଲା ତ, ତାକୁ କେହି ଖବର ଦେଇ ନ ଥିଲେ। ସେ ଖବର ପାଇଲାବେଳକୁ ବାପାଙ୍କର କ୍ରିୟାକର୍ମ ସରିଯାଇଥିଲା। ଆହତ ଅଭିମାନରେ ଗୁମୁରି ଉଠିଥିଲା ଭବ୍ୟା। ତା'ରି ଚିନ୍ତାରେ ବାପାଙ୍କର ଏମିତି ଅବସ୍ଥା ହେଲା ବୋଲି ଘରଠାରୁ ବାହାର ପର୍ଯ୍ୟନ୍ତ ଲୋକେ କଥା ହେଉଥିଲେ ବୋଲି ଶୁଣିଲା ଭବ୍ୟା।

ସେସବୁ ଭାଇ ନୁହେଁ, ବୋଉର 'ହେଲୋ' ଶବ୍ଦ ଶୁଣି ଖୁସିରେ ସେମିତି ନାଚି ଉଠିଲା ଭବ୍ୟା। 'କିଏ ଚୁହ' କହି ମୋବାଇଲକୁ ଧରି ବାଲ୍‌କୋନିକୁ ଚାଲିଗଲା ବଡ଼ ଆଗ୍ରହରେ। ହେଲେ ପରମୁହୂର୍ତ୍ତରେ ଭିତରେ ସାଙ୍କୁଡ଼ି ଉଠିଲା। ଆଉ କିଛି ଖରାପ ସମ୍ବାଦ ପାଇବନି ତ ବୋଉଠାରୁ! 'ତୁଆପୁନ୍...' ବୋଉର ଥରିଲା କଣ୍ଠର ସ୍ୱର। ଆହା... କେତେ ଦିନ ପରେ ସେଇ ଅମୃତବୋଳା କଣ୍ଠର ଡାକ! ନାକକାନ୍ଦୁରି ବୋଉର ସ୍ନେହବୋଳା ଆମନ୍ତ୍ରଣ। ଭବ୍ୟା କଣ୍ଠରେ ଅମିତ କୋହର ଉଦ୍‌ଗିରଣ! ବିନା ସିନ୍ଦୂର ବିନ୍ଦୁରେ ବୋଉର କପାଳ କେମିତି ଦିଶୁଥିବ? ଆହା ବିଚାରୀ? କେତେ ଦିଅଁଦେବତାଙ୍କୁ ଡାକୁଥିଲା ଅହ୍ୟବେଶରେ ସଜ୍ଜିତ ହୋଇ ନିଆଁରେ ଦାହ ହେବାକୁ...! ସେ କ'ଣ କ୍ଷମା କରିଦେଇଛି ତା' ଝିଅକୁ...!

– "ଘରକୁ ଯିବୁ? ସରରେ ଯିବି ବୋଉ...? ଭାଇଭାଉଜ...?" କୋହଜର୍ଜରିତ କଣ୍ଠରେ କଥା ଫେରି ହୋଇଗଲା ଆପେ...!

– "ଯିବ ତୋତେ ପ୍ରାଣଠୁ ଅଧିକ ଭଲପାଉଥିଲେ ସେ ତ ଆଉ ନାହାନ୍ତି। ତା' ବୋଲି ତୋତେ କ'ଣ କେହି ଆଦର ଯତ୍ନ କରିବେନି ବୋଲି ତୁ ମନେକରୁଛୁ? ତୁ ସିନା କାହାର ଆଦର ଯତ୍ନକୁ ଭୁଲି ତୋ ପସନ୍ଦର କାମ କଲୁ, ହେଲେ ନିଜ ରକ୍ତର ସମ୍ପର୍କ କ'ଣ ତୁଟିଯିବ?"

ଭବ୍ୟା ତୁନି ପଡ଼ିଲା କ୍ଷଣେ। 'ସୁବିଧା ଦେଖି ଯିବି' ବୋଲି କହି ଫୋନ୍ ରଖିଲା, ପରକ୍ଷଣରେ ଉବୁଟୁବୁ ହେଉଥିବା ଦୁଃଖ ଓ ଗ୍ଳାନିରେ ଭାଙ୍ଗିରୁଜି ଗଲା ନିଜ ଭିତରେ। ଆଖିରୁ ଲୁହ ଅବିରତ ବୋହିବାରେ ଲାଗିଲା।

ଭବେଶଙ୍କୁ ଚିହ୍ନିବାରେ ଭୁଲ କରିଦେଇଥିଲା ବୋଲି ଅନୁତାପ କରିବା ଛଡ଼ା ଆଉ କିଛି ଉପାୟ ନାହିଁ। ତାଙ୍କର ତା' ଦେହ ଆଉ ପଇସା ଛଡ଼ା ଏବେ କୌଣସି କଥାରେ ଆଗ୍ରହ ନାହିଁ। ନିଜ ଭାଗ୍ୟର ବିଡ଼ମ୍ବନାକୁ ନିଜେ ଆମନ୍ତ୍ରଣ କରିଛି ତ ନାଗୀ। ତା'ର କଥା ମୁଁ ବୁଝିପାରୁଛି। ପୁଣି ଥରେ ଫୋନ୍ ରିଂ ହେଲା। ଏଥର କଥା ହେଲେ ଭାଉଜ।

– "ଶୁଣ ଭବ୍ୟା, ମୁଁ ବି ତୁମରି ପରି ଗୋଟିଏ ନାରୀ। ତୁମ କଥା ମୁଁ ବୁଝିପାରୁଛି। ତୁମ ଆକାଉଣ୍ଟ ନମ୍ବରଦିଅ। ତୁମ ଭାଇ ସେଇ ନମ୍ବରରେ ଟଙ୍କା ପଠେଇଦେବେ। ତୁମ ବିଷୟରେ ତୁମ ସାଙ୍ଗ ବିନିଙ୍କଠାରୁ ସବୁ କଥା ବୁଝିସାରିଛନ୍ତି ଭାଇ।"

ଏଥର ଭବ୍ୟାର କରୁଣ କାନ୍ଦ ସ୍ୱର ଶୁଣିପାରିଲେ ଭାଉଜ।

– "ଭାଉଜ ମୋତେ କ୍ଷମା କରିଦିଅ। ଏତେ ସବୁ ପରେ ବି ତୁମେମାନେ ସମସ୍ତେ ମୋର ଭଲ ଚାହୁଁଛ। ହେଲେ ମୁଁ ତୁମମାନଙ୍କ ମନରେ ଯଥେଷ୍ଟ ଆଘାତ ଦେଇଛି।"

– "ଯାହା ହେବା କଥା ହୋଇ ସାରିଛି। ତୁମେ କେବେ ଆସି ତୁମ ବାହାଘର ପାଇଁ ଥୋଇ ହୋଇଥିବା ଗହଣାଗୁଡ଼ିକ ବି ନେଇଯାଅ। ଖାଲି ସେଇଥିପାଇଁ ତୁମକୁ ବୋଉ ଘରକୁ ଆସିବା ପାଇଁ କହୁଥିଲେ। ଦେଖ ତୁମେ ଭଲରେ ରହିଲେ ସିନା ଆମେମାନେ ସବୁ ଏଠି ଶାନ୍ତିରେ ରହିବୁ।"

– "ଭାଇଙ୍କୁ କହିବ ମୋ' ପାଖକୁ କିଛି ବି ଟଙ୍କା ପଠେଇବେ ନାହିଁ। ଟଙ୍କା ଦେଲେ ଏ ଲୋକର ଔଦ୍ଧତ୍ୟ ଆହୁରି ବେଶୀ ବଢ଼ିଯିବ। ସୁନାଗହଣା ତ ବିଲକୁଲ ବି ନୁହେଁ। ମୁଁ ମୋ' ପାପର ପ୍ରାୟଶ୍ଚିତ୍ତ ନିଜେ କରିବାକୁ ଚାହୁଁଛି।"

– "ଶୁଣ ଭବ୍ୟା, ତୁ ମୋ' ଛୋଟ ଭଉଣୀ। ତୁ କୌଣସି ବିପଦରେ ପଡ଼ିଲେ ତୋତେ ସେଥିରୁ ମୁକ୍ତ କରିବା ଦାୟିତ୍ୱ ଏବେ ମୋର। ବାପା ନାହାନ୍ତି ତ ତୁ ଭାବିବେ ତୋ' ଭାଇ ଏବେ ତୋର ବାପା ସମାନ। କହ ମୋତେ, ତୋ' ପାଇଁ ମୁଁ କ'ଣ କରିପାରିବି? ମୁଁ ପ୍ରସ୍ତୁତ ଅଛି। ହେଲେ ତୁ କୌଣସି ଭୁଲ ରାସ୍ତା ବାଛିବୁନି।"

ଭାଇଙ୍କ କଥା ଶୁଣି ଭବ୍ୟାର କଣ୍ଠ ରୁଦ୍ଧ ହୋଇ ଆସୁଥିଲା। ତା'ର କାନ୍ଦ ଶବ୍ଦ ସ୍ପଷ୍ଟ ଶୁଭୁଥିଲା ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ। ଭବ୍ୟା ଏଥର ଶୁଣିଲା ପୁଣି ଥରେ ଭାଉଜଙ୍କ ସ୍ୱର।

– "ଶୁଣ ଭବ୍ୟା, ତୁମେ ସେଠାରୁ ଚାଲିଆସିବାକୁ ଚାହିଁବ ତ ଆମେ ତୁମକୁ ନିଶ୍ଚୟ କୋଳେଇନେବୁ। ତୁମ ଘର। ତୁମକୁ ଫେରିବାକୁ କିଏ ମନା କରିବ? ହେଲେ ତୁମ ଇଚ୍ଛା ଆଉ ସିଦ୍ଧାନ୍ତ ଉପରରେ ସବୁ ନିର୍ଭର କରେ। କହିବ ଯଦି ଆମେ ଯାଇ ତୁମକୁ ନେଇଆସିବୁ। ତେଣିକି ଦେଖିବା...! ତୁମ ଭବିଷ୍ୟତ ବିଷୟରେ ଆମେ ସମସ୍ତେ ମିଶି ଆଲୋଚନା କରିବା।"

– "ଭାଉଜ, ସେ ହେଉଛନ୍ତି ଗୋଟିଏ ଜହ୍ଲାଦ। ବହୁତ ଝିଅଙ୍କ ସହ ତାଙ୍କର ସମ୍ପର୍କ। ତାଙ୍କ ପାଇଁ ଟଙ୍କା ରୋଜଗାର କରିବାକୁ ମୋତେ ଏବେ ସେଇ ନିଷିଦ୍ଧ ରାସ୍ତାକୁ ଯିବାକୁ ବାଧ କରୁଛନ୍ତି। ମୋ' ଦେହରେ ପ୍ରତ୍ୟହ ତାଙ୍କ ନିର୍ଯାତନାର ଦାଗ...! ହାଡ଼ୁଭାଙ୍ଗମ କ୍ରାନ୍ତିରେ ଦୟା ହେବା ଅପେକ୍ଷା ଏ ଜୀବନରୁ ମୁକ୍ତି ପାଇଯିବା ବରଂ ଭଲ।"


– "ବିଲକୁଲ ନୁହେଁ। ନିଜକୁ ଅସହାୟ ମନେକରନା। ଆମେ ତୁମ ସହ ଅଛୁ। ତୁମକୁ ଏତେ ଦୁର୍ବଳ ବୋଲି ମୁଁ ମାନିପାରୁନି। ପରିବାର ବିପକ୍ଷରେ ଯେଉଁ ଝିଅ ଯାଇପାରେ, ସେ ଅନ୍ୟ କାହା ବିପକ୍ଷରେ ବି ଯାଇପାରେ...!"

ଆପାର୍ଟମେଣ୍ଟର ଛଅ ତାଲା ଉପରୁ ଖସିପଡ଼ି ଭବେଶର ମୃତ୍ୟୁ ଖବର ପରଦିନ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରିଥିଲା। ଭବ୍ୟାକୁ ପୋଲିସ ଆରେଷ୍ଟ କଲାବେଳେ ତା' ମୁହଁରେ ଏକ ଖୁସିର ଉଜ୍ଜଳ ଦେଖିବାକୁ ମିଳିଥିଲା। ଟିଭିରେ ପ୍ରସାରିତ ଏ ଦୃଶ୍ୟରେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ଭବ୍ୟାର ଆତ୍ମୀୟ ସ୍ୱଜନ...! ନ୍ୟାୟିକ ଯୁଦ୍ଧରେ ଅବତୀର୍ଣ୍ଣ ହେବା ପାଇଁ ପ୍ରସ୍ତୁତ ହେଉଥିଲେ ଭବ୍ୟାର ପରିବାର।

ମୋ: ୯୪୩୮ ୧୨୫୫୪୨

## ପୁସ୍ତକ ପରିଚୟ

### ନିଃଶବ୍ଦ ଯନ୍ତ୍ରଣା



**ଲେଖକ:** ଭାଗୀରଥି ଦାସ
**ପ୍ରକାଶକ:** ସୁଦୀପ୍ତା ପ୍ରକାଶନୀ, ବାଣୀପୁତ୍ର ଭବନ, ଜଗତ୍‌ସିଂହପୁର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୧୫/-

୧୯୬୯ରୁ ଏଯାବତ୍ ପାଖାପାଖି ଛ'ଶହ ଉପନ୍ୟାସ, ନାଟକ, ଗଳ୍ପ, କବିତା ଓ ପ୍ରବନ୍ଧଗ୍ରନ୍ଥର ରଚୟିତା ଭାଗୀରଥି ଦାସଙ୍କର ଆତ୍ମଜୀବନୀ ନିକଟରେ ପ୍ରକାଶ ପାଇଛି। ଗ୍ରନ୍ଥରେ ରହିଛି ମୋଟ ୧୩ଟି ପରିଚ୍ଛେଦ– ଏଥିରୁ ୧୧ଟି ମୁଖ୍ୟ। ଏଥିରେ ଲେଖକ କିପରି ଆତ୍ମଜୀବନୀ ରଚନାରେ ପ୍ରବୃତ୍ତ ହେଲେ, ନିଜ ସମୟର ସମସ୍ୟା ଓ ଝଡ଼ଝଞ୍ଜା, ନିଜ ଲେଖା ସମ୍ପର୍କରେ ସୂଚନା ଆଦି ସଂକ୍ଷେପରେ ସ୍ଥାନିତ ହୋଇଛି। ଘର ସଂସାରର ନାନା କଥା, ନିଭାଇବା ସହିତ ଜୀବନର ଅଭିଜ୍ଞତାକୁ ନେଇ ନିଜର ସାହିତ୍ୟ ରଚନା ବିଶେଷକରି ଉପନ୍ୟାସ ଓ ନାଟକ ରଚନାକୁ ଲେଖକ କିପରି ଆଗେଇ ନେଇଛନ୍ତି– ତା'ରି ଧାରାବିବରଣୀ ଆଲୋଚ୍ୟ ଜୀବନୀଗ୍ରନ୍ଥରେ ସ୍ଥାନିତ। ଲେଖକ ନିଜ ଲେଖାରେ ଗ୍ରନ୍ଥଶାଳା ଓ ଚାହିଦା ସମ୍ପର୍କରେ ଠାଏ କହିଛନ୍ତି: "ନାଟକ, ଉପନ୍ୟାସ, ଗଳ୍ପ, କବିତା ଓ ପ୍ରବନ୍ଧ ଆଦି ସାହିତ୍ୟର ସବୁ ବିଭାଗରେ ସଫଳତା ପାଇଲି। ମୋର ସମସାମୟିକ ଲେଖକମାନଙ୍କ ଚାହିଦା କମ୍ ଥିଲା। ମୋ' ଲେଖା ଛାପୁଥିବା ପ୍ରକାଶକମାନେ ଅନ୍ୟମାନଙ୍କ ଲେଖା ଅପେକ୍ଷା ମୋ' ଲେଖା ଅଧିକ ଛାପୁଥିଲେ। ମୁଁ କାହାରି ପ୍ରତିଦ୍ୱନ୍ଦ୍ୱୀ ନ ଥିଲି କିମ୍ବା ମୋର କେହି ଶତ୍ରୁ ନ ଥିଲେ।" (ପୃ:୮୦)। ଗ୍ରନ୍ଥ ଶେଷରେ ଈଶ୍ୱରଙ୍କ ନିକଟରେ ଲେଖକଙ୍କ ନିବେଦନ ସେତିକି ହୃଦୟସ୍ପର୍ଶୀ, ସେତିକି ବିସ୍ମୟକର। ସେ କହନ୍ତି: "ଯଦି ମୁଁ ଓଡ଼ିଶା ମାଟିରେ ଜନ୍ମନିଏ, ତେବେ ପ୍ରଭୁ ମୋତେ ଗରିବ ଘରେ ଜନ୍ମ ଦିଅନ୍ତୁ। ମୋ' ଜୀବନରେ ଝଡ଼ ଆସୁ, ଆଖିରେ ଦିଅନ୍ତୁ ଅଦିନ ଶ୍ରାବଣ ଆଉ ମୋତେ ଓଡ଼ିଆ ଲେଖକ ଭାବରେ ସାହିତ୍ୟ ଅଗଣାରେ ଠିଆ ହେବାର ସୌଭାଗ୍ୟ ଦିଅନ୍ତୁ।" (ପୃ:୯୦)। ଆଶା କରାଯାଏ, ଆଲୋଚ୍ୟ ଆତ୍ମଜୀବନୀଟି ଓଡ଼ିଆ ପାଠିକାପାଠକଙ୍କ ଦ୍ୱାରା ଆଦୃତ ହେବ।

### ଶିଳାସ୍ୱପ୍ନ



**ଲେଖିକା:** ଗୌରୀ ଶତପଥୀ
**ପ୍ରକାଶକ:** ବେଦଶ୍ରୀ ଚାରିଟେବଲ୍ ଟ୍ରଷ୍ଟ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୦୦/-

ଆଲୋଚ୍ୟ ଗୀତି-କବିତା-ଗ୍ରନ୍ଥଟି 'କୋଣାର୍କ' ମନ୍ଦିରର ମୂକ ପାଷାଣ ପ୍ରତିମାକୁ ଆଧାର କରି ପ୍ରେମ ଓ ପ୍ରଣୟର ଚିରନ୍ତନୀ ପରିପ୍ରକାଶ ହୋଇଉଠିଛି। ବିରହ ଓ ମିଳନର ଯୁଗ୍ମ ଛନ୍ଦରେ ଛନ୍ଦାୟିତ ଗୀତଗୁଡ଼ିକ ମନର ନାନା ଭାବଭାବନାକୁ ଆଶ୍ରୟ କରି ଏପରି ରସାଳ ହୋଇଉଠିଛି, ଯେ ପଢ଼ିବାଲେ ଏହାର ସ୍ୱାଦ ମନରୁ ସହଜରେ ଲିଭେ ନାହିଁ। ପ୍ରଥମ ଗୀତରେ କବୟିତ୍ରୀ କହନ୍ତି: "ଯାହା ମୁଁ ପାରେନା କହି, କାହାରି ଆଗରେ/ ତାକୁ ସବୁ ଗାଇଯାଏ, କବିତାର ସ୍ୱରେ।" (ପୃ: ୦୪)। କୌଣସି ଗୀତର ଶୀର୍ଷକ ନାହିଁ, ହେଲେ ଗୀତିଗୁଡ଼ିକର ପ୍ରଥମ ଧାଡ଼ି ଶୀର୍ଷକର ଦାୟିତ୍ୱ ନିଭାଏ। ଗୋଟିଏ ଗୋଟିଏ ଉଦ୍ଧୃତି ନେଇ ଲେଖାଗୁଡ଼ିକର ସରଳତା, ଭାବମୟତା ଓ ଅସରା ଆବେଦନକୁ ପାଠକଙ୍କ ସମକ୍ଷରେ ଉଜାଗର କରାଯାଇପାରେ। ଯଥା: ୧. "ଏ ଖର୍ଡାବରେ କେତେ ମୁଁ ଖୋଜିଛି/ ବିତାଇ ଅନେକ ରାତି/ ସବୁରାତି ଆସି ଫେରିଯାଏ ସିନା/ ତୁମକୁ ପାଏନା ସାଥୀ।" (ପୃ:୨୪), ୨. "ଛଟେ ଚାହେଁ ଏଇ ଜୋଛନା ଝାନ୍ତିମ/ ମୋ' ଆଖିକୋଣେ ଲୁହ/ ମରମରେ ମରେ ମରମର ବ୍ୟଥା/ ଛାତିତଳେ ଜାଗେ କୋହ।" (ପୃ:୬୦)। କବିପ୍ରବର ପାଟଶାଣୀ କହନ୍ତି: "ଅନୁପ୍ରିଏଇ ପୁସ୍ତକ ବହୁ ଲେଖକଙ୍କର ପ୍ରେରଣାର ଉତ୍ସ ଭାବେ ପ୍ରତିଭାତ ହେଉ"– ଏ ଆଶା ଅମୂଳକ ନୁହେଁ।

## କବିତା

### ଆକାଶ ହାତରୁ କିଣିବି ଟୁକୁଡ଼ାଏ ଜହ୍ନ ଏଥର
**ଉମା ଶଙ୍କର ପାଲ**

ଦାରିଦ୍ର୍ୟର କଷାଘାତରେ
ଯେଉଁ ଦିନ ଗାଁର ଏବୁଣ୍ଡି ଡେଇଁ
ସହର ଆସିଲି
ମା' ଗାମୁଛାରେ ବାନ୍ଧି ଦେଇଥିଲା
ସ୍ୱପ୍ନର ଗଣ୍ଠିଲି
ମଥାରେ ମାଖି ଦେଇଥିଲା,
ଗ୍ରାମଦେବୀଙ୍କ ଆଶିଷ
ବସ୍ ଝର୍କାରୁ ଦେଖୁଥିଲି
ଭଉଣୀ ଆଖିରୁ ନିଗିଡ଼ା ସ୍ନେହ ବୁନ୍ଦାକୁ।

ଠିକ୍ ସେତିକିବେଳେ
ବିଲମାଳର କେଉଁ ତାଳଗଛରୁ
ମା' ପକ୍ଷୀ ବସାରୁ
ଠେଲି ଦେଉଥିଲା ତା' ଶାବକକୁ
ପକ୍ଷ ମେଲି ଦୁନିଆରେ ବଞ୍ଚି ଶିଖିବାକୁ।

ଯେବେ ସହରରେ ନୂଆ ପାଦ ଦେଲି
କିଏ ଦେଇଥିଲା ଆଶ୍ୱାସ
କିଏ କରିଥିଲା ବିଶ୍ୱାସଘାତ
କେହି ବି କରିଥିଲେ ଉପହାସ।
ମନେପଡ଼ିଲେ
ସୁଖର ସ୍ୱାଦ ଚାଖି ନ ଥିବା
ମା' ଭଉଣୀଙ୍କ ବିଷଣ୍ଣ ମୁଖ
କିଏ ଯେମିତି ମୋ' ଭିତରେ
ସବୁ ସହିବାକୁ ଭରି ଦେଉଥିଲା ସାହସ।

କାରଖାନାର ହୁତାଶ
ଚିନ୍ନିଡ଼ ରଇନାର କ୍ଲେଶ
ମାଲିକର କଡ଼ା ମିଜାଜ
ବାଲି ସିମେଣ୍ଟର କସରତ ଭିତରେ
ସ୍ୱେଦ, ଶୋଣିତ, ଲୋତକର ରଙ୍ଗ ଏକ।

ବସ୍ତିର ଦବରା ବସାଘରେ ଜୀବନ
ହାଟ ଶେଷର ସଉଦାପରି ଶସ୍ତା
ରପ୍ତକରା ଜୋତା ପ୍ୟାଣ୍ଟର ଦୀନାବସ୍ଥା
ଯୁଡ଼ା ପଖାଳରେ କାମ ଚଳାଇ
ସଞ୍ଚୁଥାଏ ବଳକା ଟଙ୍କା
ମେଣ୍ଟାଇବାକୁ ଅଭାବୀ
ସଂସାରର ଆବଶ୍ୟକତା।

ଆକାଶ ହାତରୁ କିଣିବି
ଟୁକୁଡ଼ାଏ ଜହ୍ନ ଏଥର
ଯେଉଁଥିରେ ମା' ଦେଖିବ ମୁହଁ, ସୁଖର
ତାରାଫୁଲ ପେଣ୍ଡାଟିଏ କିଣି
ଭଉଣୀକୁ ଦେବି ଉପହାର
ଗଭାରେ ନାଇ ସେ ଦିଶିବ ସୁନ୍ଦର।

ମୋ: ୯୫୫୬୮୮୭୦୮

### ଥରେ ମୋ ସହରରୁ ଦେଖ
**ତେଜସ୍ୱିନୀ ପଣ୍ଡା**

ଥରେ ମୋ ସହରରୁ ଦେଖ
ଆକାଶର ଧୂମାଭ ଅନ୍ଧାର,
ଅଧାଲେଖା ଚିଠିର ଅହଙ୍କାର
ଅପ୍ରେମକୁ ପ୍ରେମଯୋଗ
ଜୀବନର ମହକିତ ମଧୁବନ।

ଥରେ ଦେଖିଯାଅ ମୋ ସହର,
ଆସିବ ନା! ନ ଆସିଲେ ନାହିଁ,
ଦୂରରୁ ରହି ଦେଖ ଧୂସର
ସ୍ମୃତିର ପାଦଚିହ୍ନ,
ସେଇ ଅପ୍ରେମ ଶିକୁଳିର
ଅନ୍ତିମ ଅଧ୍ୟାୟ ହିଁ ଟିପିଏ ସିନ୍ଦୂର।

ଥରେ ମୋ ସହରରୁ ଦେଖ
ନରମ ପାପୁଲିରେ ନିଆଁର ଛାପ
ତୁମେ ଯେମିତି ବାଛିଲ ମତେ,
ଦୁର୍ଭାଗ୍ୟ ବି ଆସେ ଅକ୍ଷରେ ଅକ୍ଷରେ
କି ନାମ ଦେବି ଏ ସଂଯୋଗର?
ତୁମେ ଗୋରା ଆଉ ମୁଁ ଶ୍ୟାମଳବର୍ଣ୍ଣର।

ଥରେ ମୋ ସହରରୁ ଦେଖ
ସବୁଠି ଚର୍ଚ୍ଚା ଆମ ପ୍ରେମର।

ମୋ: ୯୭୨୩୭୬୧୪୦୪

### ଗୀତି–କବିତା
### ଜହ୍ନରାତି
**ତପନ କୁମାର ସ୍ୱାଇଁ**

ସଞ୍ଜବେଳେ ଦିନେ ନଈପଠା ପରେ
ବସି ଭାବୁଥିଲି ଏକା,
ଜହ୍ନ ଉଠୁଥିଲା ଦୂର ଆକାଶରେ
ତୁମର ନଥିଲା ଦେଖା।

ବଉଦ ଫାଙ୍କରେ ଲୁଚି ଯାଉଥିଲା
ମଉଳା ଜହ୍ନର ମୁହଁ,
ଛାତି ତଳେ ମୋର ବିରହ ସ୍ମୃତିର
ଲିଭି ଆସୁଥିଲା କୋହ।
ଦୂର ଆକାଶରେ ଜହ୍ନକୁ ଦେଖି ମୋ'
ଛାତି ତଳେ ଥିଲା ଦଗ।
ସଞ୍ଜବେଳେ ଦିନେ...

କାହିଁକି ସେଦିନ ତୁମକୁ କେଜାଣି
ଖୋଜୁଥିଲା ଭାରି ମନ,
ତୁମକୁ ଦେଖିବା ପାଇଁ ମନ ମୋର
ହେଉଥିଲା ଛନଛନ,
ସେଦିନ ଯେମିତି ମୋ' ମୁହଁ ପରି
ଜହ୍ନ ଦିଶୁଥିଲା ଫିକା।
ସଞ୍ଜବେଳେ ଦିନେ...

ମୋ: ୯୦୪୦୦୩୩୩୯୦

## କାଳକାଳକୁ



"ନିଜ ଧର୍ମ ବିଷୟରେ ଲୋକେ ଯେତେ ଯାହା କହନ୍ତୁ ପଛେ, ଯଦି ତାହା ମଣିଷ ଓ ପଶୁଙ୍କ ପ୍ରତି ଦୟାଭାବ ଶିଖାଏ ନାହିଁ, ତେବେ ତାହା ଧର୍ମ ନୁହେଁ।"
– ଆନା ସେୱେଲ

**ଆନା ସେୱେଲ**ଙ୍କ ଜନ୍ମ ୩୦ ମାର୍ଚ୍ଚ ୧୮୨୦ରେ ଓ ପରଲୋକ ୨୫ ଏପ୍ରିଲ ୧୮୭୮ରେ, ଲଣ୍ଡନରେ। ଉନବିଂଶ ଶତାବ୍ଦୀର ଇଂଲିଶ୍ ସାହିତ୍ୟରେ ଜଣେ ଶିଶୁ-କିଶୋର ଲେଖିକା ଭାବେ ସେ ବିଶ୍ୱ-ବିଦିତା। ୧୮୭୧ରୁ ୧୮୭୭ ମଧ୍ୟରେ ଘୋଡ଼ାର ଲାଳନ ଓ ତାଲିମକୁ ନେଇ ସେ ଲେଖିଥିଲେ ତାଙ୍କ ଜୀବନର ପ୍ରଥମ ଓ ଶେଷ ଉପନ୍ୟାସ, ଯହିଁରେ 'ଜୀବେ ଦୟା'ର ପରିପ୍ରକାଶ ଥିଲା ଆଭିମୁଖ୍ୟ। ଯକ୍ଷ୍ମାରୋଗରେ ପୀଡ଼ିତ ଥାଇ ୫୮ ବର୍ଷ ବୟସରେ ସେ ପରଲୋକ ଗମନ କରିଥିଲେ।

# ଡେରି କର ନାହିଁ

**ମୂଳ ରଚିଆନ୍– ଆଣ୍ଟନ ଚେଖଭ୍**
**ଅନୁବାଦ– ମନୋଜ କୁମାର ବେହେରା**

ଜଣେ ବୃଦ୍ଧ ଚାଷୀ ଅସୁସ୍ଥ ପତ୍ନୀଙ୍କୁ ଘୋଡ଼ାଗାଡ଼ିର ପଛ ସିଟ୍‌ରେ ବସେଇ ଦୂର ସହରକୁ ଚିକିତ୍ସା ପାଇଁ ଯାଉଥିଲେ। ସେହି ଗାଡ଼ିକୁ ଗୋଟିଏ ଦୁର୍ବଳ ଘୋଡ଼ା ଟାଣୁଥିଲା, ଯାହାଫଳରେ ଗାଡ଼ି ଧୀରେ ଧୀରେ ଯାଉଥିଲା ଆଗକୁ। ଯାତ୍ରା ଥିଲା ଲମ୍ବା। ଆଉ ସେହି ଯାତ୍ରା ସମୟରେ ଚାଷୀ ଜଣକ ନିଜ ଜୀବନ ଗପିଯିବ ସାନ୍ତ୍ୱନା ଦେଉଥିଲେ ଅସୁସ୍ଥ ପତ୍ନୀଙ୍କୁ।

ସେ କହିଲେ, ସାରାଜୀବନ ପତ୍ନୀଙ୍କ ସହିତ ଅତ୍ୟନ୍ତ କଠୋର ବ୍ୟବହାର କରିଛନ୍ତି। ହେଲେ ପ୍ରତିବଦଳରେ ଗତ ଚାଳିଶ ବର୍ଷ ହେଲା ଅତ୍ୟନ୍ତ କଷ୍ଟ, ଦୁଃଖ ଆଉ ଅଭାବକୁ ସହିସହି ତାଙ୍କ ପତ୍ନୀ କ୍ଷେତରେ କାମ କରି ଆସିଛନ୍ତି ଏବଂ ଏକୁଟିଆ ପୂରା ଘରର ଦାୟିତ୍ୱ ସମ୍ଭାଳିଛନ୍ତି। ସେତେବେଳେ ଯୁବାବସ୍ଥାରେ ପୁରୁଷୋଚିତ ଅହଙ୍କାରରେ ତାଙ୍କ ପତ୍ନୀଙ୍କର ତ୍ୟାଗ ଓ ବଳିଦାନକୁ ସେ ଦେଖିପାରି ନ ଥିଲେ। ହେଲେ ଏବେ ବୟସର ସାୟାହ୍ନରେ ସେ ଅନୁଭବ କରିପାରୁଛନ୍ତି ଯେ, ପତ୍ନୀଙ୍କ ସହିତ କେତେ ଅନୁଚିତ ବ୍ୟବହାର କରିଛନ୍ତି। ସେ ଏହା ବୁଝି ସାରିଛନ୍ତି କି ଏବେ ତାଙ୍କୁ ପତ୍ନୀଙ୍କ ସହିତ ଦୟା ଆଉ ସ୍ନେହଭରା ବ୍ୟବହାର କରିବା ଉଚିତ, ତାଙ୍କୁ ମିଠା ଏବଂ କୋମଳ କଥା କହିବା ଉଚିତ।

ଚାଷୀ ଜଣକ ପତ୍ନୀଙ୍କୁ କହିଲେ, ସେ ଜୀବନସାରା ତାଙ୍କୁ ଦୁଃଖ ଛଡ଼ା କିଛି ବ୍ୟବହାର କରିଛନ୍ତି ଆଉ ପ୍ରତିବଦଳରେ ଜୀବନ ତାଙ୍କ ସହ ଅନ୍ୟାୟ କଲା। କାହିଁକି ନା ସେ କେବେ ବି ପତ୍ନୀଙ୍କୁ ସ୍ନେହବୋଳା କଥା ପଦେ କହିନାହାନ୍ତି କି କିଏବେ ହସ ଓ ପ୍ରେମପୂର୍ଣ୍ଣ ମୁହୂର୍ତ୍ତରେ ମଧ୍ୟ ଦେଇନାହାନ୍ତି। ପୂରା ଯାତ୍ରା ସମୟରେ ସେ ଦୁଃଖ ଆଉ ପଶ୍ଚାତ୍ତାପର ସହିତ ନିଜକଥା କହିଚାଲିଥିଲେ ପତ୍ନୀଙ୍କୁ। ତାଙ୍କର ପ୍ରତ୍ୟେକଟି ଶବ୍ଦ ମାନବ ଆତ୍ମାରେ ଗଭୀର ଚିହ୍ନ ଛାଡ଼ି ଚାଲିଥିଲା, ଠିକ୍ ଯେମିତି ପାଣି ପଥର ଉପରେ ପଡ଼ି ଧୀରେ ଧୀରେ ତାକୁ କାଟେ। ସେ ପତ୍ନୀଙ୍କୁ କଥା ଦେଲେ କି ତାଙ୍କର ଆଉ ଯେତେ ବର୍ଷର ଆୟୁଷ ଅଛି ତାକୁ ସେ ଖୁସିରେ ଭରିଦେବେ ଆଉ ତାଙ୍କର ସବୁ ଇଚ୍ଛାକୁ ପୂରା କରିବେ।

ଯେତେବେଳେ ସେ ସହରରେ ପହଞ୍ଚିଲେ, ଆଉ ପ୍ରଥମ ଥର ପାଇଁ ପତ୍ନୀଙ୍କୁ ନିଜ ବାହୁରେ ଉଠେଇ ଡାକ୍ତରଙ୍କ ପାଖକୁ ନେବା ପାଇଁ ଚେଷ୍ଟାକଲେ, ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। କାହିଁକି ନା ସେତେବେଳେ ପତ୍ନୀଙ୍କ ଶରୀର ଥଣ୍ଡା ହୋଇଯାଇଥିଲା ଆଉ ଶରୀରରୁ ପ୍ରାଣବାୟୁ ଉଡ଼ିଯାଇଥିଲା। ସେ ସହରକୁ ଆସିବା ବାଟରେ ଚାଲିଯାଇଥିଲେ ଆରପାରିକୁ। ତାଙ୍କର ମିଠା ଆଉ ଦୁଃଖଭରା କଥା ସବୁ ଶୁଣିବା ପୂର୍ବରୁ ସେ ଦୁନିଆ ଛାଡ଼ି ଚାଲିଯାଇଥିଲେ ଆରପାରିକୁ।

ଏହି କାହାଣୀର ଅନ୍ତ ଅତ୍ୟନ୍ତ ଦୁଃଖଦାୟକ ଅଟେ, ଏହା ସତ୍ୟ। ହେଲେ ଆମକୁ ଏହି କାହାଣୀ ଏହି ଶିକ୍ଷା ଦେଉଛି କି ପ୍ରାୟତଃ ଆମେ ସମସ୍ତେ କିଛି ଲୋକଙ୍କର ମୂଲ୍ୟକୁ ସେତେବେଳେ ବୁଝିଥାଉ, ଯେତେବେଳେ ବହୁତ ଡେରି ହୋଇଯାଇଥାଏ। ଠିକ୍ ସମୟରେ ଦିଆଯାଉଥିବା ଗୋଟିଏ ସୁନ୍ଦର ଶବ୍ଦ, ପ୍ରଶଂସାର କିଏ ସ୍ୱର୍ଣ୍ଣ ଅବା ପ୍ରେମ ଓ ସ୍ନେହର ନିଦର୍ଶନ ସ୍ୱରୂପ ଦିଆଯାଇଥିବା ଗୋଟିଏ ଫୁଲର ମୂଲ୍ୟ ସେତେବେଳେ ବହୁତ ଅଧିକ ହୋଇଥାଏ। ଡେରିରେ କରାଯାଇଥିବା କାମ ସର୍ବଦା ମୂଲ୍ୟହୀନ ହୋଇଥାଏ, ଠିକ୍ ଯେମିତି ମୃତ ଶରୀରକୁ କ୍ଷମା ମାଗିବା। ସୁନ୍ଦର କାମକୁ କରିବା ପାଇଁ ଡେରି କରନାହିଁ, କାହିଁକି ନା ସମୟ କେବେ କାହା ପାଇଁ ଅଟକି ନାହିଁ। କିଏ ଜାଣେ ଆମେ ଯାହାକୁ ଆଜି ଘୃଣା ଓ ଈର୍ଷା କରୁଛେ, ଯାହାର ଉପସ୍ଥିତିକୁ ଆମେ ନିନ୍ଦୁଛେ ଯେତେବେଳେ ତାଙ୍କୁ କ୍ଷମା ମାଗିବାର ସମୟ ଆସିବ ସେତେବେଳେ ସେ ଆମ ସହିତ ଥିବେ କି ନ ଥିବେ!

ମୋ: ୭୭୭୮୮୩୦୬୧୧



# ଶେଷହୀନ ଆକୁଳତାର କବି ରମାକାନ୍ତ



ନିରଞ୍ଜନ ବେହୁରିଆ

ବେଳେବେଳେ ମନେହୁଏ ମୁଁ ଆକାଶ ପ୍ରଶସ୍ତ ଅଥବା ଫାଙ୍କ / ଏବଂ ଦେଖୁଛି ପୃଥ୍ୱୀ ଯେପରି ତମେ ଠିକ୍ ସେହିପରି ମେଲା କରିଅଛ ହାତମାନ/ ଯେଉଁଠାରେ ଓହ୍ଲାଇଲେ ସେଇଠାରେ ତୁମ ଆଲିଙ୍ଗନ। ହଁ, ତାଙ୍କ କବିତାର ଆଲିଙ୍ଗନ ସବୁଠି, ଆକର୍ଷଣ ମଧ୍ୟ। ତାହା ପାଠକକୁ ବାନ୍ଧିରଖେ, ମୁଗ୍ଧ ଚକିତ ବିଭୋର କରେ। ସେ ହେଉଛନ୍ତି କବି ରମାକାନ୍ତ ରଥ। ଭାରତୀୟ କାବ୍ୟ ସାହିତ୍ୟର ଏକ ଉଜ୍ଜ୍ୱଳ କାବ୍ୟସ୍ରଷ୍ଟା। ଆଧୁନିକ କବିତା ରାଜ୍ୟର ଶିଖର ପୁରୁଷ। ସଚ୍ଚି ରାଉତରାୟଙ୍କ ପରେ ଓଡ଼ିଆ କବିତାର ମଙ୍ଗୁଆଳ ସେ। ତାଙ୍କ କାବ୍ୟଜଗତ ଥିଲା ବ୍ୟାପକ, ଥିଲା ନିରନ୍ତର ନବନବ ଚେତନାର ପ୍ରଜ୍ଞାଦୀପ୍ତ ରସମୟତାରେ ଉର୍ଦ୍ଧ୍ୱସ୍ୱରା। 'କେତେଦିନର' ଠାରୁ 'ସପ୍ତମଋତୁ', 'ଶ୍ରୀରାଧା' ରୁ 'ଶ୍ରୀପଳାତକ', 'ଧୀମାନତବଂ' ରୁ 'ନ ଯା ନ ଯା କହୁନ୍ତୁ' ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କର କାବ୍ୟଯାତ୍ରା। ନାନା ରୂପ ଓ ରଙ୍ଗରେ ସେ ସଜାଇଛନ୍ତି କବିତାକୁ, ଦେଇଛନ୍ତି ନୂଆମୋଡ଼, ନୂଆ ଦିଶା। ନିଜର ପ୍ରଜ୍ଞା ଓ ପ୍ରତିଭାରେ ପ୍ରଭାବିତ କରିଛନ୍ତି କବିତାର ଆକାଶକୁ।

୧୯୭୫ ମସିହା। ଭଦ୍ରକ କଲେଜରେ ଅନର୍ସ ପଢ଼ିଲାବେଳେ ରମାକାନ୍ତ ମନେ ଜାଗୃତି ଧରିଥିଲେ। ସେତେବେଳେ 'କେତେଦିନର' (୧୯୬୨), 'ଅନେକ କୋଠରି' (୧୯୬୭), 'ସନ୍ଦିଗ୍ଧ ମୃଗୟା' (୧୯୭୧) ପ୍ରକାଶ ପାଇ ସାରିଥିଲା। ସମ୍ପୂର୍ଣ୍ଣ ନୂଆ ଧରଣର। ଅନ୍ୟମାନଙ୍କ କବିତାଠାରୁ ଲାଗୁଥିଲା ସେ ସବୁ କବିତା। ତାଙ୍କର ଶୈଳୀ ବେଶୀ ଛୁଉଁଥିଲା ହୃଦୟକୁ। ତାହାହିଁ ଥିଲା ତାଙ୍କର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ। ସାଲନ୍ଦୀର ନଈପଠାରେ ଜହ୍ନରାତିରେ ସତୀର୍ଥମାନଙ୍କ ସହ 'ଚନ୍ଦ୍ରମାର ରୁଟି', 'ଜହ୍ନରାତି'ର ପଂକ୍ତିକୁ କେତେଥର ଯେ ଆବୃତ୍ତି କରିଛି ତା'ର ହିସାବ ନାହିଁ। ପରେପରେ ଏମ୍.ଏ.ରେ ଆଧୁନିକ ସ୍ପେଶାଲ ପଢ଼ିଲାବେଳେ ପୁନଶ୍ଚ ତାଙ୍କ କବିତା 'ସପ୍ତମଋତୁ' (୧୯୭୭) ସହ ଭେଟ। ଶ୍ରେଣୀକକ୍ଷରେ, ସମ୍ପାଦନରେ ଆଲୋଚନାରେ ତାଙ୍କ କବିତା ସହ ଅନ୍ତରଙ୍ଗତା। ସେ ଥିଲେ ମୋର ଅନ୍ୟତମ ପ୍ରିୟ କବି। ତାଙ୍କ କବିତା ସେଦିନ ମତେ ବିହ୍ୱଳ ଓ ବିଭୋର କରିଥିଲା। ରମାକାନ୍ତ ଥରେ କହିଥିଲେ, "କୋମଳତା, ଆବେଗ ଓ ଭାବପ୍ରବଣତାକୁ ନେଇ କବିତା ଗଢ଼ାଯାଏ। କବିତା ଗଢ଼ାଯାଏ ନାହିଁ ବରଂ ଏହା ଆପଣାଛାଏଁ ଉତୁରିଆସେ। ପ୍ରତ୍ୟେକ ଭଲ କବିତା ସେଇଦୃଷ୍ଟିରୁ ଗୋଟିଏ ଗୋଟିଏ ସ୍ମରଣୀୟ ବହୁତ୍ୟ।" ସେ ଥିଲେ ଶବ୍ଦର ଯାଦୁକର। ଭାବର ଈଶ୍ୱର। ଆଧୁନିକ ଓଡ଼ିଆ କବିତାର ଅନନ୍ୟ ରୂପକାର। ତାଙ୍କର ଶୈଳୀ ଥିଲା ବିରଳ ଓ ସ୍ୱତନ୍ତ୍ର। ଅସରନ୍ତି ଅସହାୟତାର ରହସ୍ୟମୟ ଅଭିବ୍ୟକ୍ତି ପାଠକର ସମ୍ବେଦନ ବୃଷ୍ଟି ଆକର୍ଷଣ କରିବାକୁ ଥିଲା ସକ୍ଷମ। ତାଙ୍କର ଅଧିକାଂଶ କବିତା କେବଳ ଅଭିଭୂତ କରେନାହିଁ, ଯୁଗପତ୍ ଆନନ୍ଦ ଓ ବିସ୍ମୟ ସୃଷ୍ଟିକରେ ମନରେ। ଅନାୟାସ ଭାବରେ କାହାଣୀକୁ କବିତା ଓ କବିତାକୁ କାହାଣୀ କରିବାର ଚମତ୍କାରିତା, ସ୍ୱପ୍ନ ଓ ବାସ୍ତବତାର ବିହ୍ୱଳ ବିଭୋରପଣକୁ ରମାକାନ୍ତ ଯେପରି ପରଶି ଦିଅନ୍ତି ତାହା ସତରେ ଈର୍ଷଣୀୟ।

ମୋର ମନେହୁଏ ପ୍ରକୃତରେ ସେ ଥିଲେ 'ଶ୍ରୀରାଧା'ର କବି। ରମାକାନ୍ତ ଅନ୍ୟ କିଛି ନ ଲେଖି କେବଳ 'ଶ୍ରୀରାଧା' ଲେଖିଥିଲେ, ତାଙ୍କର କବିଯଶ ଓ ଖ୍ୟାତି କିଛି କମିଯାଇ ନ ଥାନ୍ତା। ପ୍ରେମ ଓ ମୃତ୍ୟୁର ଲୁଚକାଳି ଖେଳ ଭିତରେ ଆନନ୍ଦ ଓ ଆବେଗର ରସଘନ ଚିତ୍ର, ରହସ୍ୟମୟ ଅଭିବ୍ୟକ୍ତି 'ଶ୍ରୀରାଧା'କୁ କରିଛି ଶ୍ରେଷ୍ଠତମ। ମୋ ମତରେ ରମାକାନ୍ତ କେବଳ ପ୍ରେମ ଓ ମୃତ୍ୟୁର କବି ନ ଥିଲେ। ସେ ଥିଲେ ଶେଷହୀନ ଶୋଷ ଓ ଅନ୍ତହୀନ ଅବସୋସର କବି। ପ୍ରେମ, ମୃତ୍ୟୁ, ଅସହାୟତା, ଅବସୋସ, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ସ୍ୱାଦ, କାମ, ଆନନ୍ଦ ଓ ବିଷାଦର ଅନ୍ତରଙ୍ଗ ଅନୁଭବରେ ତାଙ୍କ କବିତା ଥିଲା ଝଲମଲ ଦୀପ୍ତିମନ୍ତ। ଆଜି ସେ ଆମ ଗହଣରେ ନାହାନ୍ତି। କିନ୍ତୁ ଯେତେଦିନ ଓଡ଼ିଆ ଭାଷା ଥିବ ତାଙ୍କ କବିତାର ଗୁଞ୍ଜରଣ ସ୍ୱର ଶୁଭୁଥିବ, କାଳକାଳ... ଚିରକାଳ।

ମୋ: ୭୮୯୪୨୫୬୪୧୨

**ଛାତ୍ରୀଙ୍କୁ ଅପହରଣ ଅଭିଯୋଗ**

ବଇଣ୍ଡା,(ପରିକ୍ଷିତ ସାହୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ସମ୍ପୃକ୍ତା ଛାତ୍ରୀଙ୍କ ମା' ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୧୪/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଛାତ୍ରୀ ଜଣକ ବିଦ୍ୟାଳୟକୁ ଯାଇଥିବାବେଳେ ତାଙ୍କୁ କେହି ଅପହରଣ କରିନେଇଛନ୍ତି। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ପରିବାର ପକ୍ଷରୁ ଏତଲା ଦିଆଯାଇଛି।

# ପ୍ରମୁଖ ଶକ୍ତିପୀଠରେ ମାନ୍ୟତା ପାଇଛି ମା' ହିଙ୍ଗୁଳାଙ୍କ ପୀଠ



ହିଙ୍ଗୁଳା ଲୋକ ମହୋତ୍ସବର ୭ମ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ହିଙ୍ଗୁଳା ଲୋକ ମହୋତ୍ସବ**

ତାଳଚେର,୧୮।୪(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଚାଲିଥିବା ନବଦିନାତ୍ମକ ଲୋକ ମହୋତ୍ସବର ସପ୍ତମ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲାପାଳ ସମୀର କୁମାର ଜେନା ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ତାଳଚେର ଥର୍ମାଲ ପାୱାର ଷ୍ଟେଶନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ, ଅତିରିକ୍ତ ମହାପ୍ରବନ୍ଧକ(ମାନବ ସମ୍ବଳ) ରୋହିତ କୁମାର ଓ ଅତିରିକ୍ତ ମହାପ୍ରବନ୍ଧକ ଦେବବ୍ରତ ତ୍ରିପାଠୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲାପାଳ କହିଥିଲେ, ମା' ହିଙ୍ଗୁଳାଙ୍କ ଏହି ପୀଠ ସମଗ୍ର ବିଶ୍ୱରେ ଏକ ପ୍ରମୁଖ ଶକ୍ତିପୀଠର ମାନ୍ୟତା ହାସଲ କରିଛି। ପାକିସ୍ତାନର ବେଲୁଚିସ୍ଥାନରେ ମା'ାଙ୍କ ମନ୍ଦିର ଥିବାବେଳେ ହିମାଚଳ ପ୍ରଦେଶ, ମସୁରୀ, ଉତ୍ତରାଖଣ୍ଡରେ ମା' ଜ୍ୱାଳା ଭାବରେ ପୂଜା ପାଉଛନ୍ତି। ମା' ହିଙ୍ଗୁଳାଙ୍କ ପୀଠରେ ନିର୍ମାଣ ହୋଇଥିବା ସାଂସ୍କୃତିକ ମଣ୍ଡପ, ଅଡିଟୋରିୟମକୁ ଶୀଘ୍ର ଉଦ୍‌ଘାଟନ କରାଯିବ। ଏହାପରେ କଣ୍ଢେଇ ନୃତ୍ୟ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ସଞ୍ଜୀବ ପଟ୍ଟନାୟକ ଓ ସୁନନ୍ଦା ନାୟକ ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଡେପୁଟି କଲେକ୍ଟର ମାନସ ମୋହନ ସେଠ, ସହକାରୀ ଜିଲାପାଳ ନାରାୟଣ ସେଠୀ, ପୁଷ୍ପିତା ମଧୁମତୀ ଦେହୁରୀ, ଖାଦ୍ୟ ଯୋଗାଣ ଅଧିକାରୀ ଲିପ୍‌ସାରାଣୀ ରାଉତଙ୍କ ସମେତ ଟ୍ରଷ୍ଟବୋର୍ଡ ସଦସ୍ୟ ରାଜେନ୍ଦ୍ର ସିଂହ, ମୁରଲୀଧର ସାହୁ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ, ଅରୁଣ କୁମାର ପ୍ରଧାନ, ସନ୍ତୋଷ ପ୍ରଧାନ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଅଚଳ ସିସି କ୍ୟାମେରା ମରାମତି ହେଉନି

ବଇଣ୍ଡା, ୧୮।୪ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡାଠାରେ ଲାଗିଥିବା ୧୦ଟି ସିସି କ୍ୟାମେରା ବର୍ଷେ ହେବ ଅଚଳ ଥିଲେ ହେଁ ମରାମତି ହେଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ପୂର୍ବରୁ ଜିଲା ଏସ୍‌ପିଙ୍କୁ ଅଭିଯୋଗ କରାଯାଇଥିବା ବେଳେ ଶୁକ୍ରବାର ବଇଣ୍ଡା ଅଞ୍ଚଳବାସୀ ଜିଲାପାଳଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଗ୍ରାମବାସୀ କହିଛନ୍ତି, ବଇଣ୍ଡାରେ ରେଳ ଷ୍ଟେଶନ ଥିବା ଯୋଗୁ ଅଞ୍ଚଳରେ ସର୍ବଦା ଗହଳି ଲାଗି ରହୁଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ବିଭାଗ ପକ୍ଷରୁ ୧୦ଟି ସ୍ଥାନରେ ସିସି କ୍ୟାମେରା ଲଗାଯାଇଥିଲା। ହେଲେ ବର୍ଷେ ହେବ ସେସବୁ ଅଚଳ ହୋଇପଡ଼ିଥିଲେ ହେଁ ମରାମତି କରାଯାଉ ନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ହଣ୍ଡପା ଆଇଆଇସି ନମିତା ନାୟକ କହିଛନ୍ତି, ସିସି କ୍ୟାମେରାଗୁଡ଼ିକ ମରାମତି କରାଯିବା ପାଇଁ ପଦକ୍ଷେପ ନିଆଯିବ।

# ବିଷୁବ ଉତ୍ସବ, କର୍ମକର୍ତ୍ତା ମନୋନୟନ



କାର୍ଯ୍ୟକ୍ରମରେ ମଞ୍ଚାସୀନ କଳାକାର ଓ କର୍ମକର୍ତ୍ତାମାନେ।

ବଁଅରପାଳ,୧୮।୪(ସୁବାସ ସାହୁ)

ବଁଅରପାଳ ବ୍ଲକ ନାଲ୍‌କୋନଗରସ୍ଥିତ ସେବା ଓ ସାଂସ୍କୃତିକର ଅଗ୍ରଣୀ ଅନୁଷ୍ଠାନ ସାରେଗାମାର ୩୫ ତମ ବାର୍ଷିକ ବିଷୁବ ଉତ୍ସବ ତଥା ଓଡ଼ିଆ ନବବର୍ଷ ଆର୍ଯ୍ୟବ୍ରତ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାଲ୍‌କୋର ସମୂହ ମହାପ୍ରବନ୍ଧକ ସକିଲୁର ରହେମନ, ସମ୍ମାନିତ ଅତିଥି ଭାବେ ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟର ସମୂହ ମହାପ୍ରବନ୍ଧକ (ପ୍ରୋଜେକ୍ଟ) ଅମରେନ୍ଦ୍ର ମିଶ୍ର, ସମୂହ ମହାପ୍ରବନ୍ଧକ (ସିପିପି) ସତ୍ୟବାଦୀ ମିଶ୍ର, ସମୂହ ମହାପ୍ରବନ୍ଧକ (ମାନବ ସମ୍ବଳ) ଶୁଭେନ୍ଦୁ କୁମାର ନାୟକ, ସମୂହ ମହାପ୍ରବନ୍ଧ (ଓ ଆଣ୍ଡ ଏମ - କାଷ୍ଟ ହାଉସ) ଦିଲୀପ କୁମାର ବାଗ, ସମୂହ ମହାପ୍ରବନ୍ଧ (ଓ ଆଣ୍ଡ ଏମ - କାର୍ବନ ପ୍ଲାଣ୍ଟ) ଅକ୍ଷୟ କୁମାର ବେହେରା, ସମୂହ ମହାପ୍ରବନ୍ଧକ (ମାଇନ୍ସ) ଡ. ଆଶୁତୋଷ ରାଉଳ, କମାଣ୍ଡାଣ୍ଟ (ସିଆଇଏସଏଫ) ଜି.ଏମ୍. ଆନସାରୀ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ଅତିଥି ରଞ୍ଜନ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇଥିଲା। ସଭାପତି ଅମରେନ୍ଦ୍ର ମିଶ୍ରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପସଭାପତି କିଶୋର କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ସମାଜସେବା କ୍ଷେତ୍ରରେ ଶେଷ ଜୀବନର ସାଥୀ ସଙ୍ଗଠନକୁ ସମ୍ମାନିତ କରାଯାଇଥିଲା। ଏଥିସହ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଏହି ଅବସରରେ ନାଟକ ପରିବେଷଣ କରାଯାଇଥିଲା। ଅଜୟ ମହାରଣା, ତପନ ମିଶ୍ର, ପ୍ରଦୀପ୍ତ ସାହୁ, ଭବେଶ ସେଠ, ଜିତେନ୍ଦ୍ର ଆଲୁକ, ସୁକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅବିନାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ ମାସ ହେଲା ଜିଲା ଚିକିତ୍ସାଳୟ ଜନଔଷଧି କେନ୍ଦ୍ର ବନ୍ଦ

ଅନୁଗୋଳ,୧୮।୪(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଥିବା ଜନଔଷଧି କେନ୍ଦ୍ର ୫ ମାସ ହେବ ବନ୍ଦ ରହିଛି। ଔଷଧ ଆଉ କିଣା ଯାଇ ନ ଥିବାରୁ ଦୈନିକ ପ୍ରାୟ ୨ ଶହ ରୋଗୀ ଔଷଧ ନ ପାଇ ନିରାଶ ହୋଇ ଫେରୁଛନ୍ତି। ଏଥିସହ ନିକଟତମ ଘରୋଇ ଜନଔଷଧି ଷ୍ଟୋର ମେଡିକାଲ ଠାରୁ ପ୍ରାୟ ୧ କି.ମି. ଦୂର ହୋଇଥିବାରୁ ଗରିବ ରୋଗୀ ହଇରାଣ ହେଉଛନ୍ତି। ଏପରି କି ୫୦ ଟଙ୍କାର ଔଷଧ ପାଇଁ ୧୦୦ ଟଙ୍କା ଅଟୋ ଭଡ଼ା ଦେବାକୁ ପଡୁଛି। ୫ ମାସ ପୂର୍ବରୁ ଷ୍ଟୋର ପାଇଁ ଔଷଧ କିଣିବାକୁ ମେଡିକାଲରୁ ଜିଲା କାର୍ଯ୍ୟାଳୟ ଯାଏ ଫାଇଲ ଯାଇଥିଲା। ନିଜ ଔଷଧ କିଣାର ବ୍ୟବସ୍ଥା ନିଜେ କରିବାକୁ ଜିଲା ପ୍ରଶାସନ ମେଡିକାଲକୁ ନିର୍ଦ୍ଦେଶ ଦେଇଥିଲା। ଏହାପରେ ଜିଲା ଚିକିତ୍ସାଳୟ କର୍ତ୍ତୃପକ୍ଷ ନୀରବ ହୋଇ ବସିଯିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଜନଔଷଧି ଷ୍ଟୋର ଏଣିକି କିଏ ପରିଚାଳନା କରିବ ସେନେଇ କୌଣସି ନିଷ୍ପତ୍ତି ହୋଇ ନ ପାରିବାରୁ ଔଷଧ କିଣାଯାଇ ପାରୁନାହିଁ। ଏଣେ ୩ ଜଣ ଫାର୍ମାସିଷ୍ଟ ବସି ବସି ଦରମା ନେଉଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭୂମିପୂଜନ

ପବିତ୍ରନଗର,୧୮।୪(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ସମଲ ପଞ୍ଚାୟତ ସମଲ ଗ୍ରାମରେ ଜିନ୍ଦଲ ଫାଉଣ୍ଡେଶନ ତରଫରୁ ସିଏସ୍‌ଆର୍ ଯୋଜନାରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜେଏସ୍‌ପି ଅନୁଗୋଳର ସିଏସ୍‌ଆର୍ ମୁଖ୍ୟ ଜୟନ୍ତ କୁମାର ମହାନ୍ତି, ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, ସମଲ ଗ୍ରାମ ସଭାପତି ତୋଷମଣି ସାହୁ ଉପସ୍ଥିତ ଥିଲେ। ପ୍ରଥମେ ସମଲ ସରସ୍ୱତୀ ଶିଶୁ ମନ୍ଦିରର ନୂତନ ଶ୍ରେଣୀଗୃହ ଓ ଅନ୍ୟାନ୍ୟ ଉନ୍ନତୀକରଣ କାର୍ଯ୍ୟକ୍ରମର ଭୂମିପୂଜନ କରାଯାଇଥିଲା। ପରେ ତ୍ରିବେଣୀ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ଅନ୍ନପ୍ରସାଦ ମଣ୍ଡପ ଓ ଅନ୍ୟାନ୍ୟ ଉନ୍ନତିମୂଳକ ପ୍ରକଳ୍ପର ଭୂମିପୂଜନ କରାଯାଇଥିଲା। ଶେଷରେ ସମଲ ପଞ୍ଚାୟତ ଅଫିସ ଠାରେ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ନୂତନ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ କରାଯାଇଥିଲା। ପୂର୍ବତନ ସରପଞ୍ଚ କୁବେର ସାହୁ, ବିଜୟ ପ୍ରଧାନ, ବିରୁ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ପଞ୍ଚାୟତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଅତିଥିମାନେ ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଜିଲା ଭାଜପା

**ଜାତୀୟ ରାଜପଥ ଚାରି ଲାଇନ ଶିଳାନ୍ୟାସ**

ଅନୁଗୋଳ,୧୮।୪(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାର ବଁଅରପାଳ ଠାରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ୧୭ କିଲୋମିଟର ରାସ୍ତା (ଏନ୍‌ଏଚ୍ ୫୩ ଓ ୧୪୯)ର ଚାରି ଲାଇନ କାର୍ଯ୍ୟ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିପାଇଁ ଅନୁଗୋଳ ଜିଲା ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି। ଭାଜପା ପକ୍ଷରୁ କୁହାଯାଇଛି, ଉକ୍ତ ରାଜପଥରେ ଦୈନିକ ସହସ୍ରାଧିକ ଗାଡ଼ି ଚଳାଚଳ କରୁଥିବା ବେଳେ ସାଧାରଣ ଲୋକେ ରାସ୍ତାର ଉନ୍ନତି ପାଇଁ ଦୀର୍ଘବର୍ଷ ଧରି ଆନ୍ଦୋଳନ କରି ଆସୁଥିଲେ। ଉକ୍ତ ରାସ୍ତା ୪ ଲାଇନ କରିବା ପାଇଁ ଶିଳାନ୍ୟାସ ହୋଇଥିବାରୁ ସମଗ୍ର ଅଞ୍ଚଳବାସୀ ଆନନ୍ଦ ପ୍ରକଟ କରିଛନ୍ତି। ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଏନ୍‌ଏସ୍‌ଆଇସି ଡାଇରେକ୍ଟର କାଳନ୍ଦୀ ସାମଲ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ସାଏ, ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକଙ୍କ ସମେତ ଭାଜପାର କାର୍ଯ୍ୟକର୍ତ୍ତାମାନେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି ବୋଲି ପ୍ରେସ୍ ବାର୍ତ୍ତା ମାଧ୍ୟମରେ ପ୍ରକାଶ କରିଛନ୍ତି।

# ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ତିରୋଧାନ ଦିବସ

ପବିତ୍ରନଗର,୧୮।୪(ନିରୋଜ ପ୍ରଧାନ)

କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବୁରୁକୁନା ପଞ୍ଚାୟତ ମହୀଧରପୁରରେ ଥିବା ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ଠାରେ ମାଲ୍ୟାର୍ପଣ କରାଯାଇଥିଲା। ପାଲଲହଡ଼ା ପୂର୍ବତନ ବିଧାୟକ ମୁକେଶ କୁମାର ପାଲଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ୧୦ନଂ. ଜୋନ ବିଜୁ ଜନତା ଦଳ ତରଫରୁ ଏହା ପାଳନ କରାଯାଇଥିଲା। ବିଜେଡି ନେତା କୈଳାଶ ଚନ୍ଦ୍ର ସାହୁ, ପର୍ଶୁରାମ ବିଶ୍ୱାଳ, ଭକ୍ତରତନ ସାହୁ, ପଞ୍ଚାୟତ ସଭାପତି ତପନ ବେହେରା, ଦେବରାଜ ପ୍ରଧାନ, ବହୁ ଯୁବ ଛାତ୍ର ଓ ବିଜେଡି ନେତା ଯୋଗ ଦେଇଥିଲେ। ସେହିପରି ରେଙ୍ଗାଳି ଠାରେ ପ୍ରବାଦ ପୁରୁଷଙ୍କ ତିରୋଧାନ ଦିବସ ପାଳିତ ହୋଇଥିଲା। ବ୍ଲକ ବିଜେଡି ସାଧାରଣ ସମ୍ପାଦକ ହିମାଞ୍ଚଳ ପଣ୍ଡା, ବଜ୍ରକୋଟ ସରପଞ୍ଚ ପ୍ରଦୀପ ସାହୁ, ରେଙ୍ଗାଳି ସମିତି ସଭ୍ୟ ଦେବାଶିଷ ମହାନ୍ତି, ପ୍ରଦୀପ କୁମାର ଦାସ, ପ୍ରମୋଦ ସାମଲ, ପୂର୍ଣ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାକୁଡିଆ ଠାରେ ମଧ୍ୟ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ସାହୁ, ବାବୁଲା ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ।

# ୩ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ ଦାବି



ବନ୍ତଲା ଥାନା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଅନୁଗୋଳ ଜିଲା କଂଗ୍ରେସ ନେତା।

**ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲା**

ବନ୍ତଲା,୧୮।୪ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳରେ ଗତ ୭ ତାରିଖରେ ଜଣେ ୭ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲେ ହେଁ ଶିଶୁକନ୍ୟାଙ୍କ ଅବସ୍ଥା ଗୁରୁତର ହେବାରୁ ଗତ ୧୬ ତାରିଖରେ ଏ ନେଇ ବନ୍ତଲା ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଶିଶୁକନ୍ୟାଙ୍କ ବୟାନ ରେକର୍ଡ ସହ ଡାକ୍ତରୀ ମାଇନା କରାଇଛି। ତେବେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ଶୁକ୍ରବାର ଜିଲା କଂଗ୍ରେସ କମିଟି ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ବନ୍ତଲା ଥାନା ଅଧିକାରୀ ନଟବର ନନ୍ଦଙ୍କୁ ଭେଟି ଆଲୋଚନା କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, ପୀଡ଼ିତାଙ୍କୁ ସୁରକ୍ଷା, ଉପଯୁକ୍ତ କ୍ଷତିପୂରଣ ତଥା ଜିଲା ପ୍ରଶାସନ ତରଫରୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ଜିଲା କଂଗ୍ରେସ ସଭାପତି ଦାବି କରିଛନ୍ତି। ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ କଲେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଜିଲା କଂଗ୍ରେସ ସଭାପତି ଚେତାବନୀ ଦେଇଛନ୍ତି। ଏହି ସାକ୍ଷାତ ସମୟରେ ଜିଲା କଂଗ୍ରେସ କମିଟି ତରଫରୁ ପ୍ରଫୁଲ୍ଲ ଦାସ, ବନବିହାରୀ ପ୍ରଧାନ, ମନ୍ଦର ପ୍ରଧାନ, ହେମନ୍ତ ମାହାଳିକ, ପିଣ୍ଟୁ ପ୍ରଧାନ, ସାହିଲ ପ୍ରଧାନ, କୁନା ସିଂ, ନୁକେଇ ସାହୁ, ବିଶ୍ୱଜିତ ସାହୁ, ରବି ନାଏକ, ରବି ନାରାୟଣ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଭାଜପାର ସକ୍ରିୟ ସଦସ୍ୟ ସମ୍ମିଳନୀ




ସକ୍ରିୟ ସଦସ୍ୟ ସମ୍ମିଳନୀରେ ବିଧାୟକଙ୍କ ସହ ଭାଜପା ନେତୃବୃନ୍ଦ।

ଅନୁଗୋଳ,୧୮।୪(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ସକ୍ରିୟ ସଦସ୍ୟ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଯଯାତି ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ପାଇଁ ବିକଶିତ ଅନୁଗୋଳ ଗଠନ କରିବା ଦିଗରେ ସବୁ କ୍ଷେତ୍ରରେ କାର୍ଯ୍ୟ ଜାରି ରହିଛି ବୋଲି କହିଥିଲେ। ଦିଲୀପ ପ୍ରଧାନ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ରହି ଦଳର ସଙ୍ଗଠନ କିପରି ଆହୁରି ସୁଦୃଢ଼ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଭାଜପା ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ ଯୋଗଦେଇ ସାଙ୍ଗଠନିକ ଆଲୋଚନା କରିଥିଲେ। ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଭାଜପା ନେତା ତଥା ପୂର୍ବତନ ନଗରପାଳ ଭକ୍ତିପ୍ରସାଦ ଦାସ, କାର୍ଯ୍ୟକ୍ରମର ସଂଯୋଜକ ତଥା ଓବିସି ମୋର୍ଚ୍ଚା ଜିଲା ସଭାପତି ସରୋଜ ଜେନା, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ବେହେରା, ମୀରା ଗଡ଼ନାୟକ, ଦଳର ନେତୃମଣ୍ଡଳୀ, ମଣ୍ଡଳ ସଭାପତି, ସରପଞ୍ଚ, ସମିତି ସଭ୍ୟ ଓ ସକ୍ରିୟ ସଦସ୍ୟମାନେ ଯୋଗଦେଇଥିଲେ।

# ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥ

ଛେଣ୍ଡିପଦା,୧୮।୪(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଛେଣ୍ଡିପଦା ବିଜେଡି ପକ୍ଷରୁ କୋଶଳା ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲାପରିଷଦ ସଦସ୍ୟ ପ୍ରଦୀପ ସାହୁ ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଦଳର ବରିଷ୍ଠ କର୍ମକର୍ତ୍ତା ବିଜୁବାବୁଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥ ନେଇଥିଲେ। ସରପଞ୍ଚ ବାବୁଲି ପ୍ରଧାନ, ଅମରେଶ ନାଥ, ରାମଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ଅନିଲ ମାଝୀ, ବିଜୟ କୁମାର ଗଡ଼ନାୟକ, ପ୍ରଦୀପ କୁମାର ଗଡ଼ନାୟକ, ଓକିଲ ସଂଘ ପୂର୍ବତନ ସଭାପତି ନଗେନ୍ ନନ୍ଦ, ସୁଶାନ୍ତ ସାହୁ, ଅମ୍ବିକା ବେହେରା, ସନ୍ତୋଷ ଦେହୁରୀ, ରଞ୍ଜନ କୁମାର ସାହୁ, ବହୁ ନିର୍ବାଚିତ ଜନପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

# କଂଗ୍ରେସର ମଶାଲ ଯାତ୍ରା

ଆଠମଲ୍ଲିକ,୧୮।୪ (ଉଦିପ୍ତ ପୁରୋହିତ)

ନାରୀ ସୁରକ୍ଷା, ନାରୀ ନିର୍ଯାତନା ଓ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଆଠମଲ୍ଲିକ ନଗର କଂଗ୍ରେସ ତରଫରୁ ମଶାଲ ଶୋଭାଯାତ୍ରାରେ ଅନୁଷ୍ଠିତ ହୋଇଯାଇଛି। ମା' ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନ ଓ ବରିଷ୍ଠ ନେତା ବିଜୟାନନ୍ଦ ଚାଉଳିଆଙ୍କ ନେତୃତ୍ୱରେ ବାହାରିଥିବା ଏହି ଶୋଭାଯାତ୍ରାରେ ଶତାଧିକ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ବିଭିନ୍ନ ନାରାଦେଇ ମଶାଲ ଧରି ସହର ପରିକ୍ରମା କରିଥିଲେ। ବିଶେଷକରି ରାଜ୍ୟ ସରକାରଙ୍କ ନାରୀ ନିର୍ଯାତନା ପ୍ରତି ଉଦାସୀନ ନୀତି ବିରୁଦ୍ଧରେ ସ୍ଲୋଗାନ ଦିଆଯାଇଥିଲା। ଏହି ଶୋଭାଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା ରମାନନ୍ଦ ପାଣିଗ୍ରାହୀ, ପ୍ରଦୀପ ପ୍ରଧାନ, ବଳଦେବ ମହାପାତ୍ର, ସରୋଜ ମହାକୁଡ଼, ଅଜିତ ମହାନ୍ତି, ବୈଲୋଚନ ପ୍ରଧାନ, ଅନାମ ଚରଣ ସ୍ୱାଇଁ, ସଞ୍ଜୟ ପ୍ରଧାନ, କୁନା ରଥ, କୈଳାଶ ମହାକୁଡ଼, ଜୟଲାଲ ବିଶ୍ୱାଳ, ଭବାନୀ ବଘାର, ସୁନୀଲ ପ୍ରଧାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ

ସନ୍ଦିଛକ, ୧୮।୪ (ସନ୍ତୋଷ ପରିଡ଼ା)

ବଁଅରପାଳ ବ୍ଲକ ପିବିକେ ହାଇସ୍କୁଲଠାରେ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ବଁଅରପାଳ ଅଗ୍ନିଶମ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ମକଡ୍ରିଲ କରାଯାଇ ଅଗ୍ନିଶମ ବାହିନୀର ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପିଲାମାନେ କିପରି ସାହସର ସହିତ ନିଆଁକୁ ଆୟତ୍ତ କରିବେ ତାହାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଁଅରପାଳ ଦମକଳ କେନ୍ଦ୍ରର ଅଧିକାରୀ କରୁଣା କର ସାମଲ, ହାବିଲଦାର ଦିଲୀପ କୁମାର ଦେହୁରୀ, ଆଗ୍ନିକ ପ୍ରଶାନ୍ତ ନନ୍ଦ ଧଳ, ମାନସ ରଞ୍ଜନ ବେହେରା, ସୁନୀଲ ସାହୁ, ଗାଡ଼ି ଚାଳକ ପାବିତ ଓ ବଁଅରପାଳ ପିବିକେ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।



ଅଗ୍ନିଶମ ବିଭାଗ ପକ୍ଷରୁ କୌଶଳ ପ୍ରଦର୍ଶନ କରାଯାଉଛି।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ପାଲଲହଡ଼ା,୧୮।୪(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ସଦର ମହକୁମାଠାରେ ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ ତମ ତିରୋଧାନ ଦିବସ ବିଜେଡି ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ନଗର ପରିକ୍ରମା କରାଯାଇଥିଲା। ଶେଷରେ ଏକ ସାଧାରଣ ସଭା ଆୟୋଜନ କରାଯାଇ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ବଲାଙ୍ଗୀରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଜାଳିଦେବା ଘଟଣାକୁ ଉପସ୍ଥିତ ବିଜୁପ୍ରେମୀ ଦୃଢ଼ ନିନ୍ଦା କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ମୁକେଶ କୁମାର ପାଲ, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ବ୍ଲକ ସଭାପତି ଗଙ୍ଗାଧର ଜିତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ଜିଲାପରିଷଦ ସଦସ୍ୟ ବୁଦ୍ଧିରାମ ବୋଇପାଇଙ୍କ ସମେତ ବହୁବିଜେଡିନେତା ଓ କର୍ମୀ ଉପସ୍ଥିତ ଥିଲେ।

# ମଶାଲ ଶୋଭାଯାତ୍ରା ସଫଳ କରିବାକୁ ସହଯୋଗ କାମନା



ପ୍ରସ୍ତୁତି ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଅନୁଗୋଳ,୧୮।୪(ମାନସ ବିଶ୍ୱାଳ)

ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଗୋଳ ଷ୍ଟାଡିୟମଠାରେ ଜିଲା ମହୋତ୍ସବ ଆୟୋଜିତ ହେବ। ଏହା ପୂର୍ବରୁ ମଶାଲ ଶୋଭାଯାତ୍ରା ୨୨ ତାରିଖରେ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ ଅନୁଗୋଳ ଉପଜିଲାପାଳ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପଜିଲାପାଳ ମଶାଲ ଶୋଭାଯାତ୍ରାରେ ସମ୍ପୃକ୍ତ ଥିବା ବିଭିନ୍ନ ବିଭାଗର ଦାୟିତ୍ୱ ଓ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବା ସହ ମଶାଲ ଶୋଭାଯାତ୍ରାକୁ ସଫଳ ରୂପାୟନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ପ୍ରକାଶଥାଉ କି, ଏହି ମଶାଲ ଶୋଭାଯାତ୍ରା ଜିଲାର ୪ଟି ସ୍ଥାନ ପାଲଲହଡ଼ାର ଖୁଲୁଡ଼ି ଶୈବ ପୀଠ, ଆଠମଲ୍ଲିକର ଦେଉଲଝରୀ, ଟିକରପଡ଼ାର ଶିବ ମନ୍ଦିର ଓ ପୁରୁଣାଗଡ଼ର ଜଗନ୍ନାଥ ମନ୍ଦିର, ଛେଣ୍ଡିପଦାର ବାୟାଣୀ ପୀଠରୁ ଆସି ବିଭିନ୍ନ ବ୍ଲକ ପରିକ୍ରମା କରି ସେହିଦିନ ତାଳଚେରସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଏକତ୍ରିତ ହୋଇ ଶୈଳଶ୍ରୀକ୍ଷେତ୍ର ମନ୍ଦିର ଠାରେ ସ୍ଥାପିତ ହେବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱ ଭୂଷଣ, ତହସିଲଦାର ଆଲୋକ କୁମାର ଦେହୁରୀ, ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ଡେପୁଟି କଲେକ୍ଟର ସ୍ୱାହା ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# କେନ୍ଦୁଝରରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ପୋଷାକ ୟୁନିଟ୍

ଭୁବନେଶ୍ୱର,୧୮।୪ (ଅଭୟ ଦାଶ)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଏକ ଅତ୍ୟାଧୁନିକ ପୋଷାକ ୟୁନିଟ୍ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଯାତ୍ରା ଗ୍ରାମରେ ଆରମ୍ଭ ହେବାକୁ ଯାଉଛି। ଏପରିକି କମ୍ପାନୀର କର୍ପୋରେଟ ସୋସିଆଲ ରେସ୍ପନ୍ସିବିଲିଟି (ସିଏସ୍ଆର) କାର୍ଯ୍ୟକ୍ରମ 'ନିର୍ମାଣ' ପ୍ରକଳ୍ପ ଅଧୀନରେ ଗନ୍ଧମାର୍ଦ୍ଦନ ପୋଷାକ ପ୍ରସ୍ତୁତି କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଅପରପକ୍ଷରେ ଏହି ପୋଷାକ କେନ୍ଦ୍ର ଗନ୍ଧମାର୍ଦ୍ଦନ ପୋଷାକ କୃଷକ ଉତ୍ପାଦନ କମ୍ପାନୀ(ଏଫପିସି)କୁ ଅଧିକ ଜୀବିକା ସୁଯୋଗ ପ୍ରଦାନ କରିବ। ଯେଉଁଥିରେ ୮୦ଟି ଗ୍ରାମୀଣ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ୪୮୦ରୁ ଅଧିକ ମହିଳା ନିୟୋଜିତ ହୋଇଥାଆନ୍ତି। ଅପରପକ୍ଷରେ ଗ୍ରାମବାସୀ ଓ ଏଫପିସି ପକ୍ଷରୁ ଜମି ଯୋଗାଇ ଦିଆଯାଇଥିବାବେଳେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ବିଲ୍ଡିଂ କମ୍ପ୍ଲେକ୍ସ ନିର୍ମାଣ କରିବ। ଏହି ପ୍ରତିଷ୍ଠାନରେ ୭୫ଟି ସିଲେଇ ୟୁନିଟ୍ ଏବଂ ଷ୍ଟୋର, ଅଫିସ୍, ସେଲ୍ସ କାଉଣ୍ଟର, ବିଶ୍ରାମ କକ୍ଷ ଏବଂ ଶୌଚାଳୟ ଭଳି ପ୍ରମୁଖ ସୁବିଧା ସହ ବିଦ୍ୟୁତ୍ ଯୋଗାଣ ଏବଂ ଡିଜି ବ୍ୟାକ୍ ଅପ୍ ଭଳି ସୁବିଧା ମଧ୍ୟ ଉପଲବ୍ଧ। ଏପରିକି ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ପରେ ଏହି ଭିତ୍ତିଭୂମି କୃଷକ ଉତ୍ପାଦନ କମ୍ପାନୀକୁ



ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ପୋଷାକ ୟୁନିଟ୍‌କୁ ବିଧାୟକ ଡ. ଫକୀର ମୋହନ ନାୟକ ଆନୁଷ୍ଠାନିକଭାବେ ଫିତା କାଟି ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଧୀନରେ ସେମାନଙ୍କ କାର୍ଯ୍ୟକଳାପକୁ ବ୍ୟାପକ କରିବାରେ ସହାୟକ ହେବ। ଏହା ସଦସ୍ୟମାନଙ୍କୁ କାର୍ଯ୍ୟକ୍ଷମ ଉଦ୍ୟୋଗ ପ୍ରତିଷ୍ଠା, ସେମାନଙ୍କ ଜ୍ଞାନକୁ ସମୃଦ୍ଧ କରିବା ଏବଂ ସେମାନଙ୍କର ବାର୍ଷିକ ଆୟ ବୃଦ୍ଧି କରିବାରେ ସହାୟକ କରିବ। ଏହି ପରିପ୍ରେକ୍ଷୀରେ ଗନ୍ଧମାର୍ଦ୍ଦନ ପୋଷାକ ପ୍ରସ୍ତୁତ କେନ୍ଦ୍ରର ସଦସ୍ୟମାନେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ ତେଲକୋଇ ବିଧାୟକ ଫକୀର ମୋହନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଗ୍ରୀନ୍‌ଫିଲ୍ଡ ପ୍ରୋଜେକ୍ଟସ୍ ଓ ଇଭି ଏବଂ ଏଫ୍‌ସି ବିଭାଗ ମୁଖ୍ୟ ଟିଏସ୍ ସାନଭୋଗ,ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଟିଏସ୍‌ଏଫ୍, ପାଇପ୍ ଲାଇନ୍ ଏବଂ ସାଗାସାହି ପ୍ରକଳ୍ପ ମୁଖ୍ୟ ଶୈଳେନ୍ଦ୍ର ସାହାଙ୍କ ସମେତ କେନ୍ଦୁଝର ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍ଓ) ଏ.ଡ଼ି. ଧନରାଜ, ବାଂଶପାଳ ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡ଼ିଓ) ରାଜା ରଣଜିତ ପ୍ରସାଦ ବଳଙ୍କ ସମେତ ୫୦୦ରୁ ଅଧିକ ମହିଳା ଏସ୍‌ଏଚ୍‌ଜି ସଦସ୍ୟ ଏବଂ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଧାୟକ ନାୟକ କହିଥିଲେ, ଗ୍ରାମୀଣ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପାଇଁ ଜୀବିକା ଉତ୍ସ ବୃଦ୍ଧି ଏବଂ ଗୋଷ୍ଠୀକୁ ସହାୟତା କରିବା ପାଇଁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ସେ ପ୍ରଶଂସା କରିଥିଲେ। ସ୍କୁଲ ୟୁନିଫର୍ମ କିଣିବାରେ ସରକାରୀ ସହାୟତା ଯୋଗାଇଦେବେ ଏବଂ ଏହା ପୋଷାକ କେନ୍ଦ୍ରରେ କାମ କରୁଥିବା ମହିଳାମାନଙ୍କ ପାଇଁ ଅଧିକ ରୋଜଗାର ସୃଷ୍ଟି କରିବାରେ ସହାୟକ ହେବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।ଧନରାଜ କହିଛନ୍ତି, ଏହି ପୋଷାକ କେନ୍ଦ୍ର ନିର୍ମାଣରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ। ଏହା ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଏବଂ ଜୀବିକାର ଅଧିକ ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କ ଦକ୍ଷତା ବୃଦ୍ଧି, ବିବିଧ ଆୟ ଉତ୍ସ ଏବଂ ଦୀର୍ଘମିଆଦୀ ଆର୍ଥିକ ଏବଂ ସାମାଜିକ ସଶକ୍ତିକରଣକୁ ତ୍ୱରାନ୍ୱିତ କରିବ। ଟିଏସ୍ ସାନଭୋଗ କହିଛନ୍ତି, ଆମେ ଅର୍ଥପୂର୍ଣ୍ଣ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀକୁ ସଶକ୍ତ କରିବାରେ ବିଶ୍ୱାସ କରୁ, ଯାହା ଅଭିବୃଦ୍ଧି ପାଇଁ ଦୀର୍ଘସ୍ଥାୟୀ ସୁଯୋଗ ସୃଷ୍ଟି କରେ। ଗନ୍ଧମାର୍ଦ୍ଦନ ପୋଷାକ କେନ୍ଦ୍ର ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସେମାନଙ୍କର ସାମର୍ଥ୍ୟର ଉପଯୋଗ କରିବା ଏବଂ ସଫଳ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସହାୟତା କରିବା ଦିଗରେ ଏକ ବଡ଼ ପଦକ୍ଷେପ ହେବ। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର ପରିକଳ୍ପନାରେ ଯୋଗଦାନକରି ଆମେ ଗର୍ବିତ ଏବଂ କେନ୍ଦୁଝର ଓ ଏହା ବାହାରେ ଗୋଷ୍ଠୀମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ସହ ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ।

## ଇନ୍‌ଫିନିକ୍ସର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୮।୪

ଇନ୍‌ଫିନିକ୍ସର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନୋଟ୍ ୫୦ଏସ ୫ଜି+'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଭାରତର ସବୁଠାରୁ ପତଳା ସ୍ମାର୍ଟଫୋନ ଭାବେ ନୂଆ ଶିଳ୍ପ ମାନଦଣ୍ଡ ସ୍ଥିର କରିଥିବା ଏହି ଫୋନରେ ଏକ ୧୪୪ ଏଚ୍‌ଜେଡ୍ କର୍ଭଡ ଆମୋଲେଡ ଡିସ୍‌ପ୍ଲେ ରହିଛି। ସେହିଭଳି ଏହି ଫ୍ଲାଗସିପ ଡିଭାଇସ ସ୍ମାର୍ଟଫୋନ ଡିଜାଇନ ଓ ଟେକ୍ନୋଲୋଜି କ୍ଷେତ୍ରରେ ଭବିଷ୍ୟତ ଆଡକୁ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତିର ପ୍ରତିନିଧିତ୍ୱ କରୁଛି। ଏପରିକି ମିଡିଆଟେକ୍‌ର ଡାଇମେନସିଟି ୭୩୦୦ ଅଲ୍ଟିମେଟ ଚିପସେଟ୍ ଓ ଏକ ୫୫୦୦ ଏମ୍‌ଏଏଚ୍ ବ୍ୟାଟେରୀ ଦ୍ୱାରା ପରିଚାଳିତ ଏହି ସ୍ମାର୍ଟଫୋନ ସାରା ଦିନ ସୁଗମ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ। ଏ ସମ୍ପର୍କରେ ଇନ୍‌ଫିନିକ୍ସ ଇଣ୍ଡିଆର ସିଇଓ ଅନିଶ କପୁର କହିଛନ୍ତି, ନିକଟରେ ଲଞ୍ଚ ହୋଇଥିବା ଆମର ନୋଟ୍ ୫୦ଏକ୍ସ ୫ଜି+ ପାଇଁ ଆମେ ଏକ୍ସଓଏସ ୧୫ର ଶୁଭାରମ୍ଭକରି ଉପଭୋକ୍ତାଙ୍କ ମତାମତ ଆଧାରରେ ସଫ୍ଟୱେରକୁ ଅପ୍‌ଗ୍ରେଡ୍ କରିଛୁ। ନୋଟ୍ ୫୦ଏସ୍ ୫ଜି+ ସହିତ ଆମେ ଏକ ପ୍ରିମିୟମ ସିଏମ୍‌ଏଫ୍, ଚମତ୍କାର ପ୍ରଦର୍ଶନ ଓ ସେଗ୍‌ମେଣ୍ଟର ସବୁଠାରୁ ପତଳା ୧୪୪ଏଚ୍‌ଜେଡ୍ କର୍ଭଡ ଆମୋଲେଡ ଡିସ୍‌ପ୍ଲେ ସହ ଉତ୍କୃଷ୍ଟତାର ସ୍ତରକୁ ଉନ୍ନତ କରିଛୁ।

## ୟୁବିଆଇର ନୂତନ ଶାଖା ଉଦ୍‌ଘାଟିତ



ୟୁବିଆଇର ପଦ୍ମପୁର ଶାଖାକୁ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୮।୪

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ନୂତନ ଶାଖା (ପଦ୍ମପୁର ଶାଖା) ବରଗଡ଼ ଜିଲ୍ଲାର ପଦ୍ମପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଆଇର ଭୁବନେଶ୍ୱର ଅଞ୍ଚଳ ମୁଖ୍ୟ ଏଚ୍.କେ. ଦାସ, ସମ୍ବଲପୁର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିଆଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ସହରର ବରିଷ୍ଠ ନାଗରିକ, ବ୍ୟବସାୟିକ ସହଯୋଗୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସେହିଭଳି ଉତ୍କର୍ଷ ଭିତ୍ତିଭୂମି ଏବଂ ଅତ୍ୟାଧୁନିକ ବ୍ୟାଙ୍କିଙ୍ଗ୍ ସୁବିଧା ଥିବା ଏହି ଶାଖା ବରଗଡ଼ ଜିଲ୍ଲାର ୨୧ତମ ଶାଖା ହୋଇଥିଲାବେଳେ ପଦ୍ମପୁର ତଥା ଏହାର ଆଖପାଖ ଅଞ୍ଚଳର ବ୍ୟାଙ୍କିଙ୍ଗ୍ ଆବଶ୍ୟକତା ଏହି ଶାଖା ପୂରଣ କରିବା ସହ ରିଟେଲ, କୃଷି, ଏମ୍‌ଏସ୍‌ଏମ୍‌ଇ ଗ୍ରାହକମାନଙ୍କୁ ବିଶେଷ ଅଗ୍ରାଧିକାର ଦେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ବରିଷ୍ଠ ନାଗରିକ ଏବଂ ଜମାକାରୀଙ୍କ ଆବଶ୍ୟକତା ପୂରଣ କରିବା ସହ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ଏହି ଶାଖା ପ୍ରାଥମିକତା ଦେବ ବୋଲି ମନ୍ତ୍ରୀ ମହାଲିଙ୍ଗ ମତ ପ୍ରକାଶ କରିଥିଲେ। ରାଜ୍ୟରେ ୨ୟ ବୃହତ୍ତମ ବ୍ୟାଙ୍କିଙ୍ଗ୍ ନେଟ୍‌ୱର୍କ ଥିବା ଏହି ବ୍ୟାଙ୍କ ରାଜ୍ୟର ଜନସାଧାରଣଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଆସିଥିବାରୁ ମହାଲିଙ୍ଗ ବ୍ୟାଙ୍କର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ।

# ପୁଞ୍ଜିନିବେଶକୁ ବୋର୍ଡର ମଞ୍ଜୁରୀ

ନୂଆଦିଲ୍ଲୀ,୧୮।୪

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟର୍ସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୱାର୍ବର୍ଗ ପିଙ୍କସ୍ ଏଲ୍‌ଏଲ୍‌ସିର ଅନୁବନ୍ଧିତ କମ୍ପାନୀ କୁରାଣ୍ଟ ସି ଇନ୍‌ଭେଷ୍ଟମେଣ୍ଟ ବି ଭିକୁ ପ୍ରାୟ ୪,୮୭୬ କୋଟି ଟଙ୍କା ମୂଲ୍ୟର ଇକ୍ୱିଟି କ୍ୟାପିଟାଲ (ସିସିପିଏସ୍) ଏବଂ ଆବୁଧାବି ନିବେଶ କର୍ତ୍ତୃପକ୍ଷ (ଏଡିଆଇଏ)ର ଏକ ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥା ପ୍ଲାଟିନମ୍ ଇନ୍‌ଭିକ୍ଟସ୍ ବି ୨୦୨୫ ଆର୍‌ଏସ୍‌ସି ଲିମିଟେଡ୍‌କୁ ପ୍ରାୟ ୨,୬୨୪ କୋଟି ଟଙ୍କାର ଅଗ୍ରାଧିକାର ପ୍ରଦାନକୁ ବ୍ୟାଙ୍କର ବୋର୍ଡ ପକ୍ଷରୁ ଅନୁମୋଦନ କରାଯାଇଛି। ସେହିଭଳି ପ୍ରସ୍ତାବିତ ପ୍ରସଙ୍ଗଗୁଡ଼ିକ ଅଂଶୀଦାର ଏବଂ ନିୟାମକ ଅନୁମୋଦନ ଉପରେ ନିର୍ଭର କରୁଛି। ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଭି. ବୈଦ୍ୟନାଥନ କହିଛନ୍ତି, ୱାର୍ବର୍ଗ ପିଙ୍କସ୍‌କୁ ପୁଣି ପାଇବା ଏବଂ ଆମର ଅଂଶୀଦାର ଭାବେ ଏଡିଆଇଏର ଏକ ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥାକୁ ସ୍ୱାଗତକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଉଭୟଙ୍କୁ ଧନ୍ୟବାଦ ଜଣାଉଛୁ ଓ ସେମାନେ ଆମ ଉପରେ ଏବଂ ଆମର ଭବିଷ୍ୟତ ଅଭିବୃଦ୍ଧି ଯୋଜନା ଉପରେ ବିଶ୍ୱାସ ରଖିଛନ୍ତି ଏବଂ ଅସ୍ଥିର ବୈଶ୍ୱିକ ପରିସ୍ଥିତିରେ ମଧ୍ୟ ଆମ ଉପରେ ପୁଞ୍ଜିନିବେଶ କରିଛନ୍ତି। ଏସିଆ ପ୍ରାଇଭେଟ୍ ଇକ୍ୱିଟିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ତଥା ୱାର୍ବର୍ଗ ପିଙ୍କସ୍‌ର ଫାଇନାନ୍ସିଆଲ ସର୍ଭିସେସ୍‌ର ଗ୍ଲୋବାଲ କୋ-ହେଡ୍ ବିଶାଲ ମହାଦେବିଆ କହିଛନ୍ତି,ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ ଏବଂ ସ୍ଥାୟୀ ଆର୍‌ଓଇ ଉନ୍ନତୀକରଣକୁ ସମର୍ଥନ କରିବା ପାଇଁ ଆମେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଟିମ୍ ପଛରେ ପୁନଃ ନିବେଶ କରିବାକୁ ନେଇ ଉତ୍ସାହିତ।

ଏଡିଆଇଏର ଘରୋଇ ଇକ୍ୱିଟି ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହମାଦ ଶାୱାନ ଅଲଧାହେରୀ କହିଛନ୍ତି, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଏକ ଅଭିଜ୍ଞ ପରିଚାଳନା ଦଳ ସମର୍ଥିତ ଭାରତର ଅଗ୍ରଣୀ ଘରୋଇ କ୍ଷେତ୍ରର ବ୍ୟାଙ୍କ ଭାବରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛି।


**OHPC** ISO 9001-14001 18001 Certified

## OFFICE OF THE SR.GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA

DIST: KALAHANDI- 766026, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**'e'- Procurement Notice**

**NOTICE INVITING TENDER No.UIHEP/03/2025-26, DATED 16.04.2025**

**No.CAD-160:** The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in Online mode from eligible contractors for the work as detailed in the table below.

| Sl. No. | Name of Work | Approx. Estimated Cost (in Rs.) | EMD (in Rs.) (Online) | Class of Contractor | Cost of Bid Document (in Rs.) (Online) | Period of Contract |
|---|---|---|---|---|---|---|
| 1 | Renovation of 'D' type quarters (14 Nos.) at Sector-I of Power House Colony, UIHEP, Mukhiguda | 67,23,769/- (Excluding GST) | 67,240/- | 'B' Class Contractor registered with State Govt./Central Govt./ MES/ Railways | 10,000/-+ GST @18% = 11,800/- | One (01) Calendar Year |

Availability of tender document in the portal: From 21.04.2025 (10.00 Hrs) to 05.05.2025 (upto 13.00 Hrs.). Last date & time of submission of tenders in the portal: 05.05.2025 upto 13.00 Hrs. The date & time of opening of the bid: 05.05.2025 at 16.30 Hrs. (Only Technical Bid). The Bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement portal "https://tendersodisha.gov.in".

OIPR-32136/11/0043/2526 **Sd./- Unit Head, UIHEP, Mukhiguda**



No.C-127

## GOVERNMENT OF ODISHA
## OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA

e-mail:eephd.rgda.od@nic.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO.EEPHDRAYAGADA-01/2025-26 DT. 10.04.2025

| Sl. No. | Name of the Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1 | Improvement of Water Supply to Gudari NAC. | EEPHDRAYAGADA -01/2025-26 Dtd.10.04.2025 | 476.20 | 'A' Class | 15 (Fifteen Months) | 25.04.2025 (11.00 Hr.) | 19.05.2025 (17.00 Hr) |

Name & Address of Officer Inviting Bid: **Superintending Engineer, P.H. Division, Rayagada, Email: eephd.rgda.od@nic.in, eephdrgda@gmail.com**

- Further details can be seen from the e-Procurement portal "https://www.tendersorissa.gov.in".
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

**Sd./- SUPERINTENDING ENGINEER, P.H. DIVISION, RAYAGADA**

OIPR-13052/11/0015/2526



## ODISHA PUBLIC SERVICE COMMISSION
19, DR. P. K. PARIJA ROAD, CUTTACK-753001

**NOTICE**

No. 2474/P.S.C., Dt. 17.04.2025
(DR-IV)(2PH-07-2024-25)

**1st Corrigendum to Advt. No. 09 of 2024-25 for Recruitment to the Posts of Medical Officer in Group - A of OM&HS Cadre**

**No.-D-20** : This is for information of all concerned that the **last date for submission of online Application** forms for the Post of Medical Officer, pursuant to Advertisement No. 09 of 2024-25 is hereby extended from 24.04.2025 **to 15.05.2025 till 05.00 P.M.**

2. Hence, the link for online Application and submission shall be available up to 15.05.2025, 05.00 P.M. **[Note - 15.05.2025, 05.00 P.M. is the deadline for submission of Registered Online Application]**

3. The candidates who are eligible in all respect by 15.05.2025 may apply.

4. The words **"last date of application/ submission of online Applications"** mentioned at different places in the Advertisement No. 09 of 2024-25 will be treated as 15.05.2025 for all purposes.

5. The **tentative date of Written Examination** for the Post of Medical Officer, pursuant to Advt. No. 09 of 2024-25 scheduled on 11.05.2025 (Sunday) is hereby re-scheduled to **08.06.2025 (Sunday)**.

6. Besides this, all other terms and conditions of the Advertisement of the said recruitment shall remain unchanged.

OIPR-12002/11/0189/2526 **Sd./- Secretary**



No.D-

## ODISHA PUBLIC SERVICE COMMISSION

**NOTICE**

No. 2503/P.S.C., Dt. 17.04.2025
(1E-36-2023/24)(DR-II)

**Clarification to 5th Corrigendum vide Notice No.2361/ PSC dt.11.04.2025 for recruitment to the Posts of Assistant Executive Engineer (Civil & Mechanical), pursuant to Advertisement No.19 of 2023-24 under the Department of Water Resources, Govt. of Odisha.**

The 5th Corrigendum to Advertisement No. 19 of 2023-24 for recruitment to the Posts of Assistant Executive Engineer (Civil & Mechanical), under the Department of Water Resources, Government of Odisha was issued vide Notice No. 2361/PSC, dated 11.04.2025. In this connection, certain queries have been received at the Commission's office which require clarification.

2. **Vacancy Position** : The additional posts/revised vacancy as published in the 4th Corrigendum vide Notice No. 961/PSC dt.17.02.2024 has been withdrawn vide Notice No.2666/PSC dated 09.05.2024. So the recruitment will be conducted as per the vacancies indicated in Para-2 (A) & (B) of the Advertisement No.19 of 2023-24 dated 28.12.2023, i.e. 580 (194-w) Posts for AEE (Civil) and 41(13-w) for AEE (Mechanical).

3. **Educational Qualification** : At Para-7 of 5th Corrigendum dt.11.04.2025, **"they must posses B.Tech/BE Degree in Civil/ Mechanical Engineering by 26.02.2024" to be read as "they must possess Degree in Civil Engineering for AEE(Civil) and Degree in Mechanical Engineering for AEE(Mechanical) from any University or Institution recognized by Government or must be an Associate Member of the Institution of Engineers (India) in Civil or Mechanical as the case may be by 26.02.2024".**

OIPR-12002/11/0192/2526 **Sd./- Secretary**



## ZILLA SWASTHYA SAMITI, MAYURBHANJ
## OFFICE OF THE
## CDM&PHO-cum-District Mission Director
## NHM, Mayurbhanj, Odisha, 757001

No.1332/NHM/2025 Dt:17.4.25

**NOTICE**

No.E-28: The Tender advertisement on outsourcing of Housekeeping Services at Govt. Health Institutions of Mayurbhanj district vide advertisement No.2842 published on Dt.29.08.2024 in Daily Odia Newspaper in "The Dharitri" & "The Sakala" is hereby stand cancelled.

**Sd./- CDM & PHO cum District Mission Director, Mayurbhanj**

OIPR-10020/11/0025/2526



## SAMBALPUR MUNICIPAL CORPORATION
Notice No. 3988/ SMC Date 16.04.2025

**TENDER CALL NOTICE**

**No. C-118:** Comissioner, SMC, Sambalpur invites sealed tender from intending reputed and experienced manpower Service Provider Agencies to provide services of different categories of manpower for a period of one year w.e.f. 01.05.2025, the details of the bidding process are as follows:

| Sl.No. | Bidding Schedule | Deadline |
|---|---|---|
| 1 | Date of Issue | 16.04.2025 |
| 2 | Bid due Date & Time | 25.04.2025, 1.00 PM |
| 3 | Opening of Technical Bid | 28.04.2025, 10.00 AM |
| 4 | Opening of Financial Bid | To be intimated later |

The bid documents containing eligibility criteria, scope of work, terms and conditions of the tender can be downloaded from the website www.smcsambalpur.nic.in. The authority reserves every right to reject any or all the Tender without assigning any reason thereof.

**Sd./- Municipal Commissioner**
OIPR-13122/11/0121/2526 **Sambalpur Municipal Corporation**



## ODISHA PUBLIC SERVICE COMMISSION, CUTTACK

**NOTICE**

No. 2468/P.S.C., Dt. 17.04.2025
(1R-35-2024/25)(DR-V)

**No.D-18** : It is for information of all concerned that, document verification of candidates having **PPSAN** mentioned below for the Post of **Associate Professor in Metallurgical & Material Engineering,** pursuant to Advertisement No.32 of 2023-24 shall be held on **02.05.2025** & **03.05.2025** at 10:30 A.M as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 02.05.2025 | 10.30 A.M. | P220040368, P240294443, P240301665 & P240301667 = **04 Candidates** |
| | 02.30 P.M. | P240302028, P240305641, P240306039 & P240309436 = **04 Candidates** |
| 03.05.2025 | 10.30 A.M. | P240311811, P240312208 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University /Institution.
9. Research Papers.
10. Research Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post-Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No.32 of 2023-24.
17. Any other documents as mentioned in para-09 of Advt. No.32 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0190/2526 **Sd./- Secretary**



## ODISHA PUBLIC SERVICE COMMISSION, CUTTACK

**NOTICE**

No. 2462/P.S.C., Dt. 17.04.2025
(1R-38-2024/25)(DR-V)

**No.D-19** : It is for information of all concerned that, document verification of candidates having **PPSAN** mentioned below for the Post of **Associate Professor in Production Engineering,** pursuant to Advertisement No.32 of 2023-24 shall be held on **28.04.2025** & **29.04.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 28.04.2025 | 10.30 A.M. | P220034366, P220085403, P230165418 & P230187231 = **04 Candidates** |
| | 02.30 P.M. | P240301403, P240301703, P240301798 & P240302034 = **04 Candidates** |
| 29.04.2025 | 10.30 A.M. | P240302121, P240304475, P240305063 & P240306756 = **04 Candidates** |
| | 02.30 P.M. | P240308616, P240310039 & P240310444 = **03 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University /Institution.
9. Research Papers.
10. Research Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post-Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No.32 of 2023-24.
17. Any other documents as mentioned in para-09 of Advt. No.32 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0191/2526 **Sd./- Secretary**



## ନିଯୁକ୍ତି ମେଳା, ଢେଙ୍କାନାଳ

ODISHA SKILL DEVELOPMENT AUTHORITY

No. KK-12: ଓଡ଼ିଶା ଦକ୍ଷତା ବୃଦ୍ଧି ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗରେ ଆସନ୍ତା ତା୧୯।୦୪।୨୦୨୫ରିଖ ଶନିବାର ଦିନ ସାରଙ୍ଗଧର ଷ୍ଟାଡିୟମ, କାମାକ୍ଷାନଗର, ଢେଙ୍କାନାଳଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଅଛି। ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ଆଶାୟୀ ଯୁବକ ଓ ଯୁବତୀମାନେ ଅଂଶଗ୍ରହଣ କରିପାରିବେ। ଉକ୍ତ ମେଳାରେ ଅଂଶଗ୍ରହଣ କରିବା ପାଇଁ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ ପାସ୍‌ଠାରୁ ୧୦ମ, +୨, +୩, ଆଇ.ଟି.ଆଇ. (ITI), ଡିପ୍ଲୋମା (Diploma), ଏ.ଏନ୍.ଏମ୍ (ANM), ଜି.ଏନ୍.ଏମ୍. (GNM), ବି.ଟେକ୍ (B.Tech) ପାସ୍ ଓ ବୟସ ସୀମା ୧୫ରୁ ଉର୍ଦ୍ଧ୍ୱ ହୋଇଥିବା ଦରକାର। ଏଣୁ ଇଚ୍ଛୁକ ଯୁବକ ଓ ଯୁବତୀମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ଉକ୍ତ ମେଳାରେ ସକାଳ ୮.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ନିଜ ନାମ ପଞ୍ଜିକୃତ କରାଇ ବେସରକାରୀସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ। ଉକ୍ତ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ନିଯୁକ୍ତିଦାତା ସଂସ୍ଥା, ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଓ ଶିଳ୍ପ ତାଲିମ ଶିକ୍ଷା ଅନୁଷ୍ଠାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ସୁତରାଂ, ଜିଲ୍ଲା ପ୍ରଶାସନ, ଢେଙ୍କାନାଳ ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ଯୁବକ ଓ ଯୁବତୀମାନଙ୍କୁ ଜଣାଇ ଦିଆଯାଉଛି କି ଉକ୍ତ ମେଳାରେ ଯୋଗଦେଇ ଏହାର ସୁଯୋଗ ହାସଲ କରନ୍ତୁ।

**ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ, ଢେଙ୍କାନାଳ**
**ଫୋନ୍ ନଂ.: ୯୩୪୮୪୬୨୬୬୯, ୦୬୭୬୨-୨୯୧୦୬୦**

OIPR-44024/11/0001/2526 **ଜିଲ୍ଲାପାଳ, ଢେଙ୍କାନାଳ**



## BHUBANESWAR DEVELOPMENT AUTHORITY, BHUBANESWAR
AKASH SHOVA BUILDING, SACHIVALAYA MARG, BHUBANESWAR - 751001
**Visit us at: http://www.bda.gov.in**

**RFP No. 406** **Date: 16.4.2025**

No. CAD-154: Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites Request for Proposal (RFP) in **ONLINE MODE** only for the work: **"SELECTON OF AN AGENCY FOR SUPPLY OF EXCAVATORS & MACHINERIES WITH OPERATOR ON DAILY RENT BASIS FOR BDA"**. The RFP documents will be available in the website: **https://tendersodisha.gov.in** from **Dtd.19.4.2025 to 28.4.2025 upto 5.00 P.M.** The last date of receipt of proposals in online mode is upto **5.00 P.M. on Dtd.29.4.2025** and the RFP will be opened at **11.30 A.M. on Dtd.30.4.2025** in the office chamber of the Executive Engineer, Division No. - IV, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the website **https://tendersodisha.gov.in** for further details. Any addendum/corrigendum/cancellation of RFP can be seen in this website only.

**Sd./- Executive Engineer, Division No. IV, BDA**

OIPR-13033/11/0275/2526


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା


ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନାବାଳକ ହତ୍ୟାରୁ ଦିଲ୍ଲୀରେ ଉତ୍ତେଜନା


କୁନାଲ

**ନୂଆଦିଲ୍ଲୀ,୧୮।୪**

ଦିଲ୍ଲୀର ସିଲମ୍‌ପୁରରେ ଗୁରୁବାର ରାତିରେ ଜଣେ ଦଳିତ ନାବାଳକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ୧୭ ବର୍ଷୀୟ କୁନାଲଙ୍କୁ ଏକ ଭିନ୍ନ ସମ୍ପ୍ରଦାୟର ଲୋକେ ମାରି ଦେଇଥିବା ଦର୍ଶାଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ହତ୍ୟାକାଣ୍ଡକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଦିଲ୍ଲୀ ପୋଲିସ ଏନେଇ ମାମଲା ରୁଜୁ କରିବା ସହ ସିସିଟିଭି କ୍ୟାମେରାରୁ ଫୁଟେଜ୍ ସଂଗ୍ରହ କରି ଆକ୍ରମଣକାରୀଙ୍କୁ ଚିହ୍ନଟ ଉଦ୍ୟମ ଚଳାଇଛି।

ମୃତକ କୁନାଲ ସିଲମ୍‌ପୁର ଅଞ୍ଚଳରେ ମା'ବାପା, ୩ ଭାଇ ଓ ଜଣେ ଭଉଣୀଙ୍କ ସହ ରୁହନ୍ତି। ସେ ଗାନ୍ଧୀନଗର ଅଞ୍ଚଳର ଏକ ଗାର୍ମେଣ୍ଟ ଶପ୍‌ରେ କାର୍ଯ୍ୟ କରୁଥିଲେ। କୁନାଲଙ୍କ ବାପା ଜଣେ ଅଟୋ ଡ୍ରାଇଭର। ଗୁରୁବାର ରାତି ୭ଟା ୩୦ରେ କୁନାଲ କ୍ଷୀର ଆଣିବା ପାଇଁ ଯାଇଥିବାବେଳେ ୪-୫ ଜଣ ତାଙ୍କୁ ଛୁରି ଭୁସିଦେଇଥିଲେ। ତାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଲୋକେ ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ମଡେଲ ଆପଣାଇ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିକ୍ଷୋଭକାରୀ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପୋଲିସ କମିଶନରଙ୍କ ସହ ଆଲୋଚନା ପରେ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନର ଆଶ୍ୱାସନା ଦେଇଛନ୍ତି। ବିରୋଧୀ ଦଳ ନେତା ତଥା ଆପ୍ ନେତ୍ରୀ ଆତିଶୀ ମାର୍ଲେନା ଭାଜପା ନେତୃତ୍ୱାଧୀନ ସରକାର ଏବଂ ଦିଲ୍ଲୀ ପୋଲିସକୁ ସମାଲୋଚନା କରିଛନ୍ତି। ଜଣେ ୧୭ ବର୍ଷୀୟଙ୍କ ହତ୍ୟା ଦିଲ୍ଲୀର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି ବୋଲି ଆତିଶୀ କହିବା ସହ ଡବଲ୍ ଇଞ୍ଜିନ ସରକାର କ'ଣ କରୁଛି ବୋଲି ପ୍ରଶ୍ନ କରିଛନ୍ତି।

## ପୋଲିସ ପଞ୍ଝାରେ ସିଲମ୍‌ପୁର ଲେଡି ଡନ୍

ସିଲମ୍‌ପୁରରେ ନାବାଳକ କୁନାଲଙ୍କୁ ହତ୍ୟା କରାଯିବା ପରେ ଲେଡି ଡନ୍ ଜିକ୍ରା ଚର୍ଚ୍ଚାକୁ ଆସିଛନ୍ତି। ଏହି ଘଟଣାରେ ଜିକ୍ରା ଓ ତାଙ୍କ ଭାଇଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଜିକ୍ରାଙ୍କ ଅନ୍ୟ ଜଣେ ଭାଇଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ଏହାପରେ ସେ ଭାଇଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଏକ ଗ୍ୟାଙ୍ଗ ଗଢ଼ିଥିଲେ। ନିକଟରେ ସେ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ଜେଲ ଯାଇଥିଲେ। ହତ୍ୟାର ୧୫ ଦିନ ପୂର୍ବରୁ ସେ ଜାମିନରେ ଆସିଥିଲେ। ଜିକ୍ରା ସବୁବେଳେ ସାଙ୍ଗରେ ବନ୍ଧୁକ ଧରି ବୁଲିଥାଆନ୍ତି। ଜେଲରୁ ମୁକୁଳିବା ପରେ ସେ ଲାଲା ନାମକ ଜଣେ ବ୍ୟକ୍ତିଙ୍କୁ ଖୋଜୁଥିଲେ, ଯିଏକି ତାଙ୍କ ଭାଇଙ୍କୁ ଆକ୍ରମଣ କରିଥିଲେ। ଏପରି କି ସେ ଲାଲାଙ୍କୁ କେଉଁଠି ପାଇବେ ବୋଲି କୁନାଲଙ୍କୁ ପଚାରିଥିଲେ। କୁନାଲ ତାଙ୍କୁ ସାହାଯ୍ୟ ନ କରିବାରୁ ଲେଡି ଡନ୍ ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିବା କୁହାଯାଉଛି। ଇତିମଧ୍ୟରେ ଶୁକ୍ରବାର ଦିଲ୍ଲୀ ପୋଲିସ ଜିକ୍ରାଙ୍କୁ ନିଜ ହାଜତକୁ ନେଇଥିବାବେଳେ ତାଙ୍କ ଭାଇ ସାହିଲଙ୍କୁ ଖୋଜୁଛି।


ଲେଡି ଡନ୍ ଜିକ୍ରା

## ଗିରଫ ଭୟରେ ଲୁଚିଛନ୍ତି ଦଳୀୟ ସମର୍ଥକ

### ତଳକାଁପଡ଼ା ବୋମାମାଡ଼ ଘଟଣା: ୩୦ ଜଣଙ୍କ ନାଁରେ ମାମଲା

**ତିହିଡ଼ି,୧୮।୪(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତଳକାଁପଡ଼ା ଗାଁରେ ବୋମାମାଡ଼ ଘଟଣା ପରେ ଗିରଫ ଭୟରେ ଉଭୟ ବିଜେଡି ଓ ଭାଜପା ଦଳର ସମର୍ଥକମାନେ ଲୁଚି ରହିଛନ୍ତି। ଏହି ଘଟଣାରେ ତିହିଡ଼ି ଥାନାରେ ୩୦ଜଣଙ୍କ ନାଁରେ ୩ଟି ମାମଲା ରୁଜୁ ହୋଇଛି। ଯେକୌଣସି ମୁହୂର୍ତ୍ତରେ ପୋଲିସ ଉଠାଇ ନେବାର ଭୟ ଘାରିଥିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗାଁରେ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ଏହି ଶତ୍ରୁତା ବୁଧବାର ରାତିରେ ଉଗ୍ରରୂପ ଧାରଣ କରିଥିଲା। ଉଭୟ ଦଳର ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ ଓ ପ୍ରତି ଆକ୍ରମଣ ଚାଲିଥିବା ବେଳେ ହଠାତ୍ ବୋମାମାଡ଼ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ୧୪ଜଣ ଆହତ ହୋଇଥିଲେ। ବିଜେଡିର ୮ ସମର୍ଥକ ଗୁରୁତର ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣାକୁ ନେଇ ଗୁରୁବାର ରାତିରେ ବିଜେଡି ପକ୍ଷରୁ ମୁକ୍ତିକାନ୍ତ ଦାସ ଦେଇଥିବା ଏତଲାକ୍ରମେ ଥାନାରେ ଏକ ମାମଲା (ନଂ.୧୪୬/୨୫) ଏବଂ ଭାଜପା ପକ୍ଷରୁ ରେବତୀ ଦାସଙ୍କ ଏତଲାକ୍ରମେ ଏକ ମାମଲା(ନଂ.୧୪୭/୨୫) ରୁଜୁ ହୋଇଛି। ଅପରପକ୍ଷେ ଏଏସ୍‌ଆଇ ଚିତ୍ତରଞ୍ଜନ ବାରିକଙ୍କ ଅଭିଯୋଗକ୍ରମେ ମଧ୍ୟ ଏକ ମାମଲା (ନଂ.୧୪୫/୨୫) ରୁଜୁ ହୋଇଛି। ବୋମାମାଡ଼ର ପ୍ରକୃତ ଅପରାଧୀ କିଏ, ତାହା ଜାଣିବାକୁ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବା ସମ୍ଭବ ହୋଇପାରି ନାହିଁ ବୋଲି ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର: ଯୁବକ ଗିରଫ

**ଓଡ଼ଗାଁ, ୧୮।୪**
**(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଏନ୍‌ଏସିର ହେମାମାଳୀସାହିର ଦୀପକ ମହାରଣା ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଗତ ୧୬ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ଦୀପକଙ୍କୁ ଗିରଫ କରି ପଚରାଉଚରା କରୁଥିଲା। ସେ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ସ୍ୱୀକାର କରିଥିବା ପୋଲିସ କହିଛନ୍ତି। ଶନିବାର ଦୀପକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ୯ ମାସ ପୂର୍ବେ ଦୀପକ ଆଦର୍ଶ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସାଙ୍ଗରେ ବାଙ୍ଗାଲୋର ନେଇ ଯାଇଥିଲେ। କିଛିଦିନ ପୂର୍ବେ ଦୀପକ ନାବାଳିକାଙ୍କ ସାଙ୍ଗରେ ଆଣି ନୟାଗଡ଼ରେ ଛାଡ଼ି ଚାଲି ଯାଇଥିଲେ। ସେଠାରୁ ନାବାଳିକା ଘରକୁ ଆସି ତାଙ୍କ ସହିତ ଘଟିଥିବା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଦୀପକ ତାଙ୍କ ସହ ଏକାଧିକଥର ଶାରୀରିକ ସମ୍ପର୍କ ରଖିଥିବା ନେଇ ପୀଡ଼ିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ନଂ. ୧୦୨/୨୫ରେ ମାମଲା ରୁଜୁ କରି ଦୀପକଙ୍କୁ ଅଟକ ରଖି ପଚାରୁଚୁରା କରୁଥିଲା।

## ମାଓବାଦୀ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ଜବତ

**ମାଲକାନଗିରି, ୧୮।୪**
**(ନୃସିଂହ ଚରଣ ମହାନ୍ତି)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଶୁକ୍ରବାର କସୋଡ଼ କୁମୁରାଡି ଜଙ୍ଗଲ ନିକଟରେ ଗୁଳି ବିନିମୟ ଘଟିଛି। ପରେ ଘଟଣାସ୍ଥଳରୁ ପୋଲିସ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି।

ତଥ୍ୟ ଅନୁଯାୟୀ, ଆବୁଝମାଡ଼ ଜଙ୍ଗଲ ନିକଟରେ ନାରାୟଣପୁର ପୋଲିସ, ଆଇଟିବିପି ମିଳିତ ଭାବେ ସର୍ଚ୍ଚ ଅପରେଶନ କରିଥିଲେ। ଜିଲାର କୋହକାମେଟା ଥାନା ଅନ୍ତର୍ଗତ କସୋଡ଼ କୁମୁରାଡି ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ପରସ୍ପର ମଧ୍ୟରେ ଗୁଳି ବିନିମୟ ଘଟିବା ପରେ ମାଓବାଦୀମାନେ ସୁରକ୍ଷା କର୍ମୀଙ୍କ ଆକ୍ରମଣକୁ ସାମନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ତେବେ ଘଟଣାସ୍ଥଳରୁ ସୁରକ୍ଷା କର୍ମୀମାନେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ସହ ନଗଦ ୬ ଲକ୍ଷ ଟଙ୍କା ଜବତ କରିଛନ୍ତି। ଏଥିସହ ୧୧ଟି ଲାପ୍‌ଟପ, ୫୦କେଜି ବାରୁଦ, ୩୦ କେଜି ସୋରା, ୨୦ ଲିଟର ପେଟ୍ରୋଲ, ୨୦ ଲିଟର ଡିଜେଲ, ଦୁଇଟି କୁକର୍ ବୋମା, ୧୩୦ଟି ଏସ.ଏଲ.ଆର୍., ୧୨ ବୋରର ୨୫ଟି ଓ ୩୦୩ ରାଇଫଲର ୧୮ଟି ଅଫୁଟା ଗୁଳି, କଡେକ୍ସ ତାର, ବିଦ୍ୟୁତ୍ ତାର, ମାଓବାଦୀ ପୋଷାକ, ଔଷଧ, ଟିଫିନ, ଜୋତା, ମାଓବାଦୀ ପୁସ୍ତିକା, ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରିଛନ୍ତି

## ୧୧ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୮।୪ (ନୃସିଂହ ଚରଣ ମହାନ୍ତି)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲା ପୋଲିସ ନିକଟରେ ଶୁକ୍ରବାର ୧୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ସମୟରେ ଜିଲା ପୋଲିସ ମହାନିରୀକ୍ଷକ, ସିଆରପିଏଫ୍ ୨୨୬ ବାଟାଲିୟନ କମାଣ୍ଡାଣ୍ଟ ଉପସ୍ଥିତ ଥିଲେ। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବା ନିଷ୍ପତ୍ତି ନେଇ ସେମାନେ ଏହି ପଦକ୍ଷେପ ନେଇଥିବା କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୮ ଲକ୍ଷ ପୁରସ୍କାରପ୍ରାପ୍ତ ମୁଚାକୀ ଜଗା, ମୁଚାକୀ ଜୋଗୀ, ୫ ଲକ୍ଷ ପୁରସ୍କାରପ୍ରାପ୍ତ କିକିଡ ଦେବେ, ମନୋଜ ଓରଫ ଦୁଧୀ ବୁଦରା, ୨ ଲକ୍ଷ ପୁରସ୍କାରପ୍ରାପ୍ତ ମାଡବୀ ଭିମା, ମାଡବୀ ସୋମଡି, ସଙ୍ଗୀତା ଓରଫ ହଡମେ, ମାଡବି କୋସୀ, ବଞ୍ଜାମ ସନି, ମାଡବି ମଙ୍ଗଲି, ତାତା ବଣ୍ଡି ଥିବାବେଳେ ଅନ୍ୟମାନେ ସଂଗଠନର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଏବେ ଛତିଶଗଡ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ, ଦିନକୁ ଦିନ ମାଓବାଦୀ ଗଡ଼ ଧ୍ୱଂସ ହେବା, ମାଓବାଦୀ ସଂଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ସେମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।



ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

## ମହିଳାଙ୍କୁ ହତ୍ୟା

### କାଜୁ ତୋଟାରୁ ଖପୁରି, ହାଡ଼, ଲୁଗା, ଚୁଡ଼ି ଜବତ

**ଦିଗପହଣ୍ଡି,୧୮।୪(ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ଚାମୁଣ୍ଡା ମନ୍ଦିର ପାହାଡ଼ ପାଦଦେଶରେ ଥିବା କାଜୁ ତୋଟାରୁ ପୋଲିସ ଶୁକ୍ରବାର ମଣିଷ ଖପୁରୀ, ହାଡ଼, ଲୁଗା ଓ ଚୁଡ଼ି ଜବତ କରିଛି। ଏସବୁ କୌଣସି ମହିଳାଙ୍କର ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ସୂଚନା ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଉକ୍ତ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଦିଗପହଣ୍ଡି - ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥ କଡ଼ରେ ଥିବା ମା' ଚାମୁଣ୍ଡାଙ୍କ ମନ୍ଦିର ନିକଟକୁ ପ୍ରାତଃ ଭ୍ରମଣରେ ଯାଇଥିବା କେତେଜଣ ବ୍ୟକ୍ତି ଦୁର୍ଗନ୍ଧ ବାରି କାଜୁ ତୋଟାକୁ ଯାଇଥିଲେ। ସେଠାରେ ମଣିଷ ଖପୁରୀ, ଗୋଡ଼ହାତର ହାଡ଼ଗୁଡ଼ିକ ଏଣେ ତେଣେ ପଡ଼ିଥିବା ଦେଖିବା ପରେ ଦିଗପହଣ୍ଡି ଥାନାକୁ ଖବର ଦେଇଥିଲେ। ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବିକ୍ଷିପ୍ତ ଅବସ୍ଥାରେ ପଡ଼ିଥିବା ଖପୁରୀ,ହାଡ଼, ମହିଳା ଲୁଗା ଓ ଚୁଡିକୁ ଜବତ କରି ପରୀକ୍ଷା ନିମନ୍ତେ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ପଠାଇଛନ୍ତି। ତେବେ ମହିଳା ଜଣକ କିଏ, ତାଙ୍କର ମୃତ୍ୟୁ କିପରି ହୋଇଛି ସେନେଇ ପୋଲିସ ତଦନ୍ତ ଚଳାଇବା ସହ ମହିଳାଙ୍କୁ ହତ୍ୟା ପରେ ସେଠାରେ ଫୋପାଡ଼ି ଦିଆଯାଇଥିବା ସନ୍ଦେହ କରୁଛି। ଫରେନସିକ ରିପୋର୍ଟ ଆସିବା ପରେ ସମ୍ପର୍କରେ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି। ଏ ନେଇ ନଂ. ୧୦/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଦିଗପହଣ୍ଡି ଥାନା ଏବଂ ପଡୋଶୀ ଥାନା ଅଞ୍ଚଳରେ ନିଖୋଜ ଥିବା ମହିଳାଙ୍କ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି।

# Classified Everyday
**0674-2580101, 9692975378**


REAL ESTATE

**SALE**

**Duplex sale with gated Society near Aiims Hospital, Bhubaneswar. 9777433701.** D-76256

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

4BHK Duplex Rera/ BMC approved at Hanspal. Finance from National Bank, 1Km NH. 8847887273. D-145

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811


FOR RENT

5800sqft Godown space available at Rasulgarh, beside Esplanade Mall, Bhubaneswar. 9040019183. D-189

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Office Accommodation Commercial Hospital permises available Chandrasekharpur, Bhubaneswar, 4000sqft.- 9437008388. D-74726

**LEASE**

Lease for godown, Nursing home or for any purpose for 10 years 10000sft with Compound wall 3 sides road facing to Nakhara Niali NH ROAD. 7809525452. D-76444

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Full body massage by experience therapist with homely atmosphere. 9114559860. D-76910

Positively health benefited SPA by expert female therapist, Bapujinagar. 8328803811. D-76909

**Full body massage experience, good looking therapist @999 (Bhubaneswar). 9078484455.** D-152

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated- 17.04.2025, I, Santosh Kumar Nath, Address: Vill- Chasanimakhandi, P.O.- Nimakhandipenth, P.S.- Digapahandi, Dist.- Ganjam, PIN- 761055, Odisha, declare that I have changed my daughter's name from Sriya Nath to Alaka Nath. Henceforth, she shall be known as Alaka Nath for all purposes.
Santosh Kumar Nath D-207

By virtue of an affidavit sworn before Executive Magistrate, Bhubaneswar, dated- 17.04.2025, I, Santosh Kumar Nath, Address: Vill- Chasanimakhandi, P.O.- Nimakhandipenth, P.S.- Digapahandi, Dist.- Ganjam, PIN- 761055, Odisha, declare that I have changed my son's name from Rahul Nath to Subham Nath. Henceforth, he shall be known as Subham Nath for all purposes.
Santosh Kumar Nath D-208

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଛି ଯେ, ଆମ୍ଭେ ବିଚିତ୍ରା ଦେଇ, ଗ୍ରାମ/ପୋଷ୍ଟ- ଗୋଡିପଡ଼ା, ଜିଲ୍ଲା- ନୟାଗଡ଼ର ନିବାସୀ ଅଟେ । ବୟସ ୭୪ ବର୍ଷ। ସ୍ଥଗିତ ଥିବା RSA NO.- ୨୭୫ ୨୦୧୭ ମସିହା କେସ୍‌ଟି ମାନ୍ୟବର ଉଚ୍ଚନ୍ୟାୟାଳୟ ମୋ ସପକ୍ଷରେ ତା- ୨୨।୦୧।୨୦୨୪ ମସିହାରେ ରାୟ ଶୁଣାଇଲେ । ସ୍ୱର୍ଗତ ହରିହର ମହାପାତ୍ରଙ୍କର ବିବାହିତା ସ୍ତ୍ରୀ ହିସାବରେ ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ଅଟେ। ମାନ୍ୟବର ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଅନୁସାରେ ସ୍ୱର୍ଗତ ମହାପାତ୍ରଙ୍କର ଫ୍ୟାମିଲି ପେନ୍‌ସନ୍ ପାଇବା ପାଇଁ ହକ୍‌ଦାର ଅଟେ। ୪-୨୧୪

By virtue of an affidavit before Executive Magistrate, Kantabanji, on dtd. 07.04.2025, that before my marriage. I, known as "Puja Bag, D/o- Makardhwaj Bag which is also mentioned in my S.B. Account of Bank of Baroda, Kantabanji Branch and after Marriage to Ramakrushna Tandi of Village/P.O.- Salemudga, P.S.- Turekela, Dist.- Bolangir, I known as Puja Tandi which is also mentioned in my Aadhaar Card whereas Puja Tandi, W/o- Ramakrushna Tandi and Puja Bag, D/o- Makardhwaj Bag is same and one person. D-215

By virtue of an affidavit sworn before the Executive Magistrate, Kesinga, Dist.-Kalahandi on dated- 28.1.2025, Sunil Kumar Agrawal, At/Post/P.S.- Kesinga, Dist.-Kalahandi (odisha). Do hereby declare that I have change my minor daughter's name from Aadhaar card Payal Agrawal instead of Sangeeta Agrawal. Henceforth, she will be known as Sangeeta Agrawal for all purpose.
Sunil Kumar Agrawal D-218

By virtue of an affidavit sworn before Executive Magistrate, Basudevpur, dt- 17.02.2025, I, Chintamani Biswal, S/o- Murali Biswal, At- Chhatrapur, P.O.- Patanamishrapur, P.S.- Naikanidhi, Dist.- Bhadrak, declare that my daughter's name wrongly named as Sumitra Biswal in Aadhaar will be known as Susmita Biswal. Henceforth, for all purposes. D-182

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Ranjani Ojha, W/o- Anil Kumar, resident At- D1-B, 302, Green Park residency, Dist.- Sambalpur, PIN- 768001, Odisha, declare by this affidavit No.- 3292, dtd- 17.04.2025 that **Ranjani Ojha and Ranjani Kumari is one and same person.** Now onwards I shall be known as **RANJANI OJHA** for all future purposes. D-219

I, Hrudananda Jena, S/o- Rahas Bihari Jena, resident of Vill- Baraara (Haripur), P.O.- Aragul, P.S.- Jatni, Dist.- Khordha, PIN- 752050, declare by this affidavit SL. No.- 604, dated- 17.04.2025, that now onwards I shall be known as HRUDANAND JENA for all future purposes. D-76911

By virtue of an affidavit No.- A. 1767 dated 16.04.25 sworn before the Executive Magistrate, Sundargarh, I, Lalita Sahu, D/o- Jadumani Sahu, R/o- Village- Mundagaon, P.S.- Bhasma, Dist.- Sundargarh declare that in Aadhaar card No.- xxxx xxxx 7263 my name has been mentioned as Lalita Sahu. But in my old Aadhaar card my name has been mentioned as Damayanti Sahu. That both the names is one and same person. D-223

# ଜନସେବା କେନ୍ଦ୍ରରେ ଡକାୟତି ଉଦ୍ୟମ

## ଆକ୍ରମଣରେ ଦମ୍ପତି ଗୁରୁତର, ଜଣେ ଅଟକ

ପରଜଙ୍ଗ, ୧୮।୪ (ନିଗମାନନ୍ଦ ଦଳବେହେରା)




ଆହତ ଦମ୍ପତି



ଅଟକ ଯୁବକ

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଠାରୁ ଅଳ୍ପ ଦୂର ୫୩ନଂ. ଜାତୀୟ ରାଜପଥର ସରାଙ୍ଗ ବଜାରରେ ସରାଙ୍ଗ ଗ୍ରାମର ରାଜକିଶୋର ସାହୁ ଏକ ଜନ ସେବା କେନ୍ଦ୍ର ଖୋଲିଛନ୍ତି। ଶୁକ୍ରବାର କେନ୍ଦ୍ର ଖୋଲିଥିବା ବେଳେ ଉକ୍ତ କେନ୍ଦ୍ରରେ ତାଙ୍କ ସ୍ତ୍ରୀ ଦମୟନ୍ତୀ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ଦିନ ୨ଟା ସମୟହରେ ଉକ୍ତ କେନ୍ଦ୍ର ସମ୍ମୁଖରେ ଗୋଟିଏ ବାଇକରେ ୩ଜଣ ଯୁବକ ଆସିଥିଲେ। ବାଇକ ଷ୍ଟାର୍ଟ ରଖି ଜଣେ ବାହାରେ ଛିଡା ହୋଇଥିବା ବେଳେ ସେବା କେନ୍ଦ୍ର ଭିତରକୁ ୨ ଜଣ ପଶିଥିଲେ ଏବଂ କେନ୍ଦ୍ର ପରିଚାଳକ ରାଜକିଶୋରଙ୍କୁ ସ୍କାନରରେ ୧୦ ହଜାର ଦେଉଛୁ, ଆମକୁ କ୍ୟାସ ଦିଅ ବୋଲି କହିବା ସହ ସ୍କାନରରେ ଟଙ୍କା ଛାଡିଲୁ କହି ଟଙ୍କା ମାଗିଥିଲେ। ଟଙ୍କା ଆସିନାହିଁ ବୋଲି କେନ୍ଦ୍ର ମାଲିକ କହିବାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ମାରଣାସ୍ତ୍ର ଓ ବନ୍ଧୁକରେ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲେ। ସେହି ସମୟର କିଛି ବ୍ୟକ୍ତି ଦେଖି ପାଟି କରିବାରୁ ବାଇକରେ ଦୁଇଜଣ ଖସି ପଳାଇଥିବା ବେଳେ ଜଣଙ୍କୁ ଲୋକେ କାବୁ କରି ମାଡ଼ ମାରିବା ସହ ସରାଙ୍ଗ ଫାଣ୍ଡିରେ ଜିମା ଦେଇଥିଲେ। ପୋଲିସ ଉକ୍ତ ଦୁଇ ଡକାୟତଙ୍କ ପିଛା କରିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇନଥିଲେ। ସେପଟେ କେନ୍ଦ୍ର ପରିଚାଳକ ଓ ତାଙ୍କ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ତାଳଚେର ମଣ୍ଡପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଜିମା ଦେଇଥିବା ଡକାୟତଙ୍କ ଘର ଝାଡ଼ଖଣ୍ଡ ଅଞ୍ଚଳରେ ବୋଲି କହୁଥିବା ବେଳେ ତାଙ୍କ ନାମ ସିଧୁ ସାନିଲି ବୋଲି ପୋଲିସ ସୂଚନା ଦେଇଛି। ଘଟଣା ସ୍ଥଳରେ ପରଜଙ୍ଗ ଥାନାଧିକାରୀ ଧୀରେନ କୁମାର ବେହେରା, ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଦଦରାଘାଟି ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଧରାପଡ଼ିଥିବା ଯୁବକଙ୍କୁ ଚିକିତ୍ସା ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଫେରାର ଡକାୟତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ ପ୍ରକାଶ କରିଛି।

# ଭାଜପାର ସକ୍ରିୟ ସଦସ୍ୟତା ସମାବେଶ




ସମାବେଶରେ ଯୋଗଦେଇଥିବା ମନ୍ତ୍ରୀ ଓ ଅନ୍ୟ କର୍ମକର୍ତ୍ତା।

ଢେଙ୍କାନାଳ,୧୮।୪(ରତନ ନାୟାର)

ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ସକ୍ରିୟ ସଦସ୍ୟତା ସମାବେଶ ଶୁକ୍ରବାର ଦଳର ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଉପସଭାପତି ତଥା ସକ୍ରିୟ ସଦସ୍ୟତା ଆବାହକ ବିଷ୍ଣୁ ପ୍ରସାଦ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ସକ୍ରିୟ ସଦସ୍ୟମାନଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ ସେମାନେ ପ୍ରତ୍ୟେକ ଗ୍ରାମକୁ ଗସ୍ତକରି ଜନସାଧାରଣଙ୍କ ସହ ମିଶି ସମସ୍ୟା ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ସରକାରଙ୍କ ପ୍ରତ୍ୟେକ ଲୋକାଭିମୁଖୀ ଯୋଜନା ବାବଦରେ ଅବଗତ କରିବା ସହ ଏହାର ସୁଫଳ ଯେପରି ତୃଣମୂଳ ସ୍ତରରେ ଉପଲବ୍ଧ ହେବ, ସେଥିପାଇଁ ସକ୍ରିୟ ରହିବେ । ଏବେଠୁ ସଂଗଠନକୁ ଆହୁରି ମଜଭୁତ କରି ଆଗାମୀ ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲା ସଂଯୋଜକ ନରେଶଚନ୍ଦ୍ର ମହାପାତ୍ର ଯୋଗଦେଇ ଭାଜପାର ଇତିହାସ ଉପରେ ଆଲୋକପାତ କରିଥିଲେ । ସେହିପରି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା ମିଡିଆସେଲ ପ୍ରଭାତୀ ନବକିଶୋର ଗୁରୁ, ଗଁଦିଆ ବ୍ଲକ ଅଧ୍ୟକ୍ଷା ରିନାରାଣୀ ଖଟୁଆ, ହର୍ଷବର୍ଦ୍ଧନ ସିଂହଦେଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ବଧୂହତ୍ୟା ଅଭିଯୋଗ

ସାତମାଇଲ, ୧୮।୪(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଅସରଡା ଗ୍ରାମ ପଞ୍ଚାୟତ ବାରସିଙ୍ଗା ଗ୍ରାମରେ ଜନୈକ ବଧୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଡୁମୁସିଙ୍ଗା ଥାନା ଅଁଳାବେରିଣୀ ଗ୍ରାମର ବୈକୁଣ୍ଠ ସାହୁଙ୍କ ଝିଅ ଲିଭାଲିନ (୨୮) ତିନି ବର୍ଷ ତଳେ ବାଲିମୀ ଥାନା ବାରସିଙ୍ଗା ଗ୍ରାମର ଦୁର୍ଯ୍ୟୋଧନ ସାହୁଙ୍କ ସାନପୁଅ ସୁମନ୍ତ ସାହୁଙ୍କୁ ବିବାହ କରିଥିଲେ। ଲିଭାଲିନଙ୍କ ଦୁଇ ବର୍ଷର କନ୍ୟା ସନ୍ତାନ ମଧ୍ୟ ରହିଛନ୍ତି। ଶୁକ୍ରବାର ସକାଳ ୧୦ଟା ସମୟରେ ଲିଭାଲିନଙ୍କ ମା'ଙ୍କୁ ଝିଅ ମରିଯାଇଥିବା ଶାଶୁଘର ପରିବାର ଲୋକେ ଫୋନଯୋଗେ ଜଣାଇଥିଲେ। ଫୋନ ପାଇ ବାପାଘର ଲୋକ ପହଞ୍ଚିବା ବେଳକୁ ଝିଅ ମରିପଡିଥିବା ଦେଖିବାକୁ ପାଇଥିଲେ। ତେବେ ଝିଅଘର ପରିବାର ଲୋକେ ବାଲିମୀ ଥାନାରେ ତାଙ୍କ ଝିଅଙ୍କୁ ମାରିଦେଇଥିବା ଅଭିଯୋଗ କରିଥିଲେ। ଘଟଣା ସକାଳ ୧୦ଟାରୁ ଘଟିଥିଲେ ମଧ ବାଲିମି ପୋଲିସ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି ମୃତ ମହିଳାଙ୍କ ମା ମମତା ସାହୁ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି କେସ୍ ନଂ ୯୪/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ନିର୍ବାଚନ ମଣ୍ଡଳୀସ୍ତରୀୟ ସକ୍ରିୟ ସଦସ୍ୟ ସମାବେଶ




କାମାକ୍ଷାନଗର, ୧୮।୪(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଅଡିଟୋରିୟମ ପରିସରରେ ଶୁକ୍ରବାର ପରଜଙ୍ଗ ନିର୍ବାଚନ ମଣ୍ଡଳୀସ୍ତରୀୟ ସକ୍ରିୟ ସଦସ୍ୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ବସନ୍ତ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଢେଙ୍କାନାଳ ଜିଲା ଭାଜପା ସଭାପତି ରାସବିହାରୀ ବେହେରା ଅଧ୍ୟକ୍ଷତା କରିଥିଲେ। ପରଜଙ୍ଗ ବିଧାୟକ ବିଭୂତିଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତୃଣମୂଳ ସ୍ଥଳରୁ ଦଳକୁ ମଜଭୁତ କରିବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ଜିଲା ସଭାପତି ପ୍ରେମାନନ୍ଦ ଜେନା, ଜିଲା ଉପସଭାପତି ମାତୃ ପ୍ରସାଦ ନନ୍ଦ ବକ୍ତା ଭାବେ ଉପସ୍ଥିତ ରହି ସଂଗଠନକୁ ମଜଭୁତ କରିବା ପାଇଁ କର୍ମୀଙ୍କୁ ନିବେଦନ କରିଥିଲେ। ପରଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ସର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ପ୍ରମୋଦ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଦଳୀୟ ସଦସ୍ୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ସୂର୍ଯ୍ୟନାରାୟଣ ମିଶ୍ର, ଶୁଭେନ୍ଦୁ ପାଳ, ଜିତେନ୍ଦ୍ର କର, ବୈଷ୍ଣବ ନାଥ, ବିବସ୍ୱ ସାହୁ, ସୁଧୀର ବିଶ୍ୱାଳ, ପ୍ରାଣବନ୍ଧୁ ଦାସଙ୍କ ସମେତ ବରିଷ୍ଠ କର୍ମୀ ମୀନକେତନ ନାୟକ ଦିପକ ପାତ୍ର, ରାଜେଶ ଦେହୁରୀ, ମହିଳା ସଭ୍ୟା ବନଲତା ମହାନ୍ତି, ଦମୟନ୍ତୀ ପାଣିଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ସଦସ୍ୟ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

ପରଜଙ୍ଗ, ୧୮।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ଜଣେ ୧୫ବର୍ଷର ନାବାଳିକାଙ୍କୁ ଜଣେ ଯୁବକ ଜବରଦସ୍ତ ନେଇ କେଉଁଆଡେ ପଳାଇଥିବା ଉକ୍ତ ନାବାଳିକାଙ୍କ ମା' ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୧୭୩/୨୫ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି। ସୂଚନା ମୁତାବକ ଗତ ରବିବାର ନାବାଳିକାଙ୍କ ପରିବାର ଲୋକେ ଘରେ ଶୋଇଥିଲେ। ଉଠିବା ବେଳେ ତାଙ୍କ ଝିଅ ଘରେ ନଥିବା ଦେଖି ବିଭିନ୍ନ ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ଜାଣିବାକୁ ପାଇଥିଲେ ବାରିହାପୁର ଗ୍ରାମର ପଞ୍ଚୁ ସାହୁ (୨୯) ତାଙ୍କ ନାବାଳିକା ଝିଅକୁ ନେଇ କେଉଁଆଡେ ପଳାଇଛନ୍ତି। ତେଣୁ ତାଙ୍କ ଘରକୁ ଯାଇ ଏ ବିଷୟରେ ପଚାରିବାରୁ ବେଳେ ପଞ୍ଚୁଙ୍କ ନାନୀ ପ୍ରଭାତୀ ସାହୁ, ଭିଣୋଇ ବିଭୁତି ସାହୁ, ଭାଉଜ ସସ୍ମିତା ସାହୁ, ମା ଉର୍ମିଳା ସାହୁ ସହ ଝଗଡ଼ା କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏଥିସହ ଯଦି ଥାନାରେ ଅଭିଯୋଗ କର ତେବେ ତୁମ ଝିଅକୁ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିବା ନାବାଳିକାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି।

# ହିତାଧିକାରୀଙ୍କୁ ମିଳିବ ନୂଆ ରାଶନ କାର୍ଡ: ମନ୍ତ୍ରୀ କୃଷ୍ଣ ପାତ୍ର

ଢେଙ୍କାନାଳ,୧୮।୪(ରତନ ନାୟାର)

ନୂଆ ସରକାର ଆସିଲେ ସବୁ ନୂଆ ହେବ। ପୁରୁଣା ଢାଞ୍ଚାରେ କିଛି ଚାଲିବନି । ଦୁର୍ନୀତି ଭ୍ରଷ୍ଟାଚାର ଓ ଅଫିସରରାଜ ଚାଲିବ ନାହିଁ। ସବୁ ନୂଆ ଢାଞ୍ଚା ଓ ନୂଆ ଷ୍ଟାଇଲରେ ହେବ। ଏଣିକି ହିତାଧିକାରୀଙ୍କୁ ମିଳିବ ନୂଆ ପ୍ରକାର ରାସନ କାର୍ଡ। ଏଥିପାଇଁ ଏପ୍ରିଲ ୨୨ ତାରିଖ ସୁଦ୍ଧା ସମସ୍ତ କାର୍ଡ ପ୍ରିଂଟ୍ ଓ ଲାମିନେସନ ସହ ପ୍ରସ୍ତୁତ ହେବା ପାଇଁ ଜିଲାପାଳମାନଙ୍କୁ କୁହାଯାଇଛି। ସମସ୍ତ ଜିଲାରେ କାର୍ଡ ବଣ୍ଟାଯିବା ଢେଙ୍କାନାଳରେ କାର୍ଡ ବଣ୍ଟନ କରିବା ପାଇଁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛି । ବିଜେଡି ଅମଳରେ ଯେଉଁ ହିତାଧିକାରୀମାନେ ଆବେଦନ କରି କାର୍ଡ ପାଇନଥିଲେ, ସେମାନଙ୍କ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ଶୁକ୍ରବାର ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟ ଠାରେ ଖବରଦାତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଯେଉଁ ଗରିବ ଲୋକମାନେ ଆବେଦନ କରିନାହାନ୍ତି, ସେମାନଙ୍କ ପାଇଁ ପୋର୍ଟ ଖୋଲାଅଛି। ତୁରନ୍ତ ଆବେଦନ କରିବା ପାଇଁ ମନ୍ତ୍ରୀ କହିଥିଲେ । ୫ଲକ୍ଷ ୯୦ହଜାର ହିତାଧିକାରୀ ଯୋଗ୍ୟ ଅଛନ୍ତି। ସେମାନଙ୍କୁ ରାସନ କାର୍ଡ ଦିଆଯିବା ପାଇଁ ସ୍ଥିର ହୋଇଛି। ବହୁ ସଂଖ୍ୟାରେ ଅଯୋଗ୍ୟ ହିତାଧିକାରୀ ବାଦ ପଡିଛନ୍ତି। ଆଗକୁ ମଧ ଏହି ସଂଖ୍ୟା ବଢିପାରେ। ବର୍ତ୍ତମାନ ୨୫ଲକ୍ଷ ଲୋକ ଇ-କେୱାଇସି କରିନାହାନ୍ତି ବୋଲି ମନ୍ତ୍ରୀ କହିଥିଲେ ।

# ଜିଲାସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ବୈଠକ



ଢେଙ୍କାନାଳ,୧୮।୪(ରତନ ନାୟାର)

ଢେଙ୍କାନାଳ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜିଲାସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅଖିଳ ଭାରତୀୟ ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସଂଗଠନ ମନ୍ତ୍ରୀ ଡ. ଆନନ୍ଦ ରାଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ସମାଜ ଗଠନ ଦିଗରେ ଶିଶୁର ଗୁଣାତ୍ମକ ଶିକ୍ଷା ପ୍ରଦାନ ସମ୍ପର୍କରେ ମତ ରଖିଥିଲେ । ଶିକ୍ଷା ବିକାଶ ସମିତିର ଓଡିଶା ମଧ୍ୟ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାନ୍ତ ବିଦ୍ୟାମନ୍ଦିର ଶୈକ୍ଷିକ ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର, ମଧ୍ୟ ସମ୍ଭାଗ ସଂଯୋଜକ ସନ୍ତୋଷ କୁମାର ପୃଷ୍ଟି, ଢେଙ୍କାନାଳ ସହ ଜିଲା ପ୍ରମୁଖ ମନମୋହନ ତ୍ରିପାଠୀ, ଢେଙ୍କାନାଳ ବିଭାଗ ନୀରିକ୍ଷକ ଗଣେଶ୍ୱର ପାତ୍ର, ଢେଙ୍କାନାଳ ସଂକୁଳ ପ୍ରମୁଖ ବିଶ୍ୱନାଥ ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା ବିକାଶ ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ବିଦ୍ୟାମନ୍ଦିରର ସଭାପତି ବାବୁଚାନ୍ଦ ମହାଲିକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଗଗନ ବିହାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଜିଲାର ବିଭିନ୍ନ ଶିଶୁ ମନ୍ଦିରର ୩୩ଜଣ ପ୍ରଧାନ ଆଚାର୍ଯ୍ୟ ଯୋଗ ଦେଇଥିଲେ ବୋଲି ସଂକୁଳ ପ୍ରମୁଖ ବିଶ୍ୱନାଥ ବେହେରା ଜଣାଇଛନ୍ତି ।

# ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ

## ରେଖା ହତ୍ୟା ମାମଲା

ଢେଙ୍କାନାଳ,୧୮।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଚାଉଳିଆ ଖମାର ଅଞ୍ଚଳରେ ୨୦୨୧ରେ ଘଟିଥିବା ରେଖା ଷେଣ୍ଡ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି । ଏହି ମାମଲାର ରାୟ ପ୍ରକାଶ କରି ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ପ୍ରଣତୀ ସାହା ଅଭିଯୁକ୍ତ ତଥା ରେଖାଙ୍କ ସ୍ୱାମୀ ପ୍ରଦୀପ ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଘଟଣାରୁ ଜଣାପଡିଛି ଯେ, ଚାଉଳିଆ ଖମାର ଗ୍ରାମର ତୋବି ଷେଣ୍ଡଙ୍କ ଝିଅ ରେଖା ଷେଣ୍ଡଙ୍କୁ ଉକ୍ତ ଗ୍ରାମର ପ୍ରଫୁଲ୍ଲ ପ୍ରଧାନଙ୍କ ପୁଅ ପ୍ରଦୀପ ପ୍ରଧାନ ପ୍ରେମ ବିବାହ କରିଥିଲେ । ବିବାହର ପ୍ରଥମ ମାସରୁ ଉଭୟଙ୍କ ମଧ୍ୟରେ ବିବାଦ ଲାଗିଥିଲା ଏବଂ ରେଖାଙ୍କୁ ଜୀବନରେ ମାରିଦେବା ପାଇଁ ମଧ ଧମକଚମକ ଦିଆଯାଉଥିଲା । ଗତ ୧୦.୧୨.୨୦୨୧ରେ ରେଖାଙ୍କ ପିତା ତୋବି ଶୁଣିବାକୁ ପାଇଲେ ଯେ, ତାଙ୍କ ଝିଅକୁ ସ୍ୱାମୀ ପ୍ରଦୀପ କାଠଫାଳିଆରେ ବାଡେଇ ବାଡେଇ ମାରି ଦେଇଛନ୍ତି । ଘଟଣା ସ୍ଥଳରେ ପହଞ୍ଚି ତୋବି ଦେଖିଲେ ଯେ, ତାଙ୍କ ଝିଅ ଶୋଇବା ଘରେ ମରି ପଡିଛି । ଏହି ଘଟଣା ସମ୍ପର୍କରେ ସେ ସେହି ସମୟରେ ଅଭିଯୋଗ କରିଥିଲେ । ସଦର ଥାନାରେ ସେହି ସମୟରେ କେସ୍ ନଂ. ୫୮୫।୨୨, ଦଫା-୪୯୮(ଏ), ୩୦୪(ବି),୩୦୨ରେ ଏକ ମାମଲା ରୁଜୁ କରାଯିବା ସହିତ ଅଭିଯୁକ୍ତ ପ୍ରଦୀପଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ଏହି ମାମଲାର ସିଟି ସେସନ୍ସ କେସ୍ ନଂ-୪୯/୨୨ର ବିଚାର କରି ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତୀ ସାହା ମାମଲାର ଅଭିଯୁକ୍ତ ରେଖାଙ୍କ ସ୍ୱାମୀ ପ୍ରଦୀପ ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମନା ଆଦେଶ କରିଛନ୍ତି । ଜରିମନା ଅନାଦୟେ ୬ମାସ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବିମଳେନ୍ଦୁ ମହାପାତ୍ର, ଅକ୍ଷୟ କୁମାର ଭୋଇ ଓ ଗଣେଶ୍ୱର ସାହୁ ପରିଚାଳନା କରିଥିଲେ ।

# ବଜ୍ରପାତରେ ୭ ଗୋରୁ ମୃତ

କାମାକ୍ଷାନଗର, ୧୮।୪(ସୁଧୀର କୁମାର ପରିଡ଼ା)



ଢେଙ୍କାନାଳ ଜିଲା ସୋଗର ଗ୍ରାମରେ ଶୁକ୍ରବାର ସକାଳୁ ବଜ୍ରାଘାତ ଘଟି ୫ଟି ପରିବାରର ୭ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋରୁଗୁଡ଼ିକ ସକାଳେ ଚରିବା ପାଇଁ ବିଲକୁ ଯାଇଥିବା ବେଳେ ବର୍ଷା ଯୋଗୁ ଏକ ଗଛ ମୂଳେ ଆଶ୍ରୟ ନେଇଥିଲେ। ବଜ୍ରାଘାତ ହେବାରୁ ଜଟିଆ ଦେହୁରୀ, ମାର୍କଣ୍ଡ ଦେହୁରୀ, ବସନ୍ତ ଦେହୁରୀ, ଧିରେନ କାଣ୍ଡି , ତ୍ରିଲୋଚନ ବାରିକଙ୍କ ୭ଟି ଗୋରୁଙ୍କ ମୃତ୍ୟୁ ଘଟିଛି।

# ବସ୍ ଧକ୍କାରେ ଜଣେ ମୃତ

ରାସୋଳ,୧୮।୪(ସଲୋଜ)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା କୁନିଆ ପଞ୍ଚାୟତ ବେଲବାହାଳି ଗ୍ରାମର ଟଙ୍କଧର ନାୟକ(୬୫) ନାମକ ଜଣେ ବ୍ୟକ୍ତି ବସ୍ ଧକ୍କାରେ ଶୁକ୍ରବାର ଅପରାହ୍ନରେ ମୃତ୍ୟୁବରଣ କରିଛନ୍ତି । ଶିବାନୀ ନାମକ ବସ୍‌ଟି ଗଣ୍ଡାନାଳୀ ଗ୍ରାମରୁ ରାସୋଳ ଆସୁଥିଲା ବେଳେ ସୁକିଆ ବାଉତୀ ଛକ ନିକଟରେ ପାଖ ଶିବ ମନ୍ଦିରରୁ ଟଙ୍କଧର ସାଇକେଲ ଧରି ବାହାରି ଆସୁଥିଲେ। ଗଡାଣି ଥିବାରୁ ବସ ସହିତ ସେ ଧକ୍କା ହୋଇଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ହିନ୍ଦୋଳ ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାସୋଳ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

# ଗଛ ଉପୁଡ଼ିଲା, ବିଦ୍ୟୁତ ତାର ଛିଣ୍ଡିଲା



ଉପୁଡି ପଡିଥିବା ଗଛକୁ କଟାଯାଉଛି।

## ଢେଙ୍କାନାଳରେ କାଳ ବୈଶାଖୀ

ଢେଙ୍କାନାଳ,୧୮।୪(ରତନ ନାୟାର)

ଢେଙ୍କାନାଳ ସହରରେ ଗୁରୁବାର ବିଳମ୍ବିତ ରାତି ଓ ଶୁକ୍ରବାର ସକାଳ ସାଢେ ୭ଟା ସମୟରେ କାଳ ବୈଶାଖୀ ଓ ପ୍ରବଳ ବର୍ଷା ହୋଇଥିଲା । ପ୍ରବଳ ପବନ ଯୋଗୁ ରାସ୍ତାଘାଟ ଓ ବିଭିନ୍ନ ଅଞ୍ଚଳରେ ଗଛ ଉପୁଡି ରାସ୍ତା ଅବରୋଧ ହେବା ସହିତ ତାର ଛିଣ୍ଡି ବିଦ୍ୟୁତ ସରବରାହ ବିଭ୍ରାଟ ହୋଇଥିଲା। ସହରସ୍ଥିତ କୁଞ୍ଜକାନ୍ତ, ଭଗବାନପୁର, ଗ୍ରାମ୍ୟ ବ୍ୟାଙ୍କ ମୁଖ୍ୟ ଶାଖା ନିକଟ, ଦେଉଳସାହି ସମେତ ସଦର ଥାନା ଭାପୁର ଫାଣ୍ଡି ବାଲ୍ୟାମ୍ବା, ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ଗେଙ୍ଗୁଟିଆ ଆଦି ଅଞ୍ଚଳରେ ଗଛ ଉପୁଡି ରାସ୍ତା ଅବରୋଧ ହୋଇଥିଲା । ଢ଼େଙ୍କାନାଳ ସହରରେ ରାତି ସାଢ଼େ ୮ଟା ପରେ ଘଡ଼ଘଡ଼ି ସହ ବର୍ଷା ପବନ ହୋଇଛି । ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି। ଜିଲ୍ଲାର ଗଁଦିଆ ଓ ଦେଓଗାଁ ଅଞ୍ଚଳରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀମାନେ ପହଞ୍ଚି ଗଛକାଟି ରାସ୍ତା ଅବରୋଧ ହଟାଇଛନ୍ତି।

# ଶାନ୍ତାବାଳାଜୀଙ୍କ ବିୟୋଗରେ କଂଗ୍ରେସର ଶୋକ

ଢେଙ୍କାନାଳ,୧୮।୪(ରତନ ନାୟାର)

ପୂର୍ବତନ ଜିଲା କଂଗ୍ରେସ ସଭାପତି ଶାନ୍ତାବାଳାଜୀଙ୍କ ବିୟୋଗରେ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଶୋକ ପ୍ରକାଶ କରାଯାଇଛି । ସହରସ୍ଥିତ ଗୋପବନ୍ଧୁ ଟାଉନ ହଲ ନିକଟରେ ଜିଲା ସଭାପତି ସୁନିଲ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ବରିଷ୍ଠ ନେତା ବିପ୍ରବର ସାହୁ, ଡା. ତୁଷାରକାନ୍ତି ନାୟକ, ବେଣୁଧର ସାହୁ, ବିନୟ କୁମାର ସାହୁ, ସମସିଦା ତାଏବ, ଶିଳ୍ପୀଶ୍ରୀ ହରିଚନ୍ଦନ, ସୁଶାନ୍ତ କୁମାର ଧଳ, ଜିତେନ୍ଦ୍ର କୁମାର ସାହୁ, ଅଖିଳ ମହାପାତ୍ର, ଅକ୍ଷୟ କୁମାର ରଥ, ମାନସ ତ୍ରିପାଠୀ, ସରୋଜ ଶତପଥୀ, ଉର୍ମିଳା ଦାସ, ସ୍ମିତାରାଣୀ ସାମଲ, ରୁମେନା ବେଗମ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିବା ସହିତ ଗଭିର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଆୟୋଜିତ ଶୋକସଭାରେ ନିରବ ପ୍ରାର୍ଥନା କରାଯାଇଥିଲା ।

# ବିବେକାନନ୍ଦ ଲୋକ ସଂସଦର ଜିଲା ସମ୍ମିଳନୀ




ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ,୧୮।୪(ରତନ ନାୟାର)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଶାଖାର ଜିଲା ସମ୍ମିଳନୀ ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ସଭାପତି ଡ. ସୁଚେତା ମିଶ୍ରଙ୍କ ସଭାପତିତ୍ୱରେ ଶାଣ୍ଡିଲ୍ୟ ବସନ୍ତ ଭବନରେ ଅନୁଷ୍ଠିତ ହୋଇଯାଇଛି । ଶଙ୍କର୍ଷଣ ଶତପଥୀ, ଅଟଳବିହାରୀ ଦାଶ, ଡକ୍ଟର ପ୍ରଫୁଲ୍ଲ କୁମାର ପାଣି ଉଦ୍‌ଘାଟକ ଭାବରେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପ୍ରଥମ ଅଧିବେସନରେ କାଦମ୍ବରୀ ମହାଖୁଡ ସଂଯୋଜନା କରିଥିବା ବେଳେ ଡ. କବିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନଟି ଜିଲା ଉପ ସଭାପତି ଅଧାପକ ଦେବରାଜ ବେହେରାଙ୍କ ସଭାପତିତ୍ୱରେ ଅଧାପକ ବିଜୟ କୁମାର ସାହୁ ସଂଯୋଜନା କରିଥିବା ବେଳେ ହୃଦାନନ୍ଦ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ । ମୋ ଗାଁ, ବିଚାର ଧାରା, ଉତ୍କଳ କଳା ସଂସ୍କୃତି ପ୍ରତିଷ୍ଠାନ, ସାହିତ୍ୟାଲୋକ, ସଂପର୍କ ସେତୁ, ଯୁବ ସଂସଦ ପ୍ରଭାତ ବିଭାଗର ଜିଲାଧକ୍ଷମାନେ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ । ତୃତୀୟ ଅଧିବେସନରେ ନିର୍ମଳା ମହାପାତ୍ରଙ୍କ ସଭାପତିତ୍ୱ କରିଥିଲେ । ସଦାନନ୍ଦ ରାଉତ ସଂଯୋଜନା କରିଥିବା ବେଳେ ଡ. ଦେବୀପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ବ୍ଲକସ୍ତରୀୟ କର୍ମକର୍ତା ଏକତ୍ରିତ ହୋଇ ଲୋକ ସଂସଦର ସାଙ୍ଗଠନିକ ସଂରଚନା ଉପରେ ଆଲୋକପାତ କରିଥିଲେ । ଉଦ୍‌ଯାପନୀ ସମାରୋହ ଚତୁର୍ଥ ଅଧିବେସନରେ ଜିଲା ସଭାପତି ଡକ୍ଟର ସୁଚେତା ମିଶ୍ରଙ୍କ ସଭାପତିତ୍ୱରେ ବସନ୍ତ ପଟ୍ଟନାୟକ ମଞ୍ଚାସୀନ ରହି ସାରଗର୍ଭକ ମତ ରଖିଥିଲେ। ନିବେଦିତା ରଥ ସଂଯୋଜନା କରିଥିବା ବେଳେ ଜିଲା ସଂପାଦକ ବିପିନ ବିହାରୀ ଶତପଥୀ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହିତ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଦେଇଥିଲେ । ଝୁନୁ ବାଳା ମିଶ୍ର ଶାନ୍ତିମନ୍ତ୍ର ପାଠ କରିଥିଲେ ।

# ଦିଲ୍ଲୀ-ଗୁଜରାଟ ମୁକାବିଲା ଆଜି

**ଅହମଦାବାଦ, ୧୮।୪(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶନିବାର ହେବାକୁଥିବା ଡବଲ ହେଡରର ପ୍ରଥମ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅନୁଷ୍ଠିତ ହେବ। ଦିଲ୍ଲୀ ଦଳ ୬ ମ୍ୟାଚରୁ ୫ ବିଜୟ ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଗୁଜରାଟ ସମାନ ସଂଖ୍ୟକ ମ୍ୟାଚ ଖେଳି ୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ପାଇଛି। ତେଣୁ ଆସନ୍ତା ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ରାଜସ୍ଥାନ ରୟାଲ୍ସ ବିପକ୍ଷରେ ନାଟକୀୟ ସୁପର ଓଭର ଜିତିବାପରେ ଦିଲ୍ଲୀ ଦଳର ଖେଳାଳିଙ୍କ ମନୋବଳ ବହୁ ଉପରେ ରହିଛି। ଚାପ ସ୍ଥିତିରେ ମିଚେଲ ଷ୍ଟାର୍କ ସୁପର ଓଭରରେ ଚମତ୍କାର ବୋଲିଂ କରି ଦଳକୁ ଜିତାଇଥିଲେ। ସୁପର ଓଭରକୁ ମିଶାଇ ଷ୍ଟାର୍କ ନିଜର ଶେଷ ୩ ଓଭରରେ ପିନ୍‌ପଏଣ୍ଟ ୟର୍କର ପକାଇଥିଲେ। ଏହା ମ୍ୟାଚର ମୋଡ଼ ବୁଲାଇଥିଲା ଏବଂ ଶେଷରେ ଦିଲ୍ଲୀକୁ ବିଜୟୀ କରିଥିଲା।


ମୁକେଶ କୁମାର ଓ ମୋହିତ ଶର୍ମାଙ୍କୁ ନେଇ ଷ୍ଟାର୍କ ଦିଲ୍ଲୀ ପେସ୍ ବାହିନୀର ନେତୃତ୍ୱ ନେଉଛନ୍ତି। ଆଗାମୀ ମ୍ୟାଚରେ ମଧ ଦିଲ୍ଲୀ ତାଙ୍କଠାରୁ ପ୍ରଭାବୀ ସ୍ପେଲ ଆଶା କରିବ। ଗୁଜରାଟ ଟାଇଟନ୍ସ ଟପ୍ ଅର୍ଡର ଅଧିନାୟକ ଶୁବମନ ଗିଲ, ସ୍ଥିର ପ୍ରଦର୍ଶନ ଦେଇ ଆସିଥିବା ସାଇ ସୁଦର୍ଶନ ଓ ଇଂଲଣ୍ଡର ଜୋସ ବଟଲରଙ୍କୁ ନେଇ ବେଶ୍ ଦୃଢ଼। ଏ ତିନି ଜଣଙ୍କ ମଧ୍ୟରୁ କେହି ନା କେହି ପ୍ରତି ମ୍ୟାଚରେ ଅର୍ଦ୍ଧଶତକ ହାସଲ କରୁଛନ୍ତି। ତେଣୁ ଷ୍ଟାର୍କଙ୍କ ପାଇଁ କାମ ସହଜ ହେବନି ନିଶ୍ଚିତ। ଗୁଜରାଟ ମିଡିଲ ଅର୍ଡର ବିଶେଷ ପରୀକ୍ଷାର ସମ୍ମୁଖୀନ ହୋଇ ନାହାନ୍ତି। ତେବେ ଲକ୍ଷ୍ନୌ ସୁପର ଜାଏଣ୍ଟ ବିପକ୍ଷରେ ମିଡିଲ ଅର୍ଡର ଫେଲ୍ ମାରିବାରୁ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ତେଣୁ ଗୁଜରାଟ ଦଳର ଟପ୍ ଅର୍ଡର ବିପର୍ଯ୍ୟୟ ଘଟାଇ ପାରିଲେ ଦିଲ୍ଲୀ ପାଇଁ ବିଜୟ ସହଜ ହୋଇପାରିବ।

ଷ୍ଟାର୍କଙ୍କ ଭଳି ମହମ୍ମଦ ସିରାଜ ଗୁଜରାଟ ଟାଇଟନ୍ସ ପାଇଁ ବେଶ୍ ପ୍ରଭାବୀ ହୋଇଛନ୍ତି। ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଥିବା ସିରାଜ ଆଇପିଏଲ୍‌ରେ ନିଜ ଦକ୍ଷତା ଦେଖାଉଛନ୍ତି। ପର୍ଯ୍ୟାପ୍ତ ବିଶ୍ରାମ ପାଇଥିବାରୁ ସତେଜ ଥିବା ସିରାଜ ଗୁଜରାଟ ପେସ୍ ବିଭାଗର ନେତୃତ୍ୱ ନେଉଛନ୍ତି। ୮.୫୦ ଇକୋନୋମିରେ ସେ ବର୍ତ୍ତମାନ ସୁଦ୍ଧା ୧୦ ଉଇକେଟ ହାସଲ କରିଛନ୍ତି। ବିଶେଷ କରି ପାୱାରପ୍ଲେରେ ସେ ପ୍ରଭାବୀ ବୋଲିଂ କରିଛନ୍ତି। ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଚଳିତ ସିଜନକୁ ବେଶ୍ ଉପଭୋଗ କରୁଛନ୍ତି। ରିଦମ ପାଇବା ପାଇଁ ସଂଘର୍ଷ କରୁଥିବା ଜ୍ୟାକ ଫ୍ରାସର-ମ୍ୟାକଗୁର୍କ ଓ ପ୍ରତିଭାସମ୍ପନ୍ନ ଅଭିଷେକ ପୋରେଲ ଦିଲ୍ଲୀ ଦଳର ଓପନିଂ କରୁଛନ୍ତି। ଯଦି ଏହି ଯୋଡ଼ି ସଫଳ ନ ହେଲା ତେବେ ଏହାପରେ ସ୍ଥିତି ସମ୍ଭାଳିବା ପାଇଁ ଅଭିଜ୍ଞ ଲୋକେଶ ରାହୁଲ ଓ କରୁଣ ନାୟାର ରହିଛନ୍ତି। ଗୁଜରାଟ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ଅକ୍ଷର ପଟେଲ ଏବେ ଦିଲ୍ଲୀ ଦଳର ଅଧିନାୟକ। ତେଣୁ ଅହମଦାବାଦ ମଧ ତାଙ୍କ ହୋମଗ୍ରାଉଣ୍ଡ। ଏଠାରେ ସେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାକୁ ପ୍ରସ୍ତୁତ।

ଉଭୟ ଦଳରେ କ୍ୱାଲିଟି ସ୍ପିନର ରହିଛନ୍ତି। ଗୁଜରାଟ ଦଳରେ ନିର୍ଭରଯୋଗ୍ୟ ସାଇ କିଶୋର ଓ ରଶିଦ ଖାଁ ଥିବାବେଳେ ଦିଲ୍ଲୀ କୁଲଦୀପ ଯାଦବ ଓ ଭିପ୍ରାଜ ନିଗମଙ୍କୁ ନେଇ ବେଶ୍ ଭଲ ପ୍ରଦର୍ଶନ କରୁଛନ୍ତି। ପୂର୍ବ ମ୍ୟାଚରେ କୁଲଦୀପ ଆହତ ହୋଇଥିଲେ। ତେଣୁ ତାଙ୍କ ଫିଟ୍‌ନେସ ସମ୍ପର୍କରେ କ୍ୟାପିଟାଲ୍ସ ପକ୍ଷରୁ କୌଣସି ଅପ୍‌ଡେଟ କରାଯାଇନାହିଁ।



ମହମ୍ମଦ ସିରାଜ ଓ ଅକ୍ଷର ପଟେଲଙ୍କ ଉପସ୍ଥିତିରେ ପିଚ୍ ନିରୀକ୍ଷଣ କରୁଛନ୍ତି ମୋହିତ ଶର୍ମା।



ବର୍ଷା ଯୋଗୁ ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ ପିଚ୍ ଓ ଆଉଟଫିଲ୍ଡକୁ କଭର କରାଯାଇଛି।

# ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ

**ବେଙ୍ଗାଲୁରୁ, ୧୮।୪**

କ୍ରମାଗତ ବର୍ଷା ଯୋଗୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଏଠାରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ ବାଧାପ୍ରାପ୍ତ ହୋଇଛି। ଝିପିଝିପି ବର୍ଷା ଲାଗିରହିବାରୁ ନିର୍ଦ୍ଧାରିତ ସମୟରେ ଟସ୍ ପଡ଼ିପାରି ନ ଥିଲା। ୧ ଘଣ୍ଟା ବିଳମ୍ବ ଅର୍ଥାତ୍ ୮ଟା ୩୦ ସୁଦ୍ଧା ଖେଳ ଆରମ୍ଭ ହୋଇପାରିଥିଲେ ପୂରା ଓଭର ମ୍ୟାଚ ସମ୍ଭବ ହୋଇଥାନ୍ତା। ମାତ୍ର ତାହା ହୋଇପାରି ନାହିଁ। ଫଳରେ ମ୍ୟାଚକୁ ନେଇ ଆଶଙ୍କା ପ୍ରକାଶ ପାଉଛି। ଆରସିବି ଏହା ପୂର୍ବରୁ ୬ ମ୍ୟାଚ ଖେଳି ୪ ବିଜୟ ଓ ୨ ପରାଜୟ ସହ ତୃତୀୟ ସ୍ଥାନରେ ରହିଛି। ଚଳିତ ସିଜନରେ ଦଳ ୪ଟି ଯାକ ବିଜୟ ବାହାର ପରିବେଶରେ ହାସଲ କରିଛି। ୨ ପରାଜୟ ଘରୋଇ ପିଚ୍‌ରେ ବରଣ କରିଛି। ଏହି ଧାରା ଭାଙ୍ଗିବାକୁ ଦଳର ଆଶା ପ୍ରତି ଶକ୍ତଧକ୍କା ଲାଗିଛି। ଅନ୍ୟପକ୍ଷରେ ପଞ୍ଜାବ ସମାନ ମ୍ୟାଚ ଖେଳି ଆରସିବି ସମକକ୍ଷ ୮ ପଏଣ୍ଟ ପାଇଛି। ଯଦି ମ୍ୟାଚ ଆଦୌ ସମ୍ଭବ ନ ହୁଏ ତେବେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ଭାଗ କରିବେ। ଏ କ୍ଷେତ୍ରରେ ଗୁଜରାଟ ଟାଇଟନ୍ସଙ୍କୁ ହରାଇ ଆରସିବି ଦ୍ୱିତୀୟ ଓ ପଞ୍ଜାବ ତୃତୀୟ ସ୍ଥାନକୁ ଉନ୍ନୀତ ହେବ। ଯଦି ୧୦ଟା ୪୧ରେ ମ୍ୟାଚ ଆରମ୍ଭ ସମ୍ଭବ ହୁଏ ତେବେ ଏହା ୫ ଓଭର ବିଶିଷ୍ଟ ହେବ। ନଚେତ୍ ମ୍ୟାଚ ବାତିଲ ହେବ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୫ | ୧ | ୧୦ | +୦.୭୪୪ |
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ପଞ୍ଜାବ କିଙ୍ଗ୍ସ | ୬ | ୪ | ୨ | ୮ | +୦.୧୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | +୦.୨୩୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୭୧୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଗୁଜରାଟ ବନାମ ଦିଲ୍ଲୀ**
ସ୍ଥାନ: ଅହମଦାବାଦ
ସମୟ: ଅପରାହ୍ନ ୩.୩୦

**ରାଜସ୍ଥାନ ବନାମ ଲକ୍ଷ୍ନୌ**
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଜାତୀୟ ଜୁନିୟର ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୮।୪ (ତପନ ସ୍ୱାଇଁ)**

ଚଳିତ ମାସ ୨୦ରୁ ୨୪ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଆକରପୁରରେ ହେବାକୁଥିବା ୪୭ତମ ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତା ପାଇଁ ମାର୍ଚ୍ଚ ୧ରୁ ପୁରୀ ଓ କେନ୍ଦୁଝରଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୩୦ଜଣ ଭାଗ ନେଇଥିବାବେଳେ ସେଥିରୁ ପ୍ରଦର୍ଶନ ଭିତ୍ତିରେ ୧୮ଙ୍କୁ ମନୋନୀତ କରାଯାଇଛି। ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିଘ୍ନେଶ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। **ଓଡ଼ିଶା ଦଳ:** ଗୌରୀ ଶଙ୍କର ଜେନା (ଅଧିନାୟକ), ସ୍ୱୟଂ ସିଦ୍ଧାର୍ଥ ପ୍ରଧାନ, ସୁପ୍ରଜିତ ବେହେରା, ଚିନ୍ମୟ ବେହେରା, ସତ୍ୟବ୍ରତ ରାଉତରାୟ, ଦିବ୍ୟରଞ୍ଜନ ସ୍ୱାଇଁ, ଅମିତ ଜେନା, ଜ୍ଞାନ ପାଣିଗ୍ରାହୀ, ହରିହର ଦଳାଇ, ଓଁକାର ବିଶ୍ୱାଳ, ଭବାନୀ ଶଙ୍କର ବେହେରା, ରାଜା ଦାସ, ସତ୍ୟଜିତ ପାଢ଼ିଲ, ଶୁଭମ ରାୟ, ପ୍ରଦ୍ୟୁମ୍ନ ଶ୍ରେଷ୍ଠ, ଧ୍ରୁବ ଗୁପ୍ତା, ତାପସ ଭୋଇ, ଆଶୁତୋଷ ପାତ୍ର। କୋଚ: ଗୌରୀ ଶଙ୍କର ମିଶ୍ର ଓ ଚନ୍ଦନ କୁମାର ପ୍ରଡ଼ି।



ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

# କିଟ୍‌ରେ ଭାରତୀୟ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଦଳର ଚୟନ ଟ୍ରାଏଲ୍ସ



ଟ୍ରାଏଲ୍ସରେ ଭାଗ ନେବାକୁ ଆସିଥିବା ଖେଳାଳି ଓ ଅଫିସିଆଲ।

**ଭୁବନେଶ୍ୱର, ୧୮।୪ (ତପନ ସ୍ୱାଇଁ)**

ଭାରତୀୟ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଦଳ ଗଠନ ପାଇଁ କିଟ୍ ପରିସରରେ ଚୟନ ଟ୍ରାଏଲ୍ସ ଶନିବାରଠାରୁ ଆରମ୍ଭ ହେବ। ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସୋସିଏସନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରମୋଦ ଭଗତ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ କୋର୍ଟରେ ଚୟନ ଟ୍ରାଏଲ୍ସ ପରେ ମନୋନୀତ ଦଳ ଜର୍ମାନୀରେ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅଂଶଗ୍ରହଣ କରିବ। ଟ୍ରାଏଲ୍ସରେ ଭାଗ ନେବାକୁ ଭାରତର ବିଭିନ୍ନ ସ୍ଥାନରୁ ୨୧୦ ଖେଳାଳି ଓ ଅଫିସିଆଲ ଆସିଛନ୍ତି। ଏହା ମଧ୍ୟରେ ମହିଳାରେ ୭୬ ଓ ପୁରୁଷରେ ୧୨୦ ଖେଳାଳି ସାମିଲ। ଟ୍ରାଏଲ୍ସରେ ପ୍ରଦର୍ଶନ ଭିତ୍ତିରେ ୬ ଜଣ ଲେଖାଏଁ ମହିଳା ଓ ପୁରୁଷ ଖେଳାଳି ଏବଂ ୫ ଅଫିସିଆଲ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଲକ୍ଷ ସେନ୍‌ଙ୍କ ପରି କେତେକ ଅନ୍ତର୍ଜାତୀୟ ଖେଳାଳି ମଧ୍ୟ ଏଥିରେ ଭାଗ ନେଉଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଆର୍ଯ୍ୟ ମାଝି, ଅବିନାଶ ମହାନ୍ତି, ହର୍ଷିତା ରାଉତ, ସୀମା ସିଂ ଏଥିରେ ଭାଗ୍ୟ ପରୀକ୍ଷା କରିବେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ସ୍ୱାଗତ କରିଛନ୍ତି। କିଟ୍ ପରିସରରେ ବ୍ୟାଡ୍‌ମିଣ୍ଟନ ବ୍ୟତୀତ ଆଥଲେଟିକ୍ସ, ଟେବୁଲ ଟେନିସ ଚୟନ ଟ୍ରାଏଲ୍ସ ଚଳିତ ମାସ ଶେଷଭାଗରେ ଅନୁଷ୍ଠିତ ହେବ। ପୂର୍ବରୁ ଆର୍ଚେରୀ, ଭଲିବଲ, ଲନ୍ ଟେନିସ ଟ୍ରାଏଲ୍ସ ଆୟୋଜନ ହୋଇ ସାରିଛି।

# ଗୁର୍ଜାପନୀତଙ୍କ ସ୍ଥାନରେ ବ୍ରେଭିସ୍‌ଙ୍କୁ ନେଲା ସିଏସ୍‌କେ

**ନୂଆଦିଲ୍ଲୀ, ୧୮।୪ (ପି.ଟି.)**

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଏହାର ଦଳରେ ଖେଳାଳି ବଦଳ କରିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟାଂଶ ପାଇଁ ଦଳ ଏହାର ଆଘାତପ୍ରାପ୍ତ ପେସ୍ ବୋଲର ଗୁର୍ଜାପନୀତ ସିଂଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ଡିୱାଲ୍ଡ ବ୍ରେଭିସ୍‌ଙ୍କ ସହ ଅନୁବନ୍ଧିତ କରିଛି। ୨୦୨୩ରେ ପଦାର୍ପଣ ପରେ ବ୍ରେଭିସ୍ ମାତ୍ର ଦୁଇଟି ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ମାତ୍ର ବିଶ୍ୱବ୍ୟାପୀ ଫ୍ରାଞ୍ଚାଇଜ୍ ଟୁର୍ଣ୍ଣାମେଣ୍ଟ ଖେଳି ସେ ସୁନାମ ଅର୍ଜନ କରିଛନ୍ତି। ସେ ଆଇପିଏଲ, ସିପିଏଲ, ଏମ୍‌ସିଏଲ୍ ଓ ସାଉଥ ଆଫ୍ରିକା ଟି୨୦ ଲିଗ୍‌ରେ ଖେଳିଛନ୍ତି। ୨୦୨୫ ସାଉଥ ଆଫ୍ରିକା ଟି୨୦ରେ ମୁମ୍ବାଇ ଇଣ୍ଡିଆନ୍ସ କେପ୍‌ଟାଉନ୍‌କୁ ପ୍ରଥମ ଟାଇଟଲ ଜିତାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଟୁର୍ଣ୍ଣାମେଣ୍ଟରେ ସେ ୬ଷ୍ଠ ସର୍ବୋଚ୍ଚ ରନ ସ୍କୋରର ଥିଲେ। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ୧୮୪.୧୭ ରହିଥିଲା। ୨୧ ବର୍ଷୀୟ ବ୍ରେଭିସ୍ ପୂର୍ବରୁ ୨୦୨୨ ଓ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସ ଦଳରୁ ମୋଟ ୧୦ଟି ମ୍ୟାଚ ଖେଳିଛନ୍ତି। ସେ ୮୧ଟି ଟି୨୦ ଖେଳିଥିବା ବେଳେ ମୋଟ ୧୭୮୭ ରନ ସ୍କୋର କରିଥିଲେ।






# କଟକ, ଭୁବନେଶ୍ୱର, ବଲାଙ୍ଗୀର ୧୦ ଉଇକେଟରେ ବିଜୟୀ

**ଭୁବନେଶ୍ୱର,୧୮।୪(ବିଜୟ ରଣା)**

ଓସିଏ ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରିଲିମିନାରୀ ଲିଗ୍-୨୦୨୫ ପ୍ରଥମ ପର୍ଯ୍ୟାୟ ଲିଗ (ଗ୍ରୁପ୍-ଏ, ବି,ସି) ଟି୨୦ ଫର୍ମାଟରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚଗୁଡ଼ିକ ମଧ୍ୟରେ କଟକ, ଭୁବନେଶ୍ୱର ଓ ବଲାଙ୍ଗୀର ୧୦ ଉଇକେଟରେ ଏବଂ ଅଞ୍ଜଳୀ ସିଂଙ୍କ ଅପରାଜିତ ଶତକ ସହାୟତାରେ ବାଲେଶ୍ୱର ୨୨୯ରନରେ ବୃହତ୍ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ୩୭ରନରେ, ବରଗଡ଼ ୫ ଉଇକେଟରେ, ସୁନ୍ଦରଗଡ଼ ୧୦୮ରନରେ ଏବଂ ଝାରସୁଗୁଡ଼ା ୩ ଉଇକେଟରେ ସେମାନଙ୍କ ବିପକ୍ଷ ଦଳକୁ ପରାସ୍ତ କରିଛନ୍ତି। ଅଡ଼ଶପୁର ଗ୍ରାଉଣ୍ଡରେ କଟକ ବିପକ୍ଷ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ୧୮.୨ ଓଭରରେ ମାତ୍ର ୪୫ରନ ସ୍କୋରରେ ଅଲ୍‌ଆଉଟ ହୋଇଥିଲା। ଜାହ୍ନବୀ ଷଡ଼ଙ୍ଗୀ ତାଙ୍କ ୩ ଓଭର ବୋଲିଂରେ ୨ମେଡେନ ସହ ୩ଉଇକେଟ ଅକ୍ତିଆର କରିଥିଲେ। କଟକ ୪.୨ ଓଭରରେ ବିନା କୌଣସି ଉଇକେଟରେ ୪୬ରନ କରି ମ୍ୟାଚ ଜିତିନେଇଥିଲା। ଜାହ୍ନବୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସନ୍‌ସାଇନ ଗ୍ରାଉଣ୍ଡରେ ନବରଙ୍ଗପୁର ୧୨ ଓଭରରେ ୩ ଉଇକେଟ ବିନିମୟରେ ମାତ୍ର ୧୧ ରନ କରିଥିଲା। ଡି/ଏଲ୍ ପଦ୍ଧତିରେ ଭୁବନେଶ୍ୱର ୩ ଓଭରରେ ୮ରନ କରି ମ୍ୟାଚ ଜିତିଥିଲା। ଏଥିରେ ବିଜୟୀ ଦଳର ବୋଲର ନିବେଦିତା ନାୟକ (୪-୩-୧-୨) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ବଲାଙ୍ଗୀର ବିପକ୍ଷ ମ୍ୟାଚରେ ମୟୂରଭଞ୍ଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ହରାଇ ମାତ୍ର ୨୮ରନ କରିଥିଲା। ଜବାବରେ ବିପକ୍ଷ ଦଳର ରାମେଶ୍ୱରୀ ନାୟକ ଓ ମୁସ୍କାନ ଗୁଣା ୨ଟି ଲେଖାଏଁ ଉଇକେଟ ନେଇଥିଲେ। ବଲାଙ୍ଗୀର ୨.୩ ଓଭରରେ ବିନା କୌଣସି ଉଇକେଟରେ ୨୯ରନ କରି ବିଜୟୀ ହୋଇଥିଲା। କଟକ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଗୋଳ ବିପକ୍ଷ ମ୍ୟାଚରେ ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଅଞ୍ଜଳୀ ସିଂଙ୍କ ଅପରାଜିତ ୧୩୬ (୭୪ ବଲ୍) ଓ ଶୁଭଲକ୍ଷ୍ମୀ ସିଂଙ୍କ ଅପରାଜିତ ୭୪ ରନ ସହାୟତାରେ ୨୪୬ରନ କରିଥିଲା। ଜବାବରେ ଅନୁଗୋଳ ଦଳ ୧୫.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୭ ରନ କରିପାରିଥିଲା। ବାଲେଶ୍ୱର ଦଳର ସଫଳ ବୋଲର ଏସ୍‌ବି ଲଲେନ୍ଦୁ ତାଙ୍କ ୩ ଓଭର ବୋଲିଂରେ ୨ ମେଡେନ ସହ ୨ ରନ ବିନିମୟରେ ୫ ଉଇକେଟ ନେଇଥିଲେ। ଅଞ୍ଜଳୀ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୧୯.୪ ଓଭରରେ ୭ ଉଇକେଟ ବିନିମୟରେ ୫୫ରନ କରିଥିଲା। ଜବାବରେ ଝାରସୁଗୁଡ଼ା ୧୩.୨ ଓଭରରେ ୭ ଉଇକେଟ ବିନିମୟରେ ୫୬ରନ କରି ମ୍ୟାଚ ୩ଉଇକେଟରେ ଜିତି ନେଇଥିଲା। ଏହି ମ୍ୟାଚରେ ବିଜୟୀ ଦଳର ସଞ୍ଜନା ପ୍ରଜାପତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖୋର୍ଦ୍ଧା ୭.୩ ଓଭରରେ ୧ ଉଇକେଟ ହରାଇ ୫୬ ରନ କରିଥିଲା। ଜବାବରେ ପାରାଦୀପ ଡି/ଏଲ୍ ପଦ୍ଧତିରେ ୭.୦ ଓଭରରେ କୌଣସି ଉଇକେଟ ନ ହରାଇ ୪୦ରନ କରିଥିଲା। ଖୋର୍ଦ୍ଧା ଡି/ଏଲ ପଦ୍ଧତିରେ ୫ ଉଇକେଟରେ ବିଜୟୀ ହୋଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ବରଗଡ଼ ଡି/ଏଲ୍ ପଦ୍ଧତିରେ ସୋନପୁରକୁ ୫ଉଇକେଟରେ ହରାଇ ଦେଇଛି। ଡ୍ରିମ୍ସ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ଡି/ଏଲ୍ ପଦ୍ଧତିରେ ନୂଆପଡ଼ାକୁ ୧୦୮ରନରେ ପରାସ୍ତ କରିଛି।

**ଅଞ୍ଜଳୀ ସିଂଙ୍କ ଅପରାଜିତ ଶତକ**



ଜାହ୍ନବୀ ଷଡ଼ଙ୍ଗୀ



ରାମେଶ୍ୱରୀ ନାୟକ



ନିବେଦିତା ନାୟକ


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ